


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI ♦VOLUME- 44 ♦ISSUE-52 ♦SATURDAY ♦15 AUGUST 2026 ♦PAGE-12 ♦₹ 7.00

୮୦ତମ ସ୍ୱାଧୀନତା ଦିବସ

♦ବର୍ଷ-୪୪ ♦ସଂଖ୍ୟା-୫୨ ♦ଶନିବାର ♦୧୫ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ବିନୟତୋଷ ମିଶ୍ର କାର୍ଯ୍ୟକାରୀ ଡିଜି



**"ସବୁ ଜଗନ୍ନାଥଙ୍କ ଆଶୀର୍ବାଦ"**

■ ଭୁବନେଶ୍ୱର, ୧୪।୮ (ସମିସ): ପୁଲିସ ଡିଜି ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କ ଅବସର ପରେ କ୍ରାଇମ୍‌ବ୍ରାଞ୍ଚ ଡିଜି ତଥା ବରିଷ୍ଠ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର ହେବେ ପରବର୍ତ୍ତୀ ଡିଜି। ରାଜ୍ୟ ପୁଲିସରେ ଏହା ସ୍ଥାୟୀ ନିଯୁକ୍ତି ନୁହେଁ। ତାଙ୍କୁ କାର୍ଯ୍ୟକାରୀ ଡିଜି ଭାବେ ରାଜ୍ୟ ସରକାର ନିଯୁକ୍ତି ଦେଇଛନ୍ତି। ତାଙ୍କ ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ଅନୁମୋଦନ ଦେଇଛନ୍ତି। ପ୍ରକାଶ ସିଂ ଗାଇଡ ଲାଇନ୍‌ର ଉଲଙ୍ଘନ କରିବା ଅଭିଯୋଗରେ ରାଜ୍ୟ ସରକାରଙ୍କ ଡିଜିପି ଚୟନ ମାମଲା ସୁପ୍ରିମ୍‌କୋର୍ଟଙ୍କ ବିଚାରାଧୀନ ରହିଛି। ୟୁପିଏସ୍‌ସି ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଡିଜିପି ଚୟନ ନେଇ ୟୁପିଏସ୍‌ସିର ବୈଠକ ଉପରେ ସୁପ୍ରିମ୍‌କୋର୍ଟ ସମ୍ପୂର୍ଣ୍ଣ ଭାବେ ରୋକ ଲଗାଇଛନ୍ତି। ସ୍ଥାୟୀ ଡିଜିପି ଚୟନକୁ ନେଇ ଅଦାଲତି କଟକଣା ଲାଗିଥିଲା ▶ପୃଷ୍ଠା-୭

## 'ସକାଳ'ର ଛୁଟି

ପବିତ୍ର ସ୍ୱାଧୀନତା ଦିବସ ଅବସରରେ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ୧୬ ତାରିଖ ସଂସ୍କରଣ ବନ୍ଦ ରହିବ। ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ (ସୋମବାର) ପ୍ରକାଶ ପାଇବ।

-ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ

### ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର ହ୍ରାସ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

# ସର୍ବଦଳୀୟ ବୈଠକ, ସ୍ୱତନ୍ତ୍ର ଅଧିବେଶନ ବସୁ

**ସଂଶୋଧିତ ଆଇନ ବିରୋଧରେ ବିଧାନସଭାରେ ପାରିତ ହେଉ ସର୍ବସମ୍ମତ ପ୍ରସ୍ତାବ**

**ରାଜ୍ୟର ଆର୍ଥିକ ସ୍ୱାୟତ୍ତତାକୁ ଦୁର୍ବଳ କରିବ ଖଣିଜ ସମ୍ପଦରେ ସେସ୍ ଲାଗୁ କ୍ଷମତାରେ ଅଂକୁଶ**

**ଓଡ଼ିଶାର ପ୍ରାକୃତିକ ସମ୍ପଦ ରାଜ୍ୟବାସୀଙ୍କର, ସଂଶୋଧିତ ବ୍ୟବସ୍ଥାରେ ଓଡ଼ିଶା ପ୍ରଭାବିତ ହେବ**

■ଭୁବନେଶ୍ୱର, ୧୪।୮ (ସମିସ): ସଂସଦରେ ସଦ୍ୟ ପାରିତ ମାଇନ୍ସ ଆଣ୍ଡ ମିନେରାଲ୍ସ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ) ସଂଶୋଧନ ବିଲ୍, ୨୦୨୬କୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏହି ବିଲ୍ ଓଡ଼ିଶାର ଆର୍ଥିକ ସ୍ୱାୟତ୍ତତାରେ ଅଙ୍କୁଶ ଓ ଖଣିଜ ସମ୍ପଦ ଉପରେ ରାଜ୍ୟର ସାମ୍ବିଧାନିକ ଅଧିକାର ହ୍ରାସ ବୋଲି ଉଲ୍ଲେଖ କରି ଏଥିନିମନ୍ତେ ତୁରନ୍ତ ସର୍ବଦଳୀୟ ବୈଠକ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡ଼ାକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ରାଜ୍ୟର ଆର୍ଥିକ ଅଧିକାର ହାନି ଆଶଙ୍କା ଥିବାରୁ ରାଜ୍ୟସଭାରେ ବିଜେଡି ସାଂସଦମାନେ ବିଲ୍‌କୁ ଦୃଢ଼ ବିରୋଧ କରିଥିଲେ; ମାତ୍ର କେନ୍ଦ୍ର ସରକାର ଏହି ବିଲ୍ ପାରିତ କରିଛନ୍ତି ବୋଲି ନବୀନ କହିଛନ୍ତି ।



ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ନବୀନ କହିଛନ୍ତି ଯେ ସଂଶୋଧିତ ବ୍ୟବସ୍ଥା ଦ୍ୱାରା ଖଣିଜ ସମୃଦ୍ଧ ରାଜ୍ୟ ଯଥା ଓଡ଼ିଶା ଭଳି ରାଜ୍ୟ ଅଧିକ ପ୍ରଭାବିତ ହେବ। ଏହା ଫଳରେ ରାଜ୍ୟ ବ୍ୟାପକ ରାଜସ୍ୱ ହରାଇବା ସହ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟ ପ୍ରଭାବିତ ହେବ। ଧାରା ୨ରେ ପରିବର୍ତ୍ତନ ମାଧ୍ୟମରେ କେନ୍ଦ୍ରର ନିୟନ୍ତ୍ରଣ କେବଳ ଖଣି ପରିଚାଳନାରେ ସୀମିତ ନ ରହି 'ଖଣିଜ ବହନକାରୀ ଜମି' ପର୍ଯ୍ୟନ୍ତ ବିସ୍ତାର କରାଯାଇଛି। ଏହା ରାଜ୍ୟର ଜମି ଓ ଆର୍ଥିକ ଅଧିକାର ଉପରେ କେନ୍ଦ୍ରର ହସ୍ତକ୍ଷେପ ବଢ଼ାଇବ। ସେହିପରି ଧାରା ୯-ଡି ଅନୁଯାୟୀ, କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତୀତ ଖଣିଜ ଅଧିକାର କିମ୍ବା ଖଣିଜ ଭିତ୍ତିକ ଜମି ଉପରେ ରାଜ୍ୟ ସରକାର କର, ସେସ୍ କିମ୍ବା ସମାନ ପ୍ରକାରର ଶୁଳ୍କ ଲାଗୁ କରିପାରିବ ନାହିଁ। ଏଥିସହ ଧାରା ୧୩ ର ସଂଶୋଧନ ମାଧ୍ୟମରେ ଖଣିଜ ପଦାର୍ଥ ଉପରେ ରାଜ୍ୟର କର ଲାଗୁ କରିବାର କ୍ଷମତାକୁ ସୀମିତ କରିବା ପାଇଁ ନିୟମ ପ୍ରଣୟନର ଅଧିକାର କେନ୍ଦ୍ରକୁ ଦିଆଯାଇଛି। ▶ପୃଷ୍ଠା-୭

# ୨୦୨୭ ଜନଗଣନା ପାଇଁ ୪୦ଟି ପ୍ରଶ୍ନ

■ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଆସନ୍ତା ୨୦୨୭ ମସିହା ଜନଗଣନାର ଜନସଂଖ୍ୟା ଗଣନା ପର୍ଯ୍ୟାୟ ପାଇଁ କେନ୍ଦ୍ର ସରକାର ୪୦ଟି ନିର୍ଦ୍ଦିଷ୍ଟ ପ୍ରଶ୍ନର ଭାଲିଡେସନ୍ ଓ ଅନୁମୋଦନ କରିଛନ୍ତି। ରେଜିଷ୍ଟ୍ରାର ଜେନେରାଲ୍ ଏବଂ ଜନଗଣନା କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣଙ୍କ ଦ୍ୱାରା ଜାରି ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ଜନଗଣନା ଅଧିକାରୀମାନେ ପରିବାର ଅନୁସୂଚୀ (ହାଉସହୋଲ୍ଡ ସେଡ୍ୟୁଲ୍) ମାଧ୍ୟମରେ ଏହି ସବୁ ତଥ୍ୟ ସଂଗ୍ରହ କରିବେ। ଏହି ଜନଗଣନାରେ ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନ୍ୟାନ୍ୟ ଜାତି ସମ୍ପର୍କିତ ତଥ୍ୟ ସହିତ ମାତା-ପିତାଙ୍କ ବିବରଣୀ, ଭିନ୍ନକ୍ଷମତା, ଜନ୍ମସ୍ଥାନ, ପ୍ରବାସର କାରଣ ଓ ଅବଧି ଆଦି ପ୍ରଶ୍ନ ସାମିଲ ରହିଛି। ଏହା ବ୍ୟତୀତ ନାମ, ବୟସ, ଲିଙ୍ଗ, ବୈବାହିକ ସ୍ଥିତି, ଧର୍ମ, ମାତୃଭାଷା, ଶିକ୍ଷାଗତ ଯୋଗ୍ୟତା, ବୃତ୍ତି, ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ୍ ନମ୍ବର, ଆଧାର ନମ୍ବର, ଭୋଟର ଆଇଡି, ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ଏବଂ କୋଭିଡ୍-୧୯ ଟିକାକରଣ ସମ୍ପର୍କିତ ବିବରଣୀ ମଧ୍ୟ ସଂଗ୍ରହ କରାଯିବ। ମହିଳାମାନଙ୍କ କ୍ଷେତ୍ରରେ ସେମାନଙ୍କ ସନ୍ତାନସନ୍ତତି ସଂଖ୍ୟା ସମ୍ପର୍କରେ ମଧ୍ୟ ପଚରାଯିବ। ଜନଗଣନା ଆଇନ୍, ୧୯୪୮ ଅନୁଯାୟୀ ସରକାରୀ ଯୋଜନା ଓ ନୀତି ପ୍ରଣୟନକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ବିସ୍ତୃତ ତଥ୍ୟ ସଂଗ୍ରହ ପ୍ରକ୍ରିୟା ପରିଚାଳିତ ହେବ।

**ଜାତି, ଆଧାର ସମ୍ପର୍କିତ ତଥ୍ୟ ସଂଗ୍ରହ କରାଯିବ**

# ଉତ୍ତର ଓଡ଼ିଶାରେ ଦ୍ୱିତୀୟ ବନ୍ୟା

**୬ ଜିଲ୍ଲାରେ ୨ ଲକ୍ଷ ଲୋକ ପ୍ରଭାବିତ**

**ସବୁ ପ୍ରମୁଖ ନଦୀରେ ବଢ଼ିଛି ଜଳସ୍ତର**

**ଆଜିଠୁ କମିବ ବର୍ଷା, ୧୯ରେ ପୁଣି ଲଘୁଚାପ**

■ ଭୁବନେଶ୍ୱର, ୧୪।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ଏଥିଜନିତ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ପୁଣି ଥରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ବନ୍ୟାର ପାଣି ସମ୍ପୂର୍ଣ୍ଣ ନ ଛାଡୁଣୁ, ପୁଣି ଥରେ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ଉତ୍ତର ଓଡ଼ିଶାବାସୀଙ୍କ ପାଇଁ ବେଡ଼ି ଉପରେ କୋରଡ଼ା ମାଡ଼ ସାଜିଛି। ଏବେ ଉତ୍ତର ଓଡ଼ିଶାର ପ୍ରମୁଖ ନଦୀ, ବୈତରଣୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା ଓ ଜଳକା ଆଦି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ଏହାର ପରିଣାମ ସ୍ୱରୂପ ଏହି ନଦୀକୂଳିଆ ଲୋକେ ପୁଣି ଥରେ ବନ୍ୟା ଘେରକୁ ଆସିଛନ୍ତି। ସନ୍ଧ୍ୟା ୫ ଟା ସୁଦ୍ଧା ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନରଙ୍କ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ ଏବେ ସୁଦ୍ଧା ରାଜ୍ୟର ୬ ଜିଲ୍ଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବାଲେଶ୍ୱର, ଭଦ୍ରକ, ▶ପୃଷ୍ଠା-୭


डाक जीवन बीमा
Postal Life Insurance
ग्रामीण डाक जीवन बीमा
Rural Postal Life Insurance
सत्यमेव जयते
Government of India
भारतीय डाक
डाक सेवा-जन सेवा
India Post
Dak Sewa-Jan Sewa

ଡାକ ଜୀବନ ବୀମା ଓ ଗ୍ରାମୀଣ ଡାକ ଜୀବନ ବୀମା

କମ୍ ପ୍ରିମିୟମ | ଅଧିକ ବୋନସ

ସୁରକ୍ଷିତ ଜୀବନ ସୁନିଶ୍ଚିତ ସମୃଦ୍ଧି


ଡାକ ଜୀବନ ବୀମା


ଗ୍ରାମୀଣ ଡାକ ଜୀବନ ବୀମା

ବିଶେଷ ବୈଶିଷ୍ଟ୍ୟ

- ସରକାର-ସମର୍ଥିତ ସୁରକ୍ଷା ଏବଂ ବିଶ୍ୱସନୀୟତା
- ଯେକୌଣସି ସରକାରୀ କର୍ମଚାରୀ ତଥା ସ୍ନାତକ/ ଡିପ୍ଲୋମା ପ୍ରମାଣପତ୍ରଧାରୀମାନେ ଡାକ ଜୀବନ ବୀମା କରିବା ପାଇଁ ଯୋଗ୍ୟ
- ଆୟକର ପ୍ରଦାନ କ୍ଷେତ୍ରରେ ପ୍ରିମିୟମ ଜମା ଉପରେ ରିହାତି
- ଗ୍ରାମୀଣ ଜନସାଧାରଣଙ୍କ ପାଇଁ ଗ୍ରାମୀଣ ଡାକ ଜୀବନ ବୀମା ଉପଲବ୍ଧ
- ଡାକ ଜୀବନ ବୀମା ଏବଂ ଗ୍ରାମୀଣ ଡାକ ଜୀବନ ବୀମା ପ୍ରିମିୟମ ଜମା ଉପରେ 0 % GST
- ଅନଲାଇନ ଏବଂ NACH ମାଧ୍ୟମରେ ପ୍ରିମିୟମ୍ ଦେୟ ପ୍ରଦାନ କରିବାର ସୁବିଧା
- ଋଣ ପ୍ରଦାନ ତଥା ଅବଧି ଓ ପ୍ରକାର ପରିବର୍ତ୍ତନ ବ୍ୟବସ୍ଥା

BHIM UPI
PhonePe G Pay
Paytm SBI Unipay
ମାଧ୍ୟମରେ କ୍ଷଣକରେ ନିଜର ପ୍ରିମିୟମ ଜମା କରିବାର ସୁବିଧା

#InsuranceHo TohPostalHo

ସବିଶେଷ ବିବରଣୀ ପାଇଁ ନିକଟସ୍ଥ ଡାକଘର ସହିତ ଯୋଗାଯୋଗ କରନ୍ତୁ
ୱେବ୍ ସାଇଟ୍: www.indiapost.gov.in
ଟେଲିଫୋନ: ୦୬୭୪-୨୩୯୫୧୯୩ / ଟୋଲ୍ ଫ୍ରି: ୧୮୦୦ ୨୬୬ ୬୮୬୮

ସୌଜନ୍ୟ: ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ, ଓଡ଼ିଶା ପରିମଣ୍ଡଳ, ଭୁବନେଶ୍ୱର- ୭୫୧୦୦୧



15001/88/2627



ପବିତ୍ର ସ୍ୱାଧୀନତା ଦିବସ-୨୦୨୬ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପରଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)





୮୦ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇ ଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆମ ଦେଶର ପ୍ରତ୍ୟେକ ନାଗରିକ ମହାନ୍ ଭାରତୀୟ ମୌଳିକ ମୂଲ୍ୟବୋଧର ଆଦର୍ଶରେ ଅନୁପ୍ରାଣିତ। ସେହି ମୂଲ୍ୟବୋଧ ଆମକୁ ରାଷ୍ଟ୍ର ନିର୍ମାଣ ପାଇଁ ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିଚାଲିଛି। ରାଜ୍ୟର ସମୃଦ୍ଧି ଓ ଦେଶର ବିକାଶ ଆମ ସମସ୍ତଙ୍କ ଏକମାତ୍ର ଲକ୍ଷ୍ୟ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହୋଇ କାମ କରିବା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0088

## ବାଂଲା ପ୍ରଧାନମନ୍ତ୍ରୀ ତାରିକ୍ ରହମାନ୍‌ଙ୍କ ପ୍ରଥମ ଭାରତ ଗସ୍ତ ଆସନ୍ତା ସପ୍ତାହରେ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବାଂଲାଦେଶରେ କ୍ଷମତାସୀନ ହେବା ପରେ ପ୍ରଧାନମନ୍ତ୍ରୀ ତାରିକ୍ ରହମାନ୍ ଆସନ୍ତା ସପ୍ତାହରେ ନିଜର ପ୍ରଥମ ଭାରତ ଗସ୍ତରେ ଆସିବେ। ଦୁଇ ଦିନିଆ ଏହି ଦ୍ୱିପାକ୍ଷିକ ଗସ୍ତ ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ଏହି ବୈଠକରେ ଦ୍ୱିପାକ୍ଷିକ ବାଣିଜ୍ୟ, ଆଞ୍ଚଳିକ ସୁରକ୍ଷା, ଜଳ ବଣ୍ଟନ, ଶକ୍ତି କ୍ଷେତ୍ରରେ ସହଯୋଗ ଓ ସୀମା ପରିଚାଳନା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚର୍ଚ୍ଚା ହେବାର ସମ୍ଭାବନା ରହିଛି। ବିଶେଷ କରି ୧୯୯୬ ମସିହାର ଗଙ୍ଗା ଜଳ ବଣ୍ଟନ ଚୁକ୍ତିର ଅବଧି ଚଳିତ ବର୍ଷ ଡିସେମ୍ବରରେ ଶେଷ ହେବାକୁ ଯାଉଥିବାରୁ ଏହାର ନବୀକରଣ ପ୍ରସଙ୍ଗ ପ୍ରମୁଖ ସ୍ଥାନ ଗ୍ରହଣ କରିବ। ଏହାବ୍ୟତୀତ ଶେଖ୍ ହସିନାଙ୍କ ପ୍ରତ୍ୟାର୍ପଣ ଦାବିକୁ ନେଇ ସୃଷ୍ଟ ତିକ୍ତତା ମଧ୍ୟରେ ଏହି ଶୀର୍ଷସ୍ତରୀୟ ବୈଠକ ଦୁଇ ଦେଶର ସମ୍ପର୍କକୁ ପୁନଃ ସ୍ୱାଭାବିକ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହେବ।

## ଆର୍‌ଜି କର ମାମଲା: ପୂର୍ବତନ ଟିଏମ୍‌ସି ବିଧାୟକ ନିର୍ମଳ ଘୋଷଙ୍କୁ ଆକ୍ରମଣ, ଚପଲ, ଅଣ୍ଡା ମାଡ଼

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଆର୍‌ଜି କର ଦୁଷ୍କର୍ମ ଓ ହତ୍ୟା ମାମଲାର ପୀଡ଼ିତାଙ୍କ ଶବଦାହ ତରବରିଆ ଭାବେ କରିବା ଅଭିଯୋଗରେ ଗିରଫ ହୋଇଥିବା ପୂର୍ବତନ ତୃଣମୂଳ କଂଗ୍ରେସ ବିଧାୟକ ନିର୍ମଳ ଘୋଷଙ୍କୁ ଉତ୍ତ୍ୟକ୍ତ ଲୋକେ ଆକ୍ରମଣ କରିଛନ୍ତି। ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାସ୍ଥିତ ଖରଦହ ଥାନା ବାହାରେ ପୁଲିସ ସୁରକ୍ଷା ବଳୟ ଭାଙ୍ଗି ଉତ୍ତ୍ୟକ୍ତ ଜନତା ତାଙ୍କ ଉପରକୁ ଚପଲ, ଅଣ୍ଡା ଓ କାଦୁଅ ମାଡ଼ କରିଛନ୍ତି। ନିର୍ମଳଙ୍କୁ କୋର୍ଟରେ ହାଜର କରିବା ପାଇଁ ନିଆଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ପୁଲିସ ରାପିଡ୍ ଆକ୍ସନ୍ ଫୋର୍ସ କର୍ମଚାରୀମାନେ ତାଙ୍କୁ ସୁରକ୍ଷା ଦେବା ପାଇଁ ହେଲମେଟ୍ ପିନ୍ଧାଇ ଗାଡ଼ି ନିକଟକୁ ନେଇଥିଲେ। ବାରାକପୁର କୋର୍ଟ ପରିସରରେ ମଧ୍ୟ ଲୋକମାନେ ତାଙ୍କ ବିରୋଧରେ ନାରାବାଜି କରିଥିଲେ। ଏହି ମାମଲାରେ ପୀଡ଼ିତାଙ୍କ ପିତାଙ୍କ ନୂତନ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିଛି। ନିର୍ମଳ ଘୋଷ ଏବଂ ତାଙ୍କ ସହଯୋଗୀ ସଞ୍ଜୀବ ମୁଖାର୍ଜୀ ତରବରିଆ ଭାବେ ଶବଦାହ କରାଇଥିବା ଅଭିଯୋଗ ହୋଇଛି।

## ବ୍ରିକ୍ସ ସମ୍ମିଳନୀ ପାଇଁ ଭାରତ ଆସିବେ ଇରାନ ରାଷ୍ଟ୍ରପତି ପେଜେସ୍କିଆନ୍

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ପଶ୍ଚିମ ଏସିଆରେ ବୃଦ୍ଧି ପାଉଥିବା ସାମରିକ ଓ କୂଟନୈତିକ ଉତ୍ତେଜନା ମଧ୍ୟରେ ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ସେପ୍ଟେମ୍ବର ମାସରେ ଭାରତ ଗସ୍ତ କରିବେ। ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଅଷ୍ଟାଦଶ ବ୍ରିକ୍ସ ଶିଖର ସମ୍ମିଳନୀରେ ସେ ଯୋଗଦେବେ ବୋଲି ଇରାନ ସୂତ୍ରରୁ ପ୍ରକାଶ ପାଇଛି। ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ଇରାନ ଆଶାପ୍ରକଟ କରିଛି। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି ଯେ ସାମରିକ ପନ୍ଥା ନୁହେଁ, ବରଂ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ସମ୍ଭବ। ଭାରତର କୂଟନୈତିକ ହସ୍ତକ୍ଷେପକୁ ଇରାନ ସ୍ୱାଗତ କରିବ। ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଏବଂ ହର୍ମୁଜ୍ ପ୍ରଣାଳୀର ସୁରକ୍ଷା ନେଇ ମଧ୍ୟ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ହୋଇଛି। ୨୦୨୪ରେ ଇରାନ ବ୍ରିକ୍ସର ପୂର୍ଣ୍ଣ ସଦସ୍ୟତା ହାସଲ କରିଥିଲା।

## ସ୍ୱାମୀଙ୍କ ବନ୍ଧୁକରୁ ଗୁଳିକରି ମହିଳାଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଉତ୍ତର ପ୍ରଦେଶର ସାହାରନପୁର ଜିଲ୍ଲାରେ ଜଣେ କନଷ୍ଟେବଲଙ୍କ ସ୍ତ୍ରୀ ସ୍ୱାମୀଙ୍କ ସରକାରୀ ବନ୍ଧୁକରୁ ନିଜକୁ ଗୁଳି ମାରି ଆତ୍ମହତ୍ୟା କରିଥିବା ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସଦର ବଜାର ଥାନା ଅନ୍ତର୍ଗତ ହକିକତ ନଗର ଅଞ୍ଚଳରେ କନଷ୍ଟେବଲ ଟିଙ୍କୁ ସିଂହ ନିଜ ପରିବାର ସହ ଭଡ଼ା ଘରେ ରହୁଥିଲେ। ସ୍ୱାମୀ ଗାଧୋଉଥିବା ସମୟରେ ତାଙ୍କ ୩୨ ବର୍ଷୀୟା ସ୍ତ୍ରୀ ସବିତା ସରକାରୀ ବନ୍ଧୁକରୁ ନିଜ ବେକକୁ ଗୁଳି ମାରିଥିଲେ। ଗୁଳି ଶବ୍ଦ ଶୁଣି ପଡ଼ୋଶୀମାନେ ରୁଣ୍ଡ ହୋଇଥିଲେ ମଧ୍ୟ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ଘଟିଥିଲା। ଘଟଣାର ଖବର ପାଇ ସାହାରନପୁର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଅଭିନନ୍ଦନ ସିଂହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିବାରିକ କଳହ କିମ୍ବା ମାନସିକ ତ୍ରାସ ଭଳି ସମସ୍ତ ସମ୍ଭାବ୍ୟ କାରଣକୁ ନେଇ ପୁଲିସ ସ୍ୱାମୀ, ପଡ଼ୋଶୀ ଓ ଘରମାଲିକଙ୍କୁ ପଚରାଉଚରା ଜାରି ରଖିଛି।

### ବିକଶିତ ଭାରତ ୨୦୪୭ ପାଇଁ ରାଷ୍ଟ୍ରପତିଙ୍କ ଆହ୍ୱାନ

# ସନ୍ତ୍ରାସବାଦ ବିରୋଧୀ ପଦକ୍ଷେପ ଓ ଆର୍ଥିକ ଅଭିବୃଦ୍ଧିକୁ ଗୁରୁତ୍ୱ



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଭାରତର ୮୦ତମ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଭାରତ ଭାବେ ଗଢ଼ିତୋଳିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଦେଶ ଦ୍ରୁତ ଗତିରେ ଅଗ୍ରସର ହେଉଥିବା ବେଳେ ସେ ଜାତୀୟ ସୁରକ୍ଷା, ଅର୍ଥନୀତି ଏବଂ ସାମାଜିକ ନ୍ୟାୟକ୍ଷେତ୍ରରେ ସରକାରଙ୍କ ପ୍ରାଥମିକତା ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ ପାକିସ୍ତାନର ଆତଙ୍କବାଦୀ କାର୍ଯ୍ୟକଳାପ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ଦେଶ ବିରୋଧରେ ସିନ୍ଧୁ ଜଳ ଚୁକ୍ତିର ସ୍ଥଗିତାଦେଶକୁ ଏକ ନିର୍ଣ୍ଣାୟକ ଓ ସାହସିକ ପଦକ୍ଷେପ ଭାବେ ବର୍ଣ୍ଣନା କରିଥିଲେ। ଏହି ନିଷ୍ପତ୍ତି ବିଶେଷ କରି ଭାରତୀୟ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିଆଯାଇଥିବା ସେ କହିଛନ୍ତି। ସେ ଚେତାବନୀ ଦେଇଛନ୍ତି ଯେ, ଆତଙ୍କବାଦୀ ଏବଂ ସେମାନଙ୍କୁ ସମର୍ଥନ କରୁଥିବା ବ୍ୟକ୍ତିମାନେ ଯେଉଁଠି ଲୁଚିଲେ ମଧ୍ୟ ସେମାନଙ୍କୁ କଠୋର ପରିଣାମ ଭୋଗିବାକୁ ପଡ଼ିବ। 'ଅପରେସନ ସିନ୍ଦୂର' ଭାରତୀୟ ସଶସ୍ତ୍ର ବାହିନୀର ଶତ୍ରୁ ଉପରେ ସଠିକ ଆକ୍ରମଣ କରିବାର କ୍ଷମତାର ପ୍ରମାଣ ବୋଲି ସେ ପ୍ରକାଶ କରିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ସେ ସାମରିକ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର କର୍ମଚାରୀଙ୍କ ପାଇଁ ୭୮ଟି ବୀରତ୍ୱ ପୁରସ୍କାର ମଧ୍ୟ ଅନୁମୋଦନ କରିଛନ୍ତି। ବିଶ୍ୱସ୍ତରୀୟ ଅସ୍ଥିରତା ଏବଂ ଯୁଦ୍ଧ ପରିସ୍ଥିତି ସତ୍ତ୍ୱେ ଭାରତର ଅର୍ଥନୀତି ବିଶ୍ୱର ହାରାହାରି ଅଭିବୃଦ୍ଧି ହାରଠାରୁ ୨ ଗୁଣ ଅଧିକ ବେଗରେ ବୃଦ୍ଧି ପାଉଛି। ଗତ ଏକ ଦଶନ୍ଧିରେ ଦେଶର ୨୫ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି। ଏହା ବ୍ୟତୀତ ଜନ ଧନ ଯୋଜନା ଅଧୀନରେ ୫୯ କୋଟିରୁ ଅଧିକ ବ୍ୟାଙ୍କ ଖାତା ଖୋଲାଯାଇଛି। ସେମାନଙ୍କ ମଧ୍ୟରେ ୩୨ କୋଟିରୁ ଅଧିକ ମହିଳା ରହିଛନ୍ତି। ୮୦ କୋଟି ହିତାଧିକାରୀଙ୍କୁ ମାଗଣା ରାସନ ଜରିଆରେ ଖାଦ୍ୟ ସୁରକ୍ଷା ନିଶ୍ଚିତ କରାଯାଉଛି। ଆୟୁଷ୍ମାନ ଭାରତ ଯୋଜନାରେ ୬୦ କୋଟି ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଦେଶକୁ ନକ୍ସଲମୁକ୍ତ କରିବାକୁ ରାଷ୍ଟ୍ରପତି ଏକ ବଡ଼ ସଫଳତା ଭାବେ ଦର୍ଶାଇଛନ୍ତି। ବିଶେଷକରି ବସ୍ତର ଭଳି ଅଞ୍ଚଳରେ ଦ୍ରୁତ ବିକାଶ ଓ ସାଂସ୍କୃତିକ ପରିବର୍ତ୍ତନ ହେଉଥିବା ସେ ଉଲ୍ଲେଖ କରିଛନ୍ତି। ନ୍ୟାୟିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ, ସମ୍ବଳ ଅଭାବରୁ କେହି ନ୍ୟାୟରୁ ବଞ୍ଚିତ ନ ହେବା ନ୍ୟାୟିକ ଅଧିକାରୀମାନେ ସୁନିଶ୍ଚିତ କରିବା ଉଚିତ୍। ଭାରତ ଆଜି ବିଶ୍ୱର ଡିଜିଟାଲ କାରବାର କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ବିଶ୍ୱର ଅଧାରୁ ଅଧିକ ରିଅଲ-ଟାଇମ ଡିଜିଟାଲ କାରବାର କେବଳ ଭାରତରେ ହେଉଛି। ଏହି ଅବସରରେ ରାଷ୍ଟ୍ରପତି ଯୁବପିଢ଼ିଙ୍କୁ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ଭାବେ ବର୍ଣ୍ଣନା କରିଥିଲେ। ଏଥିସହ ପରୀକ୍ଷା ପରିଚାଳନାରେ ସଂସ୍କାର ନିମନ୍ତେ ସରକାରଙ୍କ ପଦକ୍ଷେପ ବିଷୟରେ ସୂଚନା ଦେଇଥିଲେ। ଏଥିସହିତ ସେ ଦେଶରେ ଖେଲୋ ଇଣ୍ଡିଆର ସକରାତ୍ମକ ଦିଗ ବିଷୟରେ ଆଲୋକପାତ କରିଥିଲେ। ଲକ୍ଷପତି ଦିଦି, ମାଁ ପାଇଁ ଗଛଟିଏ ଭଳି ଲୋକାଭିମୁଖୀ ପଦକ୍ଷେପର ସେ ପ୍ରଶଂସା କରିଥିଲେ। ଅଭିଭାଷଣର ଶେଷରେ ରାଷ୍ଟ୍ରପତି ଆଜିର ଦିନକୁ 'ବିଭାଜନ ବିଭୀଷିକା ସ୍ମୃତି ଦିବସ' ଭାବେ ମନେ ପକାଇଥିଲେ। ସେ ଦେଶର ଅଖଣ୍ଡତା ତଥା ସମ୍ବିଧାନର ମୂଲ୍ୟବୋଧକୁ ବଜାୟ ରଖିବାକୁ ସମସ୍ତ ନାଗରିକଙ୍କୁ ଆହ୍ୱାନ କରିଛନ୍ତି।

## ବିଦେଶରେ ଆକ୍ରମଣ: ୫ ବର୍ଷରେ ୭ ଗୁଣ ବୃଦ୍ଧି ପାଇଲା ଭାରତୀୟଙ୍କ ଉପରେ ହିଂସା

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ବିଦେଶରେ ରହୁଥିବା ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ନେଇ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଗତ ୫ ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ଉପରେ ଆକ୍ରମଣ ଘଟଣା ପ୍ରାୟ ୭ ଗୁଣ ବୃଦ୍ଧି ପାଇଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ରାଜ୍ୟସଭାରେ ପ୍ରକାଶ କରିଛି। ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ସୂଚନା ଅନୁଯାୟୀ, ୨୦୨୧ରେ ୧୫ଟି ଆକ୍ରମଣ ମାମଲା ସାମ୍ନାକୁ ଆସିଥିବା ବେଳେ ୨୦୨୫ରେ ଏହା ବୃଦ୍ଧି ପାଇ ୧୦୪ରେ ପହଞ୍ଚିଛି। ୨୦୨୧ରୁ ୨୦୨୫ ମଧ୍ୟରେ ସମୁଦାୟ ୩୦୨ଟି ହିଂସାକାଣ୍ଡ ଘଟିଛି। ସର୍ବାଧିକ ଆକ୍ରମଣ ମାମଲା ଆମେରିକା (୩୩), ୟୁଏଇ (୩୨), ବ୍ରିଟେନ୍ (୩୧), କାନାଡ଼ା (୩୦), ଆୟରଲାଣ୍ଡ (୨୪), ରୁଷ (୨୩) ଏବଂ ଜର୍ମାନୀ (୧୯) ଭଳି ଦେଶଗୁଡ଼ିକରେ ରେକର୍ଡ କରାଯାଇଛି। ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି ଯେ ବିଦେଶରେ ଭାରତୀୟ ନାଗରିକଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା। ଭାରତୀୟ ଦୂତାବାସଗୁଡ଼ିକ ଏହିପରି ଘଟଣା ଉପରେ ନଜର ରଖିଛନ୍ତି ଏବଂ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ଦେଶର ପ୍ରଶାସନ ସହ ଆଲୋଚନା କରୁଛନ୍ତି।

● ରାସ୍ତାରେ ଚନ୍ଦ୍ର ଓ ମଙ୍ଗଳର ଗର୍ତ୍ତ!

## ମହାକାଶଚାରୀ ବେଶରେ ଶତାଧିକ ଲୋକଙ୍କ ଅଭିନବ ପ୍ରତିବାଦ

ଜୟପୁର, ୧୪।୮ (ଏଜେନ୍ସି): ବିନା ମହାକାଶ ଯାତ୍ରାରେ ଚନ୍ଦ୍ରପୃଷ୍ଠର ଅନୁଭୂତି! ରାଜସ୍ଥାନର ଜୟପୁରସ୍ଥିତ ଝୋଟୱାଡ଼ା ଅଞ୍ଚଳରେ ଖରାପ ରାସ୍ତା ଓ ବଡ଼ ବଡ଼ ଖାଲଖମାକୁ ନେଇ ସ୍ଥାନୀୟ ଅଧିବାସୀମାନେ ଏକ ଅଭିନବ ପ୍ରତିବାଦ କରିଛନ୍ତି। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦା ଏକାଠି ହୋଇ ରାସ୍ତାରେ ଥିବା ପାଣିପୂର୍ଣ୍ଣ ଖାଲଗୁଡ଼ିକୁ ଚନ୍ଦ୍ରପୃଷ୍ଠର ଗାତ (କ୍ରେଟର) ସହ ତୁଳନା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଝୋଟୱାଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋକୁଳପୁରାର ପ୍ରତାପ ସର୍କଲ ରାସ୍ତାରେ ଗୁରୁବାର ସକାଳ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ଧରି ଏହି ପ୍ରଦର୍ଶନ ଚାଲିଥିଲା। ପ୍ରତିବାଦକାରୀଙ୍କ ମଧ୍ୟରୁ ଦୁଇଜଣ ଜଣ ମହାକାଶଚାରୀ ପୋଷାକ ପିନ୍ଧି ରାସ୍ତାରେ ଜମିଥିବା ବର୍ଷା ପାଣି ଓ ବଡ଼ ବଡ଼ ଖାଲ ମଧ୍ୟରେ ଚାଲିଥିଲେ। ଏହା ସହିତ ଏକ ନକଲି ରକେଟ୍ ମଧ୍ୟ ରଖାଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବର୍ଷା ଦ୍ୱାରା ରାସ୍ତାଘାଟ ଓ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଧାୟକ ତଥା ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂହ ରାଠୋର, ସାଂସଦ ରାଓ ରାଜେନ୍ଦ୍ର ସିଂହ ଏବଂ ଜୟପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଗତ ତିନି ମାସ ହେଲା ଚେଷ୍ଟା କରି ନିରାଶ ହେବା ପରେ ସେମାନେ ଏହି ବ୍ୟଙ୍ଗାତ୍ମକ ପ୍ରତିବାଦର ପନ୍ଥା ଆପଣେଇଛନ୍ତି। ସମସ୍ୟାର ଗାମ୍ଭୀର୍ଯ୍ୟକୁ ଦର୍ଶାଇ ପ୍ରତିବାଦକାରୀମାନେ କହିଛନ୍ତି ଯେ ଖାଲଗୁଡ଼ିକ ଚନ୍ଦ୍ର ଓ ମଙ୍ଗଳ ଗ୍ରହର ଗାତ ପରି ଦେଖାଯାଉଥିବାରୁ ମହାକାଶ ଯାତ୍ରା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାର ଆବଶ୍ୟକତା ନାହିଁ। ଅପରପକ୍ଷରେ, ସମ୍ପୃକ୍ତ ଅଞ୍ଚଳରେ ଡ୍ରେନେଜ୍ ଓ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇସାରିଛି ଏବଂ ମୌସୁମୀ ବର୍ଷା ଶେଷ ହେବା ପରେ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ସାବରକର ଅବମାନନା ମାମଲା ରଦ୍ଦ କଲେ ସୁପ୍ରିମକୋର୍ଟ


ରାହୁଲ ଗାନ୍ଧୀଙ୍କୁ ବଡ଼ ଆଶ୍ୱସ୍ତି


ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସାବରକରଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେବା ଅଭିଯୋଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଚାଲିଥିବା ଅପରାଧିକ ଅବମାନନା ମାମଲାକୁ ଶୁକ୍ରବାର ସୁପ୍ରିମ୍ କୋର୍ଟ ରଦ୍ଦ କରିଛନ୍ତି। ନିମ୍ନ ଅଦାଲତ ପକ୍ଷରୁ ଜାରି ହୋଇଥିବା ସମନ୍‌କୁ ଖାରଜ କରି ସୁପ୍ରିମକୋର୍ଟ ଲୋକସଭାର ସାଂସଦ ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଏକ ବଡ଼ ଆଇନଗତ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ବିଚାରପତି ଦୀପଙ୍କର ଦତ୍ତ ଏବଂ ବିଚାରପତି ଶୀଲ ନାଗୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଏହି ଅଭିଯୋଗ ପାଇଁ ଆବଶ୍ୟକୀୟ ଆଇନଗତ ମଞ୍ଜୁରି ନିଆଯାଇ ନଥିଲା। ଉତ୍ତର ପ୍ରଦେଶ ସରକାର ଏବଂ ଅଭିଯୋଗକାରୀଙ୍କ ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ମଧ୍ୟ ମଞ୍ଜୁରି ଅଭାବର ସ୍ପଷ୍ଟ ସୂଚନା ମିଳିବା ପରେ କୋର୍ଟ ନିମ୍ନ ଅଦାଲତର ସମସ୍ତ ନିର୍ଦ୍ଦେଶ ଓ ଅଭିଯୋଗକୁ ପ୍ରତ୍ୟାହାର କରିନେଇଛନ୍ତି। ସୂଚନାଯୋଗ୍ୟ, ଏହି ବିବାଦୀୟ ମାମଲାଟି ୨୦୨୨ ନଭେମ୍ବର ୧୭ ତାରିଖର ଅଟେ। ମହାରାଷ୍ଟ୍ରର ଅକୋଲା ଜିଲ୍ଲାରେ 'ଭାରତ ଯୋଡ଼ ଯାତ୍ରା' ସମୟରେ ଏକ ସମାବେଶକୁ ସମ୍ବୋଧିତ କରି ରାହୁଲ ଗାନ୍ଧୀ ସାବରକରଙ୍କ ସମ୍ପର୍କରେ କେତେକ ମନ୍ତବ୍ୟ ଦେଇଥିଲେ। ଏହି ମନ୍ତବ୍ୟ ଦ୍ୱାରା ସାବରକରଙ୍କୁ ଯୋଜନାବଦ୍ଧ ଭାବେ ଅପମାନିତ କରାଯାଇଛି ବୋଲି ଅଭିଯୋଗ କରି ଆଇନଜୀବୀ ନୃପେନ୍ଦ୍ର ପାଣ୍ଡେ ଏକ ଅପରାଧିକ ମାମଲା ଦାୟର କରିଥିଲେ। ଏହି ମାମଲାରେ ନିମ୍ନ ଅଦାଲତ ରାହୁଲଙ୍କୁ ହାଜର ହେବା ପାଇଁ ସମନ୍ ଜାରି କରିଥିଲେ। ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ୨୦୨୫ ଏପ୍ରିଲ୍ ୪ରେ ଲକ୍ଷ୍ନୌ ଖଣ୍ଡପୀଠ ଏଥିରେ ହସ୍ତକ୍ଷେପ ନକରି ସେସନ୍ସ କୋର୍ଟକୁ ଯିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ନିଷ୍ପତ୍ତିକୁ ସୁପ୍ରିମ୍ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସୁପ୍ରିମ୍‌କୋର୍ଟଙ୍କ ଏହି ଆଦେଶ ପରେ ରାହୁଲଙ୍କ ବିରୋଧରେ ଚାଲିଥିବା ଏକ ପ୍ରମୁଖ ଆଇନଗତ ବିବାଦର ଅନ୍ତ ଘଟିଛି।

## ଜାପାନରେ ଗୋଟିଏ ଘଣ୍ଟାରେ ମାସକର ବର୍ଷା

ଟୋକିଓ, ୧୪।୮ (ଏଜେନ୍ସି): ଜାପାନ ରାଜଧାନୀ ଟୋକିଓ ନିକଟସ୍ଥ ଚିବା ପ୍ରଦେଶରେ ଗୁରୁବାର ରାତିରେ ମାତ୍ର ଗୋଟିଏ ଘଣ୍ଟାରେ ୧୧୫ ମିଲିମିଟର ବର୍ଷା ହୋଇଛି, ଯାହା ସାଧାରଣତଃ ସମ୍ପୂର୍ଣ୍ଣ ଅଗଷ୍ଟ ମାସରେ ହୋଇଥାଏ। ଏହି ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଏପର୍ଯ୍ୟନ୍ତ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ନାରିତା ବିମାନବନ୍ଦରରେ ୭ ହଜାରରୁ ଊର୍ଦ୍ଧ୍ୱ ଯାତ୍ରୀ ରାତିସାରା ଫସି ରହିଛନ୍ତି। ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ପ୍ରଥମ ଥର ପାଇଁ ଏହି ଅଞ୍ଚଳରେ ସର୍ବୋଚ୍ଚ 'ଲେଭଲ-୫' ବିପଦ ସଙ୍କେତ ଜାରି କରାଯାଇଛି। ବର୍ଷା ଯୋଗୁଁ ୪୫,୦୦୦ରୁ ଅଧିକ ଘରେ ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଛି ଏବଂ ୪ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ସେନାବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବନ୍ୟା ପାଣିରେ ଗାଡ଼ି ଫସିଯିବା ଓ ରାସ୍ତାରେ ପାଣି ଜମିବା କାରଣରୁ ଲୋକମାନେ ପ୍ରାଣ ହରାଇଛନ୍ତି। ଚିବା ପ୍ରଦେଶର ରାଜ୍ୟପାଳ ତୋଷିହିତୋ କୁମାଗାଇ ଏହାକୁ ଐତିହାସିକ ଓ ଅତ୍ୟନ୍ତ ଭୟାନକ ପରିସ୍ଥିତି ବୋଲି କହିଛନ୍ତି। ସେ କହିଛନ୍ତି ଯେ ତାଙ୍କ ଜୀବନରେ ସେ କେବେ ଏପରି ବିପର୍ଯ୍ୟୟ ଦେଖିନଥିଲେ। ଗତ ୧୫ ଦିନ ମଧ୍ୟରେ ଜାପାନରେ 'ଡଲଫିନ୍', 'ଚାନ-ହୋମ୍' ଓ 'ପିଲୋ' ନାମକ ତିନୋଟି ବଡ଼ ସାମୁଦ୍ରିକ ଝଡ଼ ଆସିବା ଫଳରେ ଜଳବାୟୁ ପରିବର୍ତ୍ତନର ଗମ୍ଭୀର ପ୍ରଭାବ ଦେଖିବାକୁ ମିଳିଛି। ଶୁକ୍ରବାର ବର୍ଷାର ପରିମାଣ କମିଥିଲେ ହେଁ ବନ୍ୟା ଓ ଭୂସ୍ଖଳନର ବିପଦ ଏବେ ବି ଟଳିନାହିଁ। ପ୍ରଶାସନ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ସହ ସୁରକ୍ଷିତ ସ୍ଥାନରେ ରହିବାକୁ ଅନୁରୋଧ କରାଯାଇଛି।

- ୪ ମୃତ, ବିମାନବନ୍ଦରରେ ୭ ହଜାର ଯାତ୍ରୀ ଫସିଲେ
- ପ୍ରଥମ ଥର ପାଇଁ ସର୍ବୋଚ୍ଚ ସତର୍କସୂଚନା ଜାରି

## ଭାରତକୁ ପୁଣି ପାକ୍ ପ୍ରଧାନମନ୍ତ୍ରୀଙ୍କ ଧମକ



ଇସଲାମାବାଦ, ୧୪।୮ (ଏଜେନ୍ସି): ୧୯୬୦ ମସିହାର ସିନ୍ଧୁ ନଦୀ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି)କୁ ଭାରତ ସ୍ଥଗିତ ରଖିବା ନିଷ୍ପତ୍ତିକୁ ନେଇ ପାକିସ୍ତାନ ପୁଣି ଥରେ ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରିଛି। ଇସଲାମାବାଦରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଭାରତକୁ ଚେତାବନୀ ଦେଇ କହିଛନ୍ତି ଯେ ପାକିସ୍ତାନର ପ୍ରତ୍ୟେକ ଟୋପା ଜଳ ସେମାନଙ୍କ ପାଇଁ ଜୀବନ ରେଖା ବା 'ଲାଲ୍ ରେଖା' (ରେଡ୍ ଲାଇନ୍) ଏବଂ ଜଳ ଅଧିକାରରେ କୌଣସି ଆଞ୍ଚ ଆସିଲେ ଏହାର ପ୍ରତ୍ୟକ୍ଷ ଜବାବ ଦିଆଯିବ। ଶେହବାଜ ଶରିଫ ନିଜ ଦେଶକୁ ଶାନ୍ତିର ପକ୍ଷଧର ଭାବେ ଦର୍ଶାଇବା ସହ ଏହି ଶାନ୍ତି କାମନାକୁ ଦୁର୍ବଳତା ନ ଭାବିବାକୁ କହିଛନ୍ତି। ଭାରତ ଏକପାଖିଆ ଓ ବେଆଇନ ଭାବେ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖି ଶାନ୍ତିର ଶତ୍ରୁ ପାଲଟିଛି ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୫ ଏପ୍ରିଲ ମାସରେ ପହଲଗାମଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନାଗରିକ ପ୍ରାଣ ହରାଇଥିଲେ। ଏହି ପାକିସ୍ତାନ ପ୍ରୟୋଜିତ ଆତଙ୍କବାଦୀ ଆକ୍ରମଣର ପ୍ରତିଜବାବରେ ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିଥିଲା। ଚୁକ୍ତି ସ୍ଥଗିତ ହେବା ପରଠାରୁ ଭାରତ ସିନ୍ଧୁ, ଜେଲମ ଓ ଚେନାବ ନଦୀର ଜଳସ୍ତର ସମ୍ପର୍କିତ ତଥ୍ୟ ପାକିସ୍ତାନକୁ ଦେବା ବନ୍ଦ କରିଦେଇଛି। ଏହି ତଥ୍ୟ ବର୍ଷା ସମୟରେ ବନ୍ୟା ସୂଚନା ପାଇଁ ପାକିସ୍ତାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା।

● ଫୁକେଟ୍-ଦିଲ୍ଲୀ ବିମାନ ଦୁର୍ଘଟଣା

## ହାଇଡ୍ରୋଲିକ୍ ସିଷ୍ଟମ୍ ଫେଲ୍ ହେବାରୁ ୪ ସେକେଣ୍ଡ ପାଇଁ ନିୟନ୍ତ୍ରଣ ହରାଇଥିଲେ ପାଇଲଟ୍

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ଏୟାର ଇଣ୍ଡିଆର ଫୁକେଟ୍-ଦିଲ୍ଲୀ ବିମାନ ଗତ ଅଗଷ୍ଟ ୪ ତାରିଖରେ ଆକାଶମାର୍ଗରେ ହଠାତ୍ ୩୦୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଏହି ଘଟଣାରେ ଏୟାରବସ୍‌ର ପ୍ରାରମ୍ଭିକ ତଦନ୍ତରୁ ପ୍ରକାଶ ଯେ, ବିମାନର ତିନୋଟିଯାକ ହାଇଡ୍ରୋଲିକ୍ ସିଷ୍ଟମ୍ ଏକାସଙ୍ଗରେ ଅଚଳ ହୋଇଯିବାରୁ ପାଇଲଟ୍ ପ୍ରାୟ ୪ ସେକେଣ୍ଡ ପାଇଁ ନିୟନ୍ତ୍ରଣ ହରାଇଥିଲେ। ଏହି ଦୁର୍ଘଟଣାରେ ୨୪ ଜଣ ଯାତ୍ରୀ ଓ ବିମାନ କର୍ମଚାରୀ ଆହତ ହୋଇଥିଲେ। ହାଇଡ୍ରୋଲିକ୍ ସିଷ୍ଟମ୍ ବନ୍ଦ ହେବା ସହ ଅଟୋପାଇଲଟ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଥିଲା, ଯାହାଫଳରେ ପାଇଲଟ୍‌ଙ୍କ ନିୟନ୍ତ୍ରଣ କାମ କରିନଥିଲା। ତେବେ କିଛି ସେକେଣ୍ଡ ପରେ ସିଷ୍ଟମ୍ ପୁଣି ସକ୍ରିୟ ହେବାରୁ ପାଇଲଟ୍ ବିମାନକୁ ନିୟନ୍ତ୍ରଣକୁ ଆଣି ଦିଲ୍ଲୀରେ ସୁରକ୍ଷିତ ଅବତରଣ କରାଇଥିଲେ। ଅନ୍ୟପଟେ ତଦନ୍ତରୁ ଜଣାପଡ଼ିଛି ଯେ, ବିମାନର ଜଣେ ପାଇଲଟ୍ ଗଞ୍ଜେଇ ସେବନ କରିଥିଲେ। ଏହି ଘଟଣା ପରେ ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ନିଜର ସମସ୍ତ ୫, ୦୦୦ରୁ ଊର୍ଦ୍ଧ୍ୱ ପାଇଲଟ୍‌ଙ୍କ ପାଇଁ ନିୟମିତ ନିଶାଦ୍ରବ୍ୟ ଯାଞ୍ଚ ବାଧ୍ୟତାମୂଳକ କରିଛନ୍ତି।

## ୧୩, ୦୦୦ କୋଟିର ଡ୍ରଗ୍ସ କାରବାର: ବୀରେନ୍ଦ୍ର ବସୋୟା ଦୁବାଇରୁ ପ୍ରତ୍ୟାର୍ପିତ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ୧୩,୦୦୦ କୋଟି ଟଙ୍କାର ବୃହତ୍ ଡ୍ରଗ୍ସ କାରବାରର ମୁଖ୍ୟ ଅଭିଯୁକ୍ତ ବୀରେନ୍ଦ୍ର ସିଂହ ବସୋୟାଙ୍କୁ ଦୁବାଇରୁ ଭାରତ ଆଣିବାରେ ସଫଳ ହୋଇଛି ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି)। ଅନ୍ତର୍ଜାତୀୟ ପୁଲିସ ସଂସ୍ଥାର ରେଡ୍ ନୋଟିସ୍ ଆଧାରରେ ତାଙ୍କୁ ସଂଯୁକ୍ତ ଆରବ ଏମିରେଟ୍ସରେ ଗିରଫ କରାଯାଇଥିଲା। ବସୋୟା ୨୦୨୩ରୁ ଦେଶଛାଡ଼ି ଫେରାର୍ ଥିଲେ ଏବଂ ବିଦେଶରେ ରହି ଏହି ଅନ୍ତର୍ଜାତୀୟ ଡ୍ରଗ୍ସ ଗ୍ୟାଙ୍ଗର ପରିଚାଳନା କରୁଥିଲେ। ୨୦୨୪ରେ ଦିଲ୍ଲୀ, ପଞ୍ଜାବ ଓ ଗୁଜରାଟର ଅଙ୍କଲେଶ୍ୱର ସ୍ଥିତ ଔଷଧ କାରଖାନାରୁ ବିପୁଳ ପରିମାଣର କୋକେନ୍, ମେଫେଡ୍ରୋନ୍ ଓ ଗଞ୍ଜେଇ ଜବତ କରାଯାଇଥିଲା। ସମୁଦାୟ ୧,୨୮୯ କିଲୋଗ୍ରାମରୁ ଊର୍ଦ୍ଧ୍ୱ ବିପୁଳ ନିଶାଦ୍ରବ୍ୟ ଜବତ ହେବା ସହ ଏହି ମାମଲାରେ ୧୪ ଜଣଙ୍କୁ ଗିରଫ କରାଯାଇଥିଲା। ବିଦେଶରୁ ସମୁଦ୍ର ଓ ବିମାନ ପଥରେ ଆସୁଥିବା ଏହି ନିଶାଦ୍ରବ୍ୟକୁ ଔଷଧ ଓ ଖାଦ୍ୟ ସାମଗ୍ରୀର ପ୍ୟାକେଟ୍‌ରେ ଲୁଚାଇ ବିଭିନ୍ନ ସହରକୁ ପଠାଯାଉଥିଲା। ଏହି ବେଆଇନ କାରବାରରେ ବସୋୟାଙ୍କ ପୁଅ ଓ ଭାଇ ମଧ୍ୟ ସାମିଲ ଥିବା ଜଣାପଡ଼ିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ସଫଳତାକୁ ନିଶାଦ୍ରବ୍ୟ ବିରୋଧରେ ଜାତୀୟ ନୀତିର ଏକ ବଡ଼ ବିଜୟ ବୋଲି କହିଛନ୍ତି। ବିଦେଶରେ ଲୁଚି ରହିଥିବା ଅପରାଧୀମାନଙ୍କୁ ଆଇନର ପରିସରଭୁକ୍ତ କରିବା ପାଇଁ ଭାରତୀୟ ସଂସ୍ଥାଗୁଡ଼ିକର ଏହା ଏକ ପ୍ରଶଂସନୀୟ ପଦକ୍ଷେପ।

### ନାଲ୍‌ସାର୍ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

# ବାର୍ କାଉନସିଲକୁ ସମାଲୋଚନା କଲେ ପ୍ରଧାନ ବିଚାରପତି



ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି): ହାଇଦରାବାଦ ସ୍ଥିତ ନାଲସାର୍ ଆଇନ୍ ବିଶ୍ୱବିଦ୍ୟାଳୟର ୨୦୨୬ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ଓକିଲାତି ପଞ୍ଜୀକରଣ ଉପରେ କଟକଣା ଲଗାଯାଇଛି। ଏନେଇ ଭାରତୀୟ ବାର୍ କାଉନ୍ସିଲକୁ (ଆଇବିସି) କଡ଼ା ଭାଷାରେ ସମାଲୋଚନା କରିଛନ୍ତି ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ। ବାର୍ କାଉନସିଲର ଏହି ଆଦେଶକୁ 'ସମ୍ପୂର୍ଣ୍ଣ ଅନାବଶ୍ୟକ' ବୋଲି ଦର୍ଶାଇ, ଛାତ୍ର କିମ୍ବା ଅଧ୍ୟାପକଙ୍କ ବିରୋଧରେ କୌଣସି ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ନ ନେବାକୁ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ନାଲସାର୍‌ର ୨୦୨୬ ବ୍ୟାଚ୍‌ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରାଯିବା ନିଷ୍ପତ୍ତିକୁ ପ୍ରାୟ ୪୫୦ରୁ ଅଧିକ ଛାତ୍ରଛାତ୍ରୀ ବିରୋଧ କରିଥିଲେ। ଏହି ପ୍ରତିବାଦ ପରେ ଭାରତୀୟ ବାର୍ କାଉନ୍ସିଲ୍‌ର ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ନେତୃତ୍ୱରେ କାଉନ୍ସିଲ ସମସ୍ତ ରାଜ୍ୟ ବାର୍ କାଉନ୍ସିଲ୍‌ଗୁଡ଼ିକୁ ନାଲସାର୍‌ର ୨୦୨୬ ବ୍ୟାଚ୍‌ର ସ୍ନାତକମାନଙ୍କୁ ଆଇନଜୀବୀ ଭାବେ ପଞ୍ଜୀକରଣ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ବାର୍ କାଉନ୍ସିଲ କିଛି ଘଣ୍ଟା ମଧ୍ୟରେ ନିଜ ନିଷ୍ପତ୍ତି ବଦଳାଇ ଏହି ଆଦେଶକୁ ପ୍ରତ୍ୟାହାର କରିନେଇଥିଲା। ଏହି ପ୍ରସଙ୍ଗକୁ ନେଇ ଦାୟର ହୋଇଥିବା ଜରୁରୀ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ବାର୍ କାଉନ୍ସିଲର ଭୂମିକା ଉପରେ ପ୍ରଶ୍ନ ଉଠାଇଛନ୍ତି। ମୁଖ୍ୟ ବିଚାରପତି ମୌଖିକ ଭାବେ କହିଛନ୍ତି ଯେ, 'ଛାତ୍ରଛାତ୍ରୀଙ୍କର ପ୍ରତିବାଦ କରିବାର ଅଧିକାର ରହିଛି। ଏହା ମୋ ଏବଂ ଛାତ୍ରମାନଙ୍କ ମଧ୍ୟରେ ଏକ ଆଲୋଚନା। ଏଥିରେ ବାର୍ କାଉନ୍ସିଲର ଭୂମିକା କ'ଣ ସେମାନେ ଅନାବଶ୍ୟକ ଭାବେ ହସ୍ତକ୍ଷେପ କରୁଛନ୍ତି।'

### 'କକ୍ରୋଚ୍' ମନ୍ତବ୍ୟକୁ ନେଇ ସ୍ପଷ୍ଟୀକରଣ

ସୁପ୍ରିମକୋର୍ଟରେ ଶୁଣାଣି ସମୟରେ ଦେଇଥିବା ମୌଖିକ ମନ୍ତବ୍ୟକୁ ବିକୃତ କରି ସୋସିଆଲ ମିଡିଆରେ ଭୁଲ୍ ଭାବେ ପ୍ରସାରିତ କରାଯାଇଛି ବୋଲି ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ କହିଛନ୍ତି। ଦେଶର ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରିବା ପାଇଁ ଏକ ମନ୍ଦ ଉଦ୍ଦେଶ୍ୟ ରଖି ଏହି ମନ୍ତବ୍ୟକୁ ଅପବ୍ୟବହାର କରାଯାଇଥିବା ସେ ପ୍ରକାଶ କରିଛନ୍ତି। 'ଡିଡି ନିଉଜ୍'କୁ ଦେଇଥିବା ଏକ ସାକ୍ଷାତକାରରେ ପ୍ରଧାନ ବିଚାରପତି କହିଛନ୍ତି ଯେ କୋର୍ଟ କାର୍ଯ୍ୟାନୁଷ୍ଠାନର ଛୋଟ ଛୋଟ ଭିଡିଓ କ୍ଲିପ୍‌କୁ ବିନା ସମ୍ପୂର୍ଣ୍ଣ ପ୍ରସଙ୍ଗରେ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ସୂଚନାଯୋଗ୍ୟ, ଗତ ମେ ୧୫ରେ ଏକ ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜାଲ୍ ଡିଗ୍ରୀ ହାସଲ କରି ସୋସିଆଲ ମିଡିଆ ଓ ଆରଟିଆଇ ଆକ୍ଟିଭିଷ୍ଟ ସାଜିଥିବା କିଛି ବ୍ୟକ୍ତିଙ୍କୁ 'କକ୍ରୋଚ' ବା ଅସରପା ସହ ତୁଳନା କରିଥିଲେ।

## ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକ

# ଚାରି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ରଣନୀତି



ଭୁବନେଶ୍ୱର, ୧୪।୮ (ସମିସ): ସାମ୍ପ୍ରତିକ ସମୟର ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରଙ୍ଗରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛି ବିଜେଡି। ନବୀନ ନିବାସରେ ଦଳର ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ରାଜନୈତିକ ବ୍ୟାପାର କମିଟି ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇଛି। ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ହାନି ସମୟରେ ବିଜେଡି ନିରବ ରହିପାରିବ ନାହିଁ ଏବଂ ଏହି ପ୍ରସଙ୍ଗରେ ସାରା ରାଜ୍ୟରେ ଜନ ଆନ୍ଦୋଳନ ସୃଷ୍ଟି କରିବାକୁ ନବୀନ ଦଳୀୟ ନେତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁସାରେ ନିକଟରେ ସଂସଦରେ ପାରିତ ହୋଇଥିବା ସଂଶୋଧିତ ଏମ୍ଏମ୍ଡିଆର୍ ଆକ୍ଟ ଦ୍ୱାରା ଓଡ଼ିଶା ବର୍ଷକୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହରାଇବା ଆଶଙ୍କା ରହିଛି। ଏହା ସହ ରାଜ୍ୟର ଆର୍ଥିକ ସାର୍ବଭୌମତ୍ୱ ଉପରେ କେନ୍ଦ୍ର ସରକାର ଅଙ୍କୁଶ ଲଗାଇଛନ୍ତି । ରାଜ୍ୟ ସ୍ୱାର୍ଥ ବିରୋଧୀ ନୀତି ପ୍ରସ୍ତୁତ ବେଳେ ରାଜ୍ୟରୁ ନିର୍ବାଚିତ ୨୦ ବିଜେପି ସାଂସଦ କେବଳ ନିରବ ରହିନାହାନ୍ତି, ସଂସଦରେ ଏହାକୁ ସମର୍ଥନ କରିଛନ୍ତି । ଏହା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ବୈଠକରେ ଆଲୋଚନା ହୋଇଛି । ଅନୁରୂପ ଭାବରେ ସ୍କୁଲ ପିଲାଙ୍କ ପଢ଼ା ବହିରେ ହଜାର ହଜାର ତ୍ରୁଟିବିଚ୍ୟୁତି ରାଜ୍ୟର ଭବିଷ୍ୟତକୁ ଶେଷ କରିବାକୁ ଉଦ୍ୟମ ବୋଲି ମନେ କରାଯାଉଛି। ସେହିପରି ଚାଷୀ ପଞ୍ଜିକରଣରେ ସୃଷ୍ଟି ହୋଇଥିବା ସମସ୍ୟା ରାଜ୍ୟର କୋଟିକୋଟି ଅନ୍ନଦାତାଙ୍କ ପେଟରେ ଲାତ ପରି ହୋଇଛି। କ୍ରମବର୍ଦ୍ଧିଷ୍ଣୁ ଚାଷୀ ସମସ୍ୟା ଓ ପାଠ୍ୟ ପୁସ୍ତକ ତ୍ରୁଟିକୁ ନେଇ ସରକାରଙ୍କ ବିରୋଧରେ ଆନ୍ଦୋଳନ ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସରକାର ସମ୍ଭବତଃ ଏବେ ରାଜ୍ୟରେ ଅଧିକ ପରିମାଣ ଚାଷ ଓ ଧାନ ଉତ୍ପାଦନ ଚାହୁଁ ନାହାନ୍ତି; ତେଣୁ ଚାଷୀ ପଞ୍ଜୀକରଣରେ ଯାବତୀୟ ବିଭ୍ରାଟ ସୃଷ୍ଟି କରାଯାଉଛି ବୋଲି ଦଳର ନେତାମାନେ ବୈଠକରେ କ୍ଷୋଭ ପ୍ରକାଶ କରିଛନ୍ତି ।

ପିଏସି ବୈଠକ ସମ୍ପର୍କରେ ସୂଚନା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ସରକାର ଏବେ ଚାଷୀଙ୍କଠାରୁ ଅଧିକ ଧାନ କିଣିବାକୁ ଚାହୁଁ ନାହାନ୍ତି। ଏଥିପାଇଁ ବିଭିନ୍ନ ଫନ୍ଦି କରାଯାଉଛି। ଚାଷୀଙ୍କୁ ଯେପରି ପୂର୍ବଭଳି ପଞ୍ଜିକରଣ ସୁବିଧା ମିଳୁଥିଲା ଏବେ ସମାନ ବ୍ୟବସ୍ଥା ଲାଗୁ କରିବା ଉପରେ ସରକାରଙ୍କ ଉପରେ ଚାପ ପକାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ପୂର୍ବରୁ ନବୀନ ସରକାର ଏସ୍ଏଚ୍ଜିମାନଙ୍କୁ ଧାନ କିଣା ପ୍ରକ୍ରିୟାରେ ସାମିଲ କରିଥିବା ବେଳେ ଏବେ ନୂତନ ସରକାର ସେମାନଙ୍କୁ ଏଥିରୁ ବାଦ୍ ଦେଇଛନ୍ତି। ମହିଳାମାନଙ୍କ ବିରୋଧୀ ବିଜେପି ସରକାର ବିରୋଧରେ ବିଜେଡି ତୀବ୍ର ବିରୋଧ କରିବ ବୋଲି ସେ କହିଛନ୍ତି।

ସେହିପରି ପିଏସି ସଦସ୍ୟ ତଥା ବିଜେଡି ସଂସଦୀୟ ଦଳର ନେତା ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେଏମ୍ଏମ୍ଡିଆର୍ ଆକ୍ଟ ସଂଶୋଧନ ଦ୍ୱାରା ଓଡ଼ିଶା ବର୍ଷକୁ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର କ୍ଷତି ସହିବ। ଏହି ପ୍ରସଙ୍ଗରେ ବିଜେପିର ୨୦ ଜଣ ସାଂସଦ ସଂସଦରେ ନିରବ ରହିବା ଅତ୍ୟନ୍ତ କ୍ଷୋଭର ବିଷୟ। ବିଜେଡି ଏହି ବିଲ୍‌କୁ ବିରୋଧ କରିଛି ଓ ସଂସଦରେ ଦୃଢ଼ ପ୍ରତିବାଦ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜନେସ୍ ଆଡ୍‌ଭାଇଜରୀ କମିଟିରେ ମଧ୍ୟ ସେ ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ଏହି ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବାକୁ କରିଥିବା ଦାବିରେ ସରକାର ସହମତ ହୋଇଥିଲେ ହେଁ ସଂସଦରେ ଏହାକୁ ବଳପୂର୍ବକ ଧ୍ୱନିମତରେ ପାସ୍ କରାଇ ଦିଆଯାଇଛି। ଏହାଦ୍ୱାରା ଓଡ଼ିଶା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହେବ ଓ ଏହା ବିରୋଧରେ ଜୋରଦାର ଲଢ଼େଇ ପାଇଁ ରଣନୀତି ପ୍ରସ୍ତୁତ ହୋଇଛି ବୋଲି ସେ କହିଛନ୍ତି । ବୈଠକରେ ସାଂସଦ ଡଃ ସସ୍ମିତ ପାତ୍ର, ସଂସଦ ଡଃ ସଂତୃପ୍ତ ମିଶ୍ର, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ବରିଷ୍ଠ ଉପସଭାପତି ପ୍ରଣବ ପ୍ରକାଶ ଦାସ, ପୂର୍ବତନମନ୍ତ୍ରୀ ତଥା ବିଧାୟକ ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସ ବର୍ମା, ଟୁକୁନୀ ସାହୁ, ବିକ୍ରମ କେଶରୀ ଆରୁଖ୍, ସୁଦାମ ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

- ଚାଷୀ ପଞ୍ଜୀକରଣ, ଏସ୍ଆଇଆର୍‌କୁ ନେଇ ଉଦ୍‌ବେଗ
- ବହି ତ୍ରୁଟି, ଏମ୍ଏମ୍‌ଡ଼ିଆର୍ ସଂଶୋଧନ ଚିନ୍ତାଜନକ
- ରାଜ୍ୟର ବିଜେପି ସାଂସଦଙ୍କ ନିରବତାକୁ ନେଇ ପ୍ରଶ୍ନ

## ମାଇନିଂ ଅଧିକାରୀଙ୍କୁ ଅଟକ ଘଟଣା

# କପ୍ତିପଦା ଉପଜିଲ୍ଲାପାଳ ନିଲମ୍ବିତ



- ପ୍ରଣୟ ରଞ୍ଜନ ବେହେରା ନୂଆ ଉପଜିଲ୍ଲାପାଳ
- କାଲି କରିବେ ପତାକା ଉତ୍ତୋଳନ

ବାରିପଦା, ୧୪।୮ (ସମିସ): ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ ଘଟଣାରେ ମାଫିଆ ପରିବର୍ତ୍ତେ ଖଣି ବିଭାଗର ଅଧିକାରୀଙ୍କୁ ଅଟକ ରଖାଇବା ଘଟଣାରେ ଶୁକ୍ରବାର କପ୍ତିପଦା ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ନିଲମ୍ବିତ ହୋଇଛନ୍ତି। ତାଙ୍କ ସ୍ଥାନରେ ବାରିପଦା ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରାଙ୍କୁ କପ୍ତିପଦା ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ସ୍ୱାଧୀନତା ଦିବସରେ ଉପଖଣ୍ଡ ସ୍ତରୀୟ ପତାକା ଉତ୍ତୋଳନ କାର୍ଯ୍ୟ ସମ୍ଭାଳିବେ ବୋଲି ଜଣା ପଡିଛି ।

ସାଧାରଣ ପ୍ରଶାସନ ଓ ଲୋକଅଭିଯୋଗ ବିଭାଗ ପକ୍ଷରୁ ଜାରି ଅଧିସୂଚନା ଅନୁଯାୟୀ, ଓଏଏସ୍ ଗ୍ରେଡ୍-ଏ (ଏସ୍ସି) ଅଧିକାରୀ ପ୍ରଣୟ ରଞ୍ଜନ ବେହେରା କପ୍ତିପଦା(ଉଦଳା) ଉପଜିଲ୍ଲାପାଳ ସହିତ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବାରିପଦା ଆଇଟିଡିଏର ପିଏ ପଦର ଅତିରିକ୍ତ ଦାୟିତ୍ୱ ମଧ୍ୟ ନିର୍ବାହ କରିବେ। ରାଜ୍ୟପାଳଙ୍କ ନିର୍ଦ୍ଦେଶକ୍ରମେ ବିଶେଷ ସଚିବ ଘସିରାମ ମୁର୍ମୁଙ୍କ ଦ୍ୱାରା ଏହି ଅଧିସୂଚନା ଜାରି କରାଯାଇଛି। ସୂଚନା ଥାଉକି, ଗତ ଜୁଲାଇ ୧୭ରେ ଚୁଳିଆପୋଷି ଅଞ୍ଚଳରୁ ବେଆଇନ ବାଲି ଟ୍ରାକ୍ଟର ଜବତ କରିବା ପରେ, ବିନା ପୂର୍ବ ଅନୁମତିରେ ଚଢ଼ାଉ କରାଯାଇଥିବା ଦର୍ଶାଇ ଉପଜିଲ୍ଲାପାଳ ଶ୍ରୀ ବାରିକ ଜିଲ୍ଲା ଖଣି ଅଧିକାରୀ ଓ ଦୁଇ ଜଣ ଜୁନିଅର ଅଫିସରଙ୍କୁ ଥାନାରେ ଅଟକ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ନିଜ କର୍ତ୍ତବ୍ୟ କରୁଥିବା ସରକାରୀ ଅଧିକାରୀଙ୍କ ପ୍ରତି ଏପରି ସ୍ୱେଚ୍ଛାଚାରୀ ଆଚରଣକୁ ବିଭାଗ ଗମ୍ଭୀର ଶୃଙ୍ଖଳାଗତ ବିଚ୍ୟୁତି ବୋଲି ଦର୍ଶାଇଥିଲା। ତାଙ୍କ ବିରୋଧରେ ଖଣିବିଭାଗ ଅଭିଯୋଗ କ୍ରମେ ତଦନ୍ତ କରି ୧୦ ଦିନ ଭିତରେ ରିପୋର୍ଟ ଦେବାକୁ ଗତ ଜୁଲାଇ ୨୩ତାରିଖରେ ଇସ୍ପାତ ଓ ଖଣି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଆରଡିସି (କେନ୍ଦ୍ରାଞ୍ଚଳ, କଟକ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତିନି ସପ୍ତାହ ବିତିବାକୁ ଯାଇଥିଲେ ସୁଦ୍ଧା ତଦନ୍ତ ଆଗେଇ ନପାରି ଦିଗହରା ରହିଥିଲା । ଘଟଣାର ୩ସପ୍ତାହ ପରେ ନନ୍ଦିଘୋଷ ଓ ସକାଳରେ ଏନେଇ ଖବର ପ୍ରସାର ଓ ପ୍ରକାଶ ପାଇଥିଲା । ତେବେ ଶେଷରେ ସାଧାରଣ ପ୍ରଶାସନ ଓ ଲୋକ ଅଭିଯୋଗ ବିଭାଗ ପକ୍ଷରୁ ବିବାଦୀୟ ଉପଜିଲ୍ଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

# ସାଇବର ସୁରକ୍ଷା ନେଇ ପୁଲିସର ରାଜ୍ୟବ୍ୟାପୀ ସଚେତନତା

କଟକ,୧୪।୮ (ସମିସ): ସାଇବର ଅପରାଧର ମୁକାବିଲା କରିବା ସହ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ସୁରକ୍ଷିତ, ସଚେତନ ଓ ଦାୟିତ୍ୱବାନ ଡିଜିଟାଲ୍ ନାଗରିକ ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଓଡ଼ିଶା ପୁଲିସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ମିଳିତ ସହଯୋଗରେ ଆଜି ଏକ ବୃହତ୍ ରାଜ୍ୟବ୍ୟାପୀ ସାଇବର ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। କ୍ରାଇମବ୍ରାଞ୍ଚ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଦିନ ୧୨ଟାରୁ ଆରମ୍ଭ ହୋଇଥିବା ଏହି ବ୍ୟାପକ ଅଭିଯାନରେ ରାଜ୍ୟର ୩୫ଟି ପୁଲିସ ଜିଲ୍ଲା ଅନ୍ତର୍ଗତ ୨୦,୦୦୦ରୁ ଅଧିକ ବିଦ୍ୟାଳୟ ଏବଂ ୨,୦୦୦ରୁ ଅଧିକ ମହାବିଦ୍ୟାଳୟ ଲାଇଭ୍ ୱେବକାଷ୍ଟ ଓ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସାମିଲ ହୋଇଥିଲେ। ଏହି ଅଭିଯାନରେ ୪୦ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ପୁଲିସ କର୍ମଚାରୀ ଅଂଶଗ୍ରହଣ କରିଥଲେ। ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଛାତ୍ରଛାତ୍ରୀଙ୍କୁ ସାଇବର ସୁରକ୍ଷା ନେଇ ସଚେତନ ଓ ସତର୍କ ରହିବା ପାଇଁ ବାର୍ତ୍ତା ପ୍ରଦାନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର-ସୁରକ୍ଷିତ ଓଡ଼ିଶା ଗଠନରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହ ନିଜ ପରିବାର, ବନ୍ଧୁବର୍ଗ ଓ ସମାଜରେ ସାଇବର ସଚେତନତାର ଦୂତ ହେବାକୁ ଆହ୍ୱାନ ଦେଇଥିଲେ।

# ଓଡ଼ିଶାରୁ ୧୭ ଜଣ ପାଇବେ ପୁଲିସ ପଦକ

ଭୁବନେଶ୍ୱର,୧୪।୮ (ସମିସ): ସାହସିକତା, ଉଲ୍ଲେଖନୀୟ ଓ ପ୍ରଶଂସନୀୟ ସେବା ପାଇଁ ଓଡ଼ିଶା ପୁଲିସ ବିଭାଗର ୧୭ ଜଣଙ୍କୁ ପୁଲିସ ପଦକ ପ୍ରଦାନ କରାଯିବ। ୮୦ତମ ସ୍ୱାଧୀନତା ଦିବସର ଅବ୍ୟବହିତ ପୂର୍ବରୁ ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ଦେଶର ଅନ୍ୟାନ୍ୟ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ବିଭିନ୍ନ କେନ୍ଦ୍ରୀୟ ଫୋର୍ସ ଲାଗି ପୁଲିସ ପଦକ ଘୋଷଣା କରାଯାଇଛି। ସେହିପରି ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା, କାରାଗାର ସଂସ୍କାର ସେବା ବର୍ଗରେ ମଧ୍ୟ ପଦକ ତାଲିକା ଘୋଷଣା କରାଯାଇଛି। ଓଡ଼ିଶା ପୁଲିସ ସେବାର ୧୭ଜଣଙ୍କ ମଧ୍ୟରୁ ୫ଜଣଙ୍କୁ ସାହସିକତା ପାଇଁ "ପୁଲିସ ପଦକ', ଉଲ୍ଲେଖନୀୟ ସେବା ପାଇଁ ୨ ଜଣଙ୍କୁ 'ରାଷ୍ଟ୍ରପତି ପୁଲିସ ପଦକ' ଏବଂ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ୧୦ ଜଣଙ୍କୁ "ପୁଲିସ ପଦକ'ରେ ସମ୍ମାନିତ କରାଯିବ।

ଉଲ୍ଲେଖନୀୟ ସେବା ପାଇଁ ରାଷ୍ଟ୍ରପତି ପୁଲିସ ପଦକ ପାଇବାକୁ ଆଇପିଏସ ଅଫିସର ସଞ୍ଜୀବ ପଣ୍ଡା ଓ ଡିଏସପି ସ୍ମିତାରାଣୀ ମହାନ୍ତି ମନୋନୀତ ହୋଇଛନ୍ତି। ସାହସିକତା ପୁଲିସ ପଦକ ପାଇଁ ସବ୍ ଇନ୍ସପେକ୍ଟର ମନ୍ମଥ କୁମାର ମହାପାତ୍ର, ହାବିଲଦାର ନିରାକାର ଭୁଏ, କମାଣ୍ଡୋ ସନ୍ତୋଷ ଗୁରୁଙ୍ଗ, ସୁମନ ପୁନ, ସୁରେଶ ଚନ୍ଦ୍ର ପୁତା ମନୋନୀତ ହୋଇଛନ୍ତି। ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ରାଜ୍ୟରୁ ପୁଲିସ ପଦକ ପାଇବାକୁ ମନୋନୀତ ୧୦ଜଣ ହେଲେ ଡିଏସପି ମନୋରଞ୍ଜନ ପାଇକରାୟ, ସୁରେଶ କୁମାର ବଳ, ଇନ୍ସପେକ୍ଟର ଗୀତାଞ୍ଜଳି ପଣ୍ଡା, ଡେପୁଟି କମାଣ୍ଡାଣ୍ଟ ଭବେଶ କୁମାର ନାୟକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ପରେଶ କୁମାର ମିନତୀ ନନ୍ଦନ ପତି, କନଷ୍ଟେବଳ ଶ୍ୟାମଳି ବିଶ୍ୱାସ, ସବ୍ ଇନ୍ସପେକ୍ଟର ବରୁଣ କୁମାର ନାୟକ, ହାବିଲଦାର ସୁବାଷ ଚନ୍ଦ୍ର ତ୍ରିନାଥ ଗୌଡ, କନଷ୍ଟେବଳ ମୁସ୍ତାକ ଅଲ୍ଲି ଖାନ୍, ଦାବିଲଦାର ପ୍ରଶାନ୍ତ କୁମାର ବିଶ୍ୱାଳ। ରାଜ୍ୟରେ ଅଗ୍ନିଶମ, ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ଏବଂ କାରାଗାର ସଂସ୍କାର ସେବା ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୬ ଜଣଙ୍କୁ ପଦକ ପ୍ରଦାନ କରାଯିବ। ଅଗ୍ନିଶମ ବର୍ଗରେ ଉଲ୍ଲେଖନୀୟ ସେବା ପାଇଁ ଜଣଙ୍କୁ ରାଷ୍ଟ୍ରପତି ପଦକ ଏବଂ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ଡ୍ରାଇଭର ହାବିଲଦାର ନୁଏଲ କେରକେଟା, ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ଅମିତାଭ ରାଜଙ୍କୁ ପୁଲିସ ପଦକ ମିଳିବ। ସେହିପରି ହୋମଗାର୍ଡ ଓ ବେସାମରିକ ପ୍ରତିରକ୍ଷା ସେବା ବର୍ଗରେ ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ ହାମଗାର୍ଡ ଅଭିରାମ ସେଠୀଙ୍କୁ ପଦକ ମିଳିବ। ସେହିପରି ପ୍ରଶଂସନୀୟ ସେବା କାର୍ଯ୍ୟ ପାଇଁ କାରାଗାର ସଂସ୍କାର ସେବା ବର୍ଗରେ ଚିଫ୍ ୱାର୍ଡର ପ୍ରମୋଦ କୁମାର ସ୍ୱାଇଁ ଏବଂ ୱାର୍ଡର ବିଶ୍ୱନାଥ ପଣ୍ଡାଙ୍କୁ ପଦକ ମିଳିବ ।

# ପୋଖରୀରୁ ମାଈ ହାତୀର ମୃତଦେହ ଉଦ୍ଧାର



ଜଗନ୍ନାଥପୁର,୧୪।୮ (ସମିସ): ଅନୁଗୋଳ ଜିଲ୍ଲା ଜଗନ୍ନାଥପୁର ପଞ୍ଚାୟତ ଜଗନ୍ନାଥପୁର ଗାଁ ବଡ଼ଘାଇ ପୋଖରୀରୁ ଶୁକ୍ରବାର ଏକ ମାଈ ଛୁଆ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ଅପରାହ୍ନ ପ୍ରାୟ ୩ଟାରେ ସ୍ଥାନୀୟ ଲୋକେ ପୋଖରୀରେ ମୃତ ହାତୀ ଭାସୁଥିବା ଦେଖିଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହାତୀର ମୃତ୍ୟୁ କିପରି ହେଲା, ତାହାର କାରଣ ସ୍ପଷ୍ଟ ହୋଇନାହିଁ। ବନ ବିଭାଗ ପକ୍ଷରୁ ଏ ନେଇ ତଦନ୍ତ କରାଯାଉଛି। ହାତୀଟି କେଉଁଠାରୁ ଆସିଥିଲା ଏବଂ କେତେ ସମୟ ଧରି ପୋଖରୀ ନିକଟରେ ଥିଲା, ସେ ନେଇ ମଧ୍ୟ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି। ତଦନ୍ତ ଓ ଆବଶ୍ୟକ ପରୀକ୍ଷା ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି।






## ହାତୀ ଉପଦ୍ରବରେ ତାତିଲେ ଲୋକେ

# କ୍ଷତିପୂରଣ ଦାବିରେ ରାସ୍ତାକୁ ଓହ୍ଲାଇଲେ





ତୁରୁମୁଙ୍ଗା, ୧୪।୮ (ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ହାତୀ ଉପଦ୍ରବ ଦ୍ୱାରା ଧନଜୀବନ ହାନି ରୀତିମତ ବଢ଼ିବାରେ ଲାଗିଛି। ଏଥିରେ ଅତିଷ୍ଠ ହୋଇ ରାସ୍ତାକୁ ଓହ୍ଲାଇଛନ୍ତି ଗ୍ରାମବାସୀ। ହାତୀପଲଙ୍କୁ ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଥିବା ଅଭିଯୋଗ କରି ଶୁକ୍ରବାର ମଙ୍ଗଳପୁର ପାଟନାଳି ଏରଣ୍ଡେଇ ଗ୍ରାମର ଶତାଧିକ ମହିଳା ରାଜାରାସ୍ତାକୁ ଓହ୍ଲାଇଥିଲେ। ପାଟଣା-ଢେଙ୍କିକୋଟ ୨୨୦ ନମ୍ବର ଜାତୀୟ ରାଜପଥକୁ ମଙ୍ଗଳପୁର ନିକଟରେ ଅବରୋଧ କରିଥିଲେ। ସକାଳ ୧୦ଟାରୁ ରାସ୍ତାରୋକ କରିଥିଲେ। ଖବର ପାଇ ଏସିଏଫ ସୁଦୀପ୍ତ ପଣ୍ଡା ପାଟଣା ବନପାଳ ନିରଞ୍ଜନ ସେଠୀ ବୁଝାସୁଝା କରିବା ସହ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବା ସହ ଟର୍ଚ୍ଚ ଲାଇଟ ଯୋଗାଇ ଦେବା ପ୍ରତିଶ୍ରୁତି ଦେଇଥିଲେ। ଅପରାହ୍ନ ଗୋଟାଏ ପରେ ଉତ୍ତ୍ୟକ୍ତ ଲୋକେ ଆନ୍ଦୋଳନରୁ ଓହରି ଯାଇଥିଲେ। ଏସିଏଫ କ୍ଷୟକ୍ଷତି ଅଞ୍ଚଳ ବୁଲି ଦେଖିଥିଲେ। ବଡ଼ପାଟଣା ସରପଞ୍ଚ ବିନତି ବାନାରା, ୱାର୍ଡସଭ୍ୟ ସେଠୀ ସାମିଲ ହୋଇ ଲୋକଙ୍କ ସମସ୍ୟା ବିଭାଗୀୟ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ ଏସ୍‌ଆଇ ଲକ୍ଷ୍ମଣ ମାଝୀଙ୍କ ସହ ପାଟଣା ଥାନା କର୍ମଚାରୀ ଉପସ୍ଥିତ ଥିଲେ।

## ହାତୀ ପଶିଲା, ଭାଙ୍ଗିଲା




ଆନନ୍ଦପୁର, ୧୪।୮ (ସମିସ): ଗୁରୁବାର ବିଳମ୍ବିତ ରାତିରେ ଆନନ୍ଦପୁର ସହର ଭିତରେ ବଣୁଆ ହାତୀପଶି ଆସିବା ଯୋଗୁଁ ଭୟର ବାତାବରଣ ଖେଳିଯାଇଛି। ଘର ଭିତରେ ପଶି ନଷ୍ଟ କରିବା ସହିତ ଘର ଆଗରେ ଥିବା କାରକୁ ଭାଙ୍ଗିରୁଜି ଦେଇଛି। ଘରେ ଶୋଇଥିବା ସ୍ୱାମୀ-ସ୍ତ୍ରୀ ଓ ପୁଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ଆନନ୍ଦପୁର ସହର ଭିତରକୁ ଗୋଟିଏ ବଣୁଆ ହାତୀ ପଶିଆସି କଚେରି ଛକ ଦେଇ ତିନି ନମ୍ବର ୱାର୍ଡର ବାଉତି ସାହିରେ ପ୍ରକାଶ ଦଳେଇଙ୍କ ଗୋଟିଏ କାର



ଭାଙ୍ଗିବା ପରେ ବସନ୍ତ ନାଥଙ୍କ ଚାଳ ଘରକୁ ଭାଙ୍ଗିଥିଲା। ସୌଭାଗ୍ୟବଶତଃ ଘରେ ଶୋଇଥିବା ବସନ୍ତ ଓ ତାଙ୍କ ପତ୍ନୀ ଓ ପୁଅ ବାହାରି ଯିବାରୁ ହାତୀ କବଳରୁ ବର୍ତ୍ତି ଯାଇଛନ୍ତି। ପରେ ପରେ ହାତୀଟି ଭରା ବୈତରଣୀ ନଦୀ ପାରି ହୋଇ କୁମୁଣିଆ ଗାଁ ନିକଟରେ ରହିଥିବା ଜଣାପଡିଛି। ଆନନ୍ଦପୁର ଡିଏଫଓ ପ୍ରଶାନ୍ତ ପଣ୍ଡା ରେଞ୍ଜର ନବକୁମାର ନାୟକ ଓ କର୍ମଚାରୀ ହାତୀର ଗତିବିଧି ଉପରେ ନଜର ରଖିଛନ୍ତି।

## ହାତୀ ଆକ୍ରମଣରେ ଜଣେ ଗୁରୁତର

ତୁରୁମୁଙ୍ଗା, ୧୪।୮ (ସମିସ): ପୁଣି ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଚିନାମାଳିପଶି ଗ୍ରାମର ଜୟରାମ ମହାନ୍ତ। ଜୟରାମ ସକାଳୁ ବିଲକୁ ସାର ପକାଇବା ପାଇଁ ଯାଉଥିବା ସମୟରେ ହଠାତ୍ ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଘଟଣା ପରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ମେଡିକାଲରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି।

# ଅବ୍ୟବସ୍ଥା ମଧ୍ୟରେ ଖରିଫ ଧାନ ସଂଗ୍ରହ ପଞ୍ଜୀକରଣ



ଚମ୍ପୁଆ, ୧୪।୮ (ସମିସ): ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ସ୍ୱଚ୍ଛ, ସହଜ ଓ ସରଳ କରିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି। ଏହାସତ୍ତ୍ୱେ ଚମ୍ପୁଆ ଲ୍ୟାମ୍ପସରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଷ୍ଟାଫ୍ ଓ ଅଫିସ ଗୃହ ସହିତ ସେଡ ଅଭାବରୁ ଚାଷୀମାନେ ବର୍ଷା ଓ ଖରାରେ ଘଣ୍ଟା ଘଣ୍ଟା ପଞ୍ଜୀକରଣ ପାଇଁ ଠିଆ ହୋଇ ରହୁଛନ୍ତି। ସୂଚନା ଅନୁସାରେ ଅଗଷ୍ଟ ୬ ତାରିଖରୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିଥିବା ବେଳେ ଚମ୍ପୁଆ ଲ୍ୟାମ୍ପସରେ ଚମ୍ପୁଆ ସମେତ, କଣ୍ଡରା ଓ କରଞ୍ଜିଆ ଲ୍ୟାମ୍ପ ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତର ଚାଷୀମାନଙ୍କୁ ଏକତ୍ରିତ କରି ଏଠାରେ ପଞ୍ଜୀକରଣ ଫର୍ମ ଦିଆଯାଉଛି। ଫଳରେ ପ୍ରବଳ ଭିଡ଼ ସହ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସଂପୃକ୍ତ ଚାଷୀମାନେ ସେମାନଙ୍କ ଆଧାର କାର୍ଡ, ବ୍ୟାଙ୍କ ପାସ୍ ବୁକ୍, ଜମି ରେକର୍ଡ ଓ ଏବଂ ଆବଶ୍ୟକ ସ୍ଥଳେ ଜମି ମାଲିକଙ୍କ ସମ୍ମତିପତ୍ର ଦାଖଲ କରୁଛନ୍ତି। ଚାଷୀମାନଙ୍କ ସମ୍ମୁଖରେ ସୋସାଇଟୀ ସ୍କାନରରେ ଇ-କେୱାଇସି ପ୍ରକ୍ରିୟା ଜାରି ରହିଛି। ଏହି ପଞ୍ଜିକରଣ ପ୍ରକ୍ରିୟାରେ ଯୋଗାଣ ଓ ଖାଉଟି ବିଭାଗ, ସମବାୟ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସମନ୍ୱୟରେ କରାଯାଉଛି। ଚମ୍ପୁଆ ଏଆରସିଏସ୍ ମଙ୍ଗଲ ସୋରେନଙ୍କ ସୂଚନା ଅନୁସାରେ ଚାଷିମାନଙ୍କ ପଞ୍ଜୀକରଣକୁ ଅଗ୍ରାଧିକାର ଦିଆଯାଉଛି। ସୀମିତ କର୍ମଚାରି ଦ୍ୱାରା କାର୍ଯ୍ୟ କରାଯାଉଛି। ଆଜି ପର୍ଯ୍ୟନ୍ତ ୩୬୮ ଜଣ ଚାଷୀ ପଞ୍ଜୀକରଣ କରିଥିବା ଜଣାପଡିଛି।

# ଅନ୍ତର୍ଜାତୀୟ ଯୁବ ଦିବସରେ ଆଇନ ସଚେତନତା

କେନ୍ଦୁଝର, ୧୪।୮ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ପଦ୍ମପୁରସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ, ଶିଶୁ ନ୍ୟାୟ ଆଇନ, ସରକାରୀ ଯୋଜନା, ଜାଗ୍ରିତୀ ଯୋଜନା ସମ୍ବନ୍ଧୀୟ ଏକ ଆଇନ ସଚେତନତା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପଦଯାତ୍ରା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ପରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗତିକୃଷ୍ଣ ବାରିକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ, ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର, ଶିଶୁ ନ୍ୟାୟ ବୋର୍ଡ ସଦସ୍ୟା ମଞ୍ଜୁ ମଲ୍ଲିକ କିଶୋର-କିଶୋରୀଙ୍କ ପାଇଁ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ସନ୍ଧ୍ୟା ମିଶ୍ର, ମଧୁସ୍ମିତା ପ୍ରଧାନ, ମାନିନୀ ସାହୁ, ପୁଷ୍ପଲତା ସାହୁ, ଅଧ୍ୟାପକ ନିରଞ୍ଜନ ସାହୁ, ସତ୍ୟବ୍ରତ ସାହୁ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପକ ନିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ର ଲୋକାର୍ପିତ



ତେଲକୋଇ, ୧୪।୮ (ସମିସ): ତେଲକୋଇ ବ୍ଲକ କେନ୍ଦୁପତ୍ର ରେଞ୍ଜ ସିଂକୁଲାବାହାଳଠାରେ ଏକ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ରକୁ ଉଦଘାଟନ କରାଯାଇଛି। ପୁରୁଣା କେନ୍ଦୁପତ୍ର ଗୋଦାମ ଭବନଗୁଡିକର ନବୀକରଣ କରାଯାଇ ଏହି ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡାକ୍ତର ଫକୀର ମୋହନ ନାଏକ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, କେନ୍ଦୁଝର କେନ୍ଦୁପତ୍ର ଉପଖଣ୍ଡ ଅଧିକାରିଣୀ ସ୍ୱାଗତିକା ସାହୁ, ୧୯ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ଛଇଳବାଳା ନାୟକ, ଜଗମୋହନପୁର ସରପଞ୍ଚ ଗୋବିନ୍ଦ ପଧାନ, କେନ୍ଦୁଝର ଭାରପ୍ରାପ୍ତ ଡିଏସ ଡିଇଓ ସୁଧା ଓରାମ, କେନ୍ଦ୍ର ପରିଚାଳକ ହାର୍ଡକୋନଲିଃ ର ଶିବଶ୍ରିତା ସ୍ୱାଇଁ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳର ବେକାର ଯୁବକ ଯୁବତୀଙ୍କୁ ଦକ୍ଷତା ପ୍ରଶିକ୍ଷଣ ଯୋଗାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ନିଜସ୍ୱ ଆୟର ଉତ୍ସ ସୃଷ୍ଟି କରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ଏକ ଶ୍ରେଣୀଗୃହ ଓ ୬୦ ଜଣ ପ୍ରଶିକ୍ଷାର୍ଥୀ ସ ହ ଏକ ହଷ୍ଟେଲ ପ୍ରସ୍ତୁତ କରାଯାଇଥିବା ବେଳେ ଏଲ ରୋଷେଇ ଘର, ଭୋଜନାଳୟ ଏବଂ ଆଇଟି ଲ୍ୟାବ ମାନ ପ୍ରସ୍ତୁତ କରାଯାଇଛି। ସେହିପରି ଶୌଚାଳୟଠାରୁ ଆରମ୍ଭ କରି ୪ଟି ସ୍ନାନାଗାର ମଧ୍ୟ ରହିଛି। ତେଲକୋଇ ଭଳି ଏକ ଉପାନ୍ତ ଅଞ୍ଚଳରେ ଏଭଳି ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ପାଇଁ ଆତ୍ମନିର୍ଭରଶୀଳ ହେଲେ ଦାଦନ ମୁକ୍ତି ମିଳିବା ଆଶା କରାଯାଉଛି। ଅନ୍ୟପକ୍ଷରେ କେନ୍ଦୁଝର ଡିଏସ ଡିଇଙ୍କ ସମନ୍ୱୟରେ ଏକ ଚୁକ୍ତି ମାଧ୍ୟମରେ ଏହି କେନ୍ଦ୍ରକୁ ହାରଡିକମ୍‌କୁ ହସ୍ତାନ୍ତର କରାଯାଇଛି। ଅଭିଭାବକ ସହ ଛାତ୍ରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ତେଲକୋଇ କେନ୍ଦୁପତ୍ର ରେଞ୍ଜର ମନୋରଞ୍ଜନ ସେନାପତି ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ, ବନ ବିଭାଗର ଅଧିକାରୀ ସହଯୋଗ କରିଥିଲେ।

# ସାର ଅଭାବ ଓ ପ୍ରଧାନମନ୍ତ୍ରୀ ଆବାସ ଅନିୟମିତତା

## କଂଗ୍ରେସର ଆନ୍ଦୋଳନ ଚେତାବନୀ

ଆନନ୍ଦପୁର, ୧୪।୮ (ସମିସ): ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତି ଯୋଗୁଁ ଆନନ୍ଦପୁରରେ ଚାଷୀକୁଳ ହତାଶ ହୋଇ ପଡିଛନ୍ତି। ଏଭଳି ସମୟରେ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସମବାୟ ସମିତିରେ ସାରର କୃତ୍ରିମ ଅଭାବ ପରିଲକ୍ଷିତ ହୋଇଛି। ୧୭ ଶହ ଟଙ୍କା ସାର ବସ୍ତାକୁ ଚାଷୀ ବଜାରରେ ୨୭ ଶହ ଟଙ୍କାରେ ବାଧ ହୋଇ କିଣୁଛି। ସରକାରଙ୍କ ଅବ୍ୟବସ୍ଥା ଓ ଅପାରଗତା ଯୋଗୁଁ ସାରର କୃତ୍ରିମ ସଙ୍କଟ ସୃଷ୍ଟି ହୋଇଥିବା ନେଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଅଭିଯୋଗ କରିଛନ୍ତି। ବନ୍ୟା ପ୍ରଭାବିତ ଚାଷୀଙ୍କୁ ଚିହ୍ନଟ କରାଯାଇ ତୁରନ୍ତ ସାର ପ୍ରଦାନ କରିବାକୁ ଶ୍ରୀ ଜେନା ଦାବି କରିଛନ୍ତି। ସେହିପରି ବେଡି ଉପରେ କୋରଡା ମାଡ ଭଳି ଛଣଛପର ଘର ବନ୍ୟାରେ ଭାଙ୍ଗି ପଡିଛି। ଭାଙ୍ଗି ଯାଇଥିବା ଘରକୁ ସଜାଡ଼ିବା ଓ ମୁଣ୍ଡ ଗୁଞ୍ଜିବା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସହାୟତା ଆଶାରେ ଥିବା ଜଣେ ଗରିବ ଲୋକଙ୍କ ନାମ ପ୍ରଥମ ତାଲିକାରେ ଥିଲା। ଦ୍ୱିତୀୟ ତାଲିକା ପ୍ରକାଶ ପାଇବାବେଳେ ଶାସକ ଦଳର କର୍ମୀମାନଙ୍କ ଚାପରେ ତାଙ୍କ ନାମ କାଟି ଦେଇଛନ୍ତି। ଫଳରେ ଆଶା ଓ ଭରସା ନେଇ ଅପେକ୍ଷା କରିଥିବା ସେହି ଗରିବ ପରିବାର ଆଜି ନିରାଶ ଓ ହତାଶ। ଏହା କେବଳ ଜଣେ ଲୋକର କଥା ନୁହେଁ ସମଗ୍ର ଆନନ୍ଦପୁରରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ତାଲିକାରେ ସାମିଲ କରିବାକୁ ସେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ କେନ୍ଦୁଝର ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି; ନହେଲେ କଂଗ୍ରେସ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ଜେନା ଚେତାବନୀ ଦେଇଛନ୍ତି।

# ଗଛ କାଟୁଥିବା ବେଳେ ଅଘଟଣ; ୪ ଘର କ୍ଷତିଗ୍ରସ୍ତ

ବଡ଼ବିଲ, ୧୪।୮ (ସମିସ): ଜିଲ୍ଲାର ବଡ଼ବିଲ ତହସିଲ ଅନ୍ତର୍ଗତ ନାଲଦା ଟୋଲ୍‌ଗେଟ୍ ନିକଟରେ ଦୁଇରୁ ତିନୋଟି ବିରାଟକାୟ ଗଛ କାଟୁଥିବା ବେଳେ ଅସାବଧାନତା କାରଣରୁ ଏକ ଗଛ ବାସଗୃହ ଉପରେ ପଡ଼ିଯିବାରୁ ଚାରିଟି ଘର କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ଘରଗୁଡ଼ିକର ଖପର ଓ ଅନ୍ୟାନ୍ୟ ଅଂଶ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଶମ୍ଭୁ ବାଲମୁଚୁଙ୍କ ସହ ତାଙ୍କ ୮ ଜଣ ପରିବାର ସଦସ୍ୟ, ଚୁମର ଲାଗୁରିଙ୍କ ସହ ୮ ସଦସ୍ୟ, ଦୁଲମି ସୀଙ୍କୁଙ୍କ ସହ ୫ ଜଣ ସଦସ୍ୟ, ଦୁଗୁ ଚାମ୍ପିଆଙ୍କ ସହ ୪ ସଦସ୍ୟ ନାହିଁ ନ ଥିବା ହଇରାଣ ହେଉଥିବା ଜଣାପଡିଛି। ଘରୋଇ ଜମି ହୋଇଥିଲେ ମଧ୍ୟ ବିରାଟକାୟ ଗଛ କାଟିବା ବେଳେ ଜନସୁରକ୍ଷା ଓ ନିୟମାବଳୀ ପାଳନ ହୋଇଛି କି ନାହିଁ, ତାହାର ଯାଞ୍ଚ ହେବା ଆବଶ୍ୟକ। କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ ଉପଯୁକ୍ତ କ୍ଷତିପୂରଣ ଦେବା ସହ ଘଟଣାର ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



# 'କେଆର କ୍ୟୁର' ସ୍ମାର୍ଟ ଜରୁରୀ ସୁରକ୍ଷା ବ୍ୟବସ୍ଥାର ଶୁଭାରମ୍ଭ

ବଡ଼ବିଲ, ୧୪।୮ (ସମିସ): ଜରୁରୀ ସମୟରେ ଆବଶ୍ୟକ ସୂଚନା ଶୀଘ୍ର ଉପଲବ୍ଧ କରାଇବା ସହ ତୁରନ୍ତ ସହାୟତା ପାଇଁ ପଦକ୍ଷେପ ନେବା ଉଦ୍ଦେଶ୍ୟରେ ଅରୋଲାଇଫ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ 'କେୟାର କ୍ୟୁର' ନାମକ ସ୍ମାର୍ଟ କ୍ୟୁର-ଆଧାରିତ ଜରୁରିକାଳୀନ ସୁରକ୍ଷା ବ୍ୟବସ୍ଥା ଆରମ୍ଭ କରାଯାଇଛି। କେୟାର କ୍ୟୁର ମାଧ୍ୟମରେ ବ୍ୟବହାରକାରୀ ନିଜର ନାମ, ରକ୍ତ ଗୋଷ୍ଠୀ, ଆବଶ୍ୟକ ଚିକିତ୍ସା ସମ୍ପର୍କିତ ସୂଚନା ଓ ଜରୁରିକାଳୀନ ଯୋଗାଯୋଗ ନମ୍ବର ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ପରେ ମିଳୁଥିବା ସ୍ୱତନ୍ତ୍ର କ୍ୟୁର କୋଡ୍‌କୁ ପରିଚୟପତ୍ର, ଗାଡ଼ି, ହେଲମେଟ୍, ବ୍ୟାଗ୍, ମୋବାଇଲ୍ ଫୋନ୍ କିମ୍ବା ଅନ୍ୟ ସୁବିଧାଜନକ ସ୍ଥାନରେ ରଖାଯାଇପାରିବ। ଜରୁରୀ ପରିସ୍ଥିତିରେ ନିକଟସ୍ଥ ବ୍ୟକ୍ତି ମୋବାଇଲ୍ ଫୋନ୍‌ରେ କ୍ୟୁର କୋଡ୍ ସ୍କାନ୍ କରି ଅନୁମୋଦିତ ଜରୁରୀ ସୂଚନା ଦେଖିପାରିବେ। ଏହାସହିତ ଜରୁରିକାଳୀନ ସୁବିଧା ମାଧ୍ୟମରେ ପଞ୍ଜିକୃତ ଜରୁରୀ ସମ୍ପର୍କଙ୍କ ନିକଟକୁ ବ୍ୟବହାରକାରୀଙ୍କ ବର୍ତ୍ତମାନର ଅବସ୍ଥାନ ସହ ଜରୁରୀ ସୂଚନା ପଠାଇବାର ବ୍ୟବସ୍ଥା ରହିଛି। ଗୋପନୀୟତାକୁ ଗୁରୁତ୍ୱ ଦେଇ ଯେଉଁଠାରେ ସିଷ୍ଟମ୍ ଓ ଟେଲିକମ୍ ସେବା ସମର୍ଥନ କରେ, ସେଠାରେ ଭର୍ଚୁଆଲ୍ କିମ୍ବା ଅସ୍ଥାୟୀ ନମ୍ବର ମାଧ୍ୟମରେ ଉଭୟ ପକ୍ଷର ପ୍ରକୃତ ଫୋନ୍ ନମ୍ବର ଗୋପନ ରଖି ଯୋଗାଯୋଗ କରିବାର ସୁବିଧା ମଧ୍ୟ ରହିଛି।

# ଫାଶରେ ପଡ଼ିଲେ ଭାଲୁ ଛୁଆ; ସୁରକ୍ଷିତ ଉଦ୍ଧାର

କେନ୍ଦୁଝର, ୧୪।୮ (ସମିସ): ଭୋକ ବିକଳରେ ଗାଁକୁ ବାଟହୁଡ଼ି ଆସିଥିବା ଦୁଇ ଛୁଆ ଭାଲୁ ଜାଲରେ ଫସିଗଲେ। ଶୁକ୍ରବାର ସକାଳୁ କେନ୍ଦୁଝର ଟାଉନ ସେକ୍ସନ ମଇଦାନକେଲ ବିଟ୍ ଚକ ଓ ମଇଦାନକେଲ ଗାଁ ମଧ୍ୟସ୍ଥଳ ନିକଟସ୍ଥ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ବିଛା ଯାଇଥିଲା ୧୫ ଫୁଟ ଲମ୍ବର ଜିଆଇ ତାର। ଭାଲୁ ୨ଟିର ଚିତ୍କାର ଶୁଣି ସ୍ଥାନୀୟ ଲୋକ ବନ ବିଭାଗକୁ ସୂଚନା ଦେଇଥିଲେ। କର୍ମଚାରୀ, ରାପିଡ ରେସପନ୍ସ ଟିମ, ଏସିଏଫ୍ ଡ ସୁଦୀପ୍ତ ପଣ୍ଡା, ଫରେଷ୍ଟର ଯତିନ୍ଦ୍ର ସାହୁ, ୱାଇଲ୍ଡଲାଇଫ ଟ୍ରଷ୍ଟ ଅଫ୍ ଇଣ୍ଡିଆର ପଶୁ ଚିକିତ୍ସକ ଡାକ୍ତର ବ୍ରଜରାଜ ଯାଦବ ଭାଲୁ ଦୁଇଟିକୁ ଟ୍ରାଙ୍କୁଲାଇଜ୍ କରି ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଭାଲୁ ଛୁଆ ଦୁଇଟିର ବୟସ ଆନୁମାନିକ ୬ ମାସ ହେବ। ବର୍ତ୍ତମାନ ଚାଷ କାର୍ଯ୍ୟ ଚାଲିଛି ଓ ପ୍ରଚୁର ପରିମାଣରେ ଫସଲ ହେଉଥିବା ଯୋଗୁଁ ଜଙ୍ଗଲୀ ଜନ୍ତୁ ସବୁ ଏବେ ଗାଁ ମୁହାଁ ହୋଇଛନ୍ତି। ଗାଁ ନିକଟରେ ୫/୬ ଟି ଭାଲୁ ଚଳପ୍ରଚଳ କରନ୍ତି। ତା' ସହ ବାରହା, କୁଟୁରା, ହାତୀ ଭଳି ବନ୍ୟଜନ୍ତୁଙ୍କ ଗାଁକୁ ଅବାଧ ପ୍ରବେଶ ରହିଛି। ବନ ବିଭାଗ ପକ୍ଷରୁ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ନିୟମିତ ପାଦଚଲା ପାଟ୍ରୋଲିଂ କରାଗଲେ ବନ୍ୟଜନ୍ତୁ ଏବଂ ଜଙ୍ଗଲ ସୁରକ୍ଷା ସହ ଶିକାରୀଙ୍କ ଅବାଧ ପ୍ରବେଶ ଉପରେ ରୋକ ଲାଗିପାରିବ ବୋଲି ମତ ପ୍ରକାଶ ପାଇଛି।



# ଜଳବନ୍ଦିରେ ନୂଆଗାଁ ଓ ରାଘବପୁର; ଯୋଗାଯୋଗ ବିଚ୍ଛିନ୍ନ





ହାଟଡ଼ିହୀ, ୧୪।୮ (ସମିସ): ଲଗାଣ ବର୍ଷାରେ ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ନଦୀକୂଳ ଓ ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ନଦୀକୁଳିଆ ଗାଁ ମଧ୍ୟରେ ଆଇତିପୁର ପଞ୍ଚାୟତର ନୂଆଗାଁ ଓ ରାଘବପୁର ଗାଁ ଦୁଇଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଗାଁକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ନଦୀଜଳରେ ବୁଡ଼ିଯିବା ସହ ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ସେହି ଅଞ୍ଚଳରେ ପନିପରିବା ଫସଲ ଉଜୁଡ଼ିବା ଯିବା ସହ ଶହ ଶହ ହେକ୍ଟର ଚାଷଜମି ଜଳମୟ ହୋଇଯାଇଛି। ଗତକାଲି ରାତିରୁ ବୈତରଣୀ ନଦୀର ଜଳସ୍ତର ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଥିଲା। ଏନେଇ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଥିଲା ବେଳେ ଆଜି ପୂର୍ବାହ୍ନରେ ପ୍ରଶାସନିକ ଅଧିକାରୀମାନେ ସେଠାକୁ ଯାଇ ବନ୍ୟା ସ୍ଥିତି ଅନୁଧ୍ୟାନ କରିଛନ୍ତି। ନୂଆଗାଁ ଗ୍ରାମରେ କିଛି ଲୋକଙ୍କ ଘରେ ବନ୍ୟାଜଳ ପଶିଥିବା ବେଳେ ରାଘବପୁର ଏବଂ ନୂଆଗାଁ ଗ୍ରାମରେ ରହିଥିବା ଦୁଇଟି ସ୍କୁଲରେ ବନ୍ୟାଜଳ ପଶିଯାଇଛି। ଏପଟେ ଚାଷୀଙ୍କ ପନିପରିବା ଚାଷ ଉଜୁଡ଼ିଯିବା ସହ ଧାନ ଚାଷକାମରେ ବିଳମ୍ବ ଘଟିଛି। ଅନ୍ୟପଟେ ସ୍କୁଲରେ ବନ୍ୟାଜଳ ପଶିଯିବା କାରଣରୁ ଶ୍ରେଣୀଗୃହଗୁଡ଼ିକ ସନ୍ତସନ୍ତିଆ କାରଣରୁ ପିଲାଙ୍କ ପାଠପଢ଼ାରେ ବ୍ୟାହତ ଘଟିବ ବୋଲି ଗ୍ରାମବାସୀ କହିଛନ୍ତି। ଆଇତିପୁର ଗ୍ରାମର ଅଳ୍ପକିଛି ଲୋକଙ୍କ ଘରେ ବନ୍ୟାପାଣି ପଶିଥିବା ବେଳେ ଅମୃତପୁର, ମଧୁପୁର, ମଦରଙ୍ଗା ଆଦି ଗାଁକୁ ସଂଯୋଗ ହୋଇଥିବା ରାସ୍ତାଘାଟ ବନ୍ୟାପାଣିରେ ବୁଡ଼ିଯାଇଛି। ପ୍ରଥମ ବନ୍ୟାରେ ଯୋଗ୍ୟ ହିତାଧିକାରୀଙ୍କୁ ଜରିପାଲ ମିଳିବା ବଦଳରେ ଅଯୋଗ୍ୟ ପକ୍କାଘର ଥିବା ହିତାଧିକାରୀଙ୍କୁ ଜରିପାଲ ଦିଆଯାଇଥିବା ନେଇ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଜି ହାଟଡ଼ିହୀ ତହସିଲଦାର ସ୍ଥିତି ଅନୁଧ୍ୟାନ ବେଳେ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଜରିପାଲ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କାଞ୍ଜିପାଣି ଘାଟିରେ ଭୂସ୍ଖଳନ



ତେଲକୋଇ, ୧୪।୮ (ସମିସ): ଗୁରୁବାର ରାତିରେ ଲଗାଣ ବର୍ଷା ହେବା ଫଳରେ ୪୯ ନମ୍ବର ଜାତୀୟ ରାଜପଥ କାଞ୍ଜିପାଣି ଘାଟିର ଧଳାପଥର ବାଙ୍କ ନିକଟରେ ପାହାଡ଼ରୁ ଭୂସ୍ଖଳନ ହୋଇଛି। ପାହାଡରୁ ମାଟି ପଥର ଓ ଗଛ ଧସି ଚାରି ଥାକିଆ ରାସ୍ତାର ଗୋଟିଏ ପଟ ସୂଚନାରୁ ଜଣାପଡିଛି। ଖବର ପାଇବା ପରେ ଆଜି ସକାଳୁ ଏନଏଚଆଇ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୁଇଟି ଜେସିବି ମେସିନ ଓ ଗୋଟିଏ ହାଇୱା ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ମଝିରେ ମଝିରେ ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ରାତିରେ ଗାଡି ଚଳାଚଳ ବନ୍ଦ ଥିବାବେଳେ ଆଜି ସକାଳୁ ବିଭାଗ ପକ୍ଷରୁ ଗୋଟିଏ ପଟ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ କରାଯାଇଥିଲା। ଆଜି ଦୁଇରୁ ତିନି ଘଣ୍ଟା ମଧ୍ୟରେ ସମସ୍ତ ରାସ୍ତା କ୍ଲିଅର ହୋଇଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।

# ଦ୍ୱିତୀୟ ଥର କୂଳ ଲଙ୍ଘିଲା ବୈତରଣୀ; ଜିଲ୍ଲାପାଳଙ୍କ ଅନୁଧ୍ୟାନ

ଆନନ୍ଦପୁର, ୧୪।୮ (ସମିସ): ଜଳ ସମ୍ପଦ ବିଭାଗର ହେୟ ମନୋଭାବ ଯୋଗୁଁ ରିଙ୍ଗ ରୋଡରେ ଘାଇ ସୃଷ୍ଟି ହୋଇ ଅଭାବନୀୟ ସ୍ଥିତି ଉପୁଜିଥିବା ବେଳେ ୧୬ ଦିନ ପରେ ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ଗସ୍ତ ବନ୍ୟା ପ୍ରପୀଡ଼ିତଙ୍କ ପ୍ରତି ଉପହାସ ସଦୃଶ ହୋଇଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ ନଦୀରେ ଚଳିତ ବର୍ଷର ଦ୍ୱିତୀୟ ଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆନନ୍ଦପୁର ରାଜଘାଟଠାରେ ବୈତରଣୀ ଜଳସ୍ତର ବିପଦସଂକେତ ଅତିକ୍ରମ କରି ସନ୍ଧ୍ୟା ୬ଟାରେ ଜଳସ୍ତର ସତର୍କସଂକେତ ପାର୍ କରିଥିଲା। ରାତି ୯ଟା ସୁଦ୍ଧା ଜଳସ୍ତର ୩୯.୨୭ ମିଟର ଛୁଇଁଥିଲା। ନିକଟରେ ରିଂ ରୋଡ୍‌ରେ ସୃଷ୍ଟି ହୋଇଥିବା ଘାଇକୁ ଠିକଭାବେ ମରାମତି କରାଯାଇ ନଥିବାରୁ ପୁଣି ସେହି ସ୍ଥାନରେ ଦ୍ୱିତୀୟ ଥର ଘାଇ ଭାଙ୍ଗିଯାଇଛି। ଫଳରେ ପୁଣି ସହର ମଧ୍ୟକୁ ବନ୍ୟାଜଳ ପ୍ରବେଶ କରିପ୍ରାୟ ୫୦ରୁ ଅଧିକ ପରିବାରର ଘରେ ପାଣି ପଶିଯାଇଛି। ଗତ ଜୁଲାଇ ମାସ ୨୮ ତାରିଖ ରେ ରିଙ୍ଗରୋଡ଼ ରେ ଘାଇ ହେବାର ୧୬ଦିନ ପରେ ବି ମରାମତି ହୋଇନପାରିବାରୁ ଗତ ଗୁରୁବାର ରାତି ସାଢେ ୮ଟା ବେଳେ ରିଂ ରୋଡ୍‌ରେ ପକାଯାଇଥିବା ବାଲିବସ୍ତା ଦେଇ ପାଣି ସହର ମଧ୍ୟକୁ ପଶିବା ଆରମ୍ଭ କରିଥିଲା। ରାତି ୯ଟା ବେଳକୁ ପାଣି ପ୍ରବଳ ସ୍ରୋତରେ ସହର ମଧ୍ୟକୁ ପଶିଥିଲା। ବୈତରଣୀ ଜଳସ୍ତର ବୃଦ୍ଧି ପାଉଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ବନ୍ୟାର ୧୬ ଦିନ ପରେ ଆଜି କେନ୍ଦୁଝର ଜିଲ୍ଲାପାଳ ଆନନ୍ଦପୁର ବନ୍ୟାଞ୍ଚଳ ପରିଦର୍ଶନ କରି ଘାଇ ହୋଇଥିବା ସ୍ଥଳରେ ପରିସ୍ଥିତିର ସମୀକ୍ଷା କରିଥିଲେ।



# କାନ୍ଥ ପଡ଼ି ଯମଜ କନ୍ୟା ଗୁରୁତର





ତୁରୁମୁଙ୍ଗା, ୧୪।୮ (ସମିସ): ଲଗାଣ ବର୍ଷା ଯୋଗୁଁ ଘଟିଲା ଅଘଟଣ। ଶୋଇଥିବା ବେଳେ ହଠାତ୍ ଭୁଶୁଡ଼ି ପଡ଼ିଲା ମାଟି କାନ୍ଥ। କାନ୍ଥ ତଳେ ଚାପି ହୋଇ ଦୁଇ ଯମଜ ଶିଶୁକନ୍ୟା ଗୁରୁତର ହୋଇଛନ୍ତି। କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଦେଉଳିଆପଶି ଗାଁରେ ଗୁରୁବାର ରାତିରେ ଘଟିଛି ଅଘଟଣ। ଗୁରୁତର ଦୁଇ ଶିଶୁ ହେଲେ ବିଜୟଲକ୍ଷ୍ମୀ ମହାନ୍ତଙ୍କ ଦୁଇ ଶିଶୁ ଭାର୍ଗବୀ ଓ ଭୈରବୀ। ଉଭୟଙ୍କୁ ଗ୍ରାମବାସୀ ଉଦ୍ଧାର କରି ଉଦୟପୁର ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସା ପରେ ଦୁଇ ଶିଶୁ ସୁସ୍ଥ ଥିବା ଜଣାପଡିଛି। ମୁଣ୍ଡରେ ସାମାନ୍ୟ ଆଘାତ ଲାଗିଥିବା ଜଣାପଡ଼ିଛି।

# ବସଷ୍ଟାଣ୍ଡ ସ୍ଥାନାନ୍ତର ପ୍ରକ୍ରିୟା ପ୍ରତିବାଦରେ ସର୍ବଦଳୀୟ ବୈଠକ



**ନୀଳଗିରି, ୧୪।୮ (ସମିସ):** ନୀଳଗିରି ଏନ୍ଏସିରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ କରିବାକୁ ନେଇ ବାଲିଗୋହିରୀ ଠାରେ ଥିବା ବଷ୍ଟାଣ୍ଡକୁ ଘାଟଘରସାହି ବାସୁଳି ମନ୍ଦିର ଆଡ଼କୁ ଉଠିବା ପାଇଁ ବିଭାଗ ପକ୍ଷରୁ ସର୍ଭେ ଆରମ୍ଭ ହୋଇଯାଇଛି । ସ୍ଥାନାନ୍ତରଣ ପ୍ରକ୍ରିୟା ପ୍ରତିବାଦରେ ଆଜି ଅପରାହ୍ନ ୪ ଘଟିକା ସମୟରେ କଂଗ୍ରେସ ଯୁବନେତା ଅଶ୍ୱିନୀ କୁମାର ପାତ୍ରଙ୍କ ନେତୃତ୍ୱରେ ଏକ ସର୍ବ ଦଳୀୟ ବୈଠକ ନୀଳଗିରି ସ୍ଥିତ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସବୁ ଦଳର ପ୍ରମୁଖ ନେତା ଓ କର୍ମୀ ପୂର୍ବତନ ବିଧାୟକ ଏବଂ ବହୁ ବରିଷ୍ଠ ସାଧାରଣ ନାଗରିକ ଉପସ୍ଥିତ ଥିଲେ । ଉପସ୍ଥିତ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଅଛି । ବାଲିଗୋହିରି ସ୍ଥିତ ଥିବା ବସ୍ଷ୍ଟାଣ୍ଡଟି ସବୁ ଦୃଷ୍ଟିକୋଣରୁ ନିରାପଦ ଏବଂ ସମସ୍ତ ଅଫିସ୍, ସ୍କୁଲ, କଲେଜକୁ ଯାତାୟାତ ପାଇଁ ସମ୍ପୂର୍ଣ୍ଣ ସୁବିଧା ରହିଛି । ଏଣୁ ପୁରୁଣା ବସଷ୍ଟାଣ୍ଡକୁ ମରାମତି କରାଯାଇ ବସ୍ ଷ୍ଟାଣ୍ଡ ସ୍ଥାନାନ୍ତର ପ୍ରକ୍ରିୟାକୁ ରଦ୍ଦ କରାଯାଉ ଯଦି ବସ୍ଷ୍ଟାଣ୍ଡ ସ୍ଥାନାନ୍ତର ପ୍ରକ୍ରିୟାକୁ ସ୍ଥଗିତ କରାନଯାଏ ତାହେଲେ ଆଗାମୀ ଦିନରେ ନୀଳଗିରି ବନ୍ଦ ଏବଂ ଜନ ଆନ୍ଦୋଳନ ହେବ ବୋଲି ଗଠିତ କମିଟି ଦ୍ୱାରା ସ୍ଥିର କରାଗଲା । ଉକ୍ତ ବୈଠକରେ ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ବିଜେଡ଼ି ବ୍ଲକ ସଭାପତି ରାଜୀବ କୁମାର ଦାସବାବୁ, ସିପିଆଇ (ଏମ୍) ନେତା ବିଜୟ କୁମାର ପାତ୍ର, କଂଗ୍ରେସ ବ୍ଲକ ସଭାପତି ତପନ କୁମାର ରାଉତ, ଜିଲ୍ଲା ସମ୍ପାଦକ ଯୋଗେଶ୍ୱର ବେହେରା, ରାମକୃଷ୍ଣ ଜେନା , ଗଙ୍ଗାଧର ମିଶ୍ର, ରାଧାଗୋବିନ୍ଦ ଖଟୁଆ, ବୁଦ୍ଧଦେବ ସରକାର, ଶରତ ଦାସ, ପୁରଷୋତ୍ତମ ଦାସ, ବାସୁଦେବ ପାତ୍ର, ଦୀପକ ଦାସ, ପତିତ ପାବନ ଦାସ, ବିଦ୍ୟାଧର ମହାନ୍ତି, କୁଳମଣି ନାୟକ, ଆଦର୍ଶ ଗୌରବ ଦାସ, ଶୀତାଂଶୁ ଶେଖର ପରିଡା ଏବଂ ବହୁ ଜନ ସାଧାରଣ ଉପସ୍ଥିତ ଥିଲେ ।

## ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ନୀଳଗିରି, ୧୪।୮ (ସମିସ):** ନୀଳଗିରି ମିତ୍ରପୁରସ୍ଥିତ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଶକ୍ତିଶ୍ରୀ ସଶକ୍ତିକରଣ କେନ୍ଦ୍ର ଆନୁକୂଲ୍ୟରେ ମହିଳା ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମକୁ ଅଧ୍ୟକ୍ଷା ସ୍ମିତା ମହାପାତ୍ର ଶୁଭ ଉଦଘାଟନ କରିଥିଲେ । ଆତ୍ମ ସୁରକ୍ଷା ପ୍ରଶିକ୍ଷିକା ରଞ୍ଜିତା ସ୍ୱାଇଁ ଛାତ୍ରୀମାନଙ୍କୁ ନିଜେ ନିଜକୁ ସୁରକ୍ଷା କରିବାର କୌଶଳ ଶିଖାଇଥିଲେ । ଶକ୍ତିଶ୍ରୀ ସଂଯୋଜିକା ବାଁଶୋରୀ ଦାସ କାର୍ଯ୍ୟକ୍ରମକୁ ସମ୍ପାଦିତ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପିକା ସ୍ୱାତାଗ୍ନୀତାଶ୍ରୀ ଧୀରସାମନ୍ତ, ଅଧ୍ୟାପିକା ନିରୁପମା ସାମନ୍ତରା ଓ ଶ୍ରୁତି ରଞ୍ଜନ ପ୍ରଧାନ ସହଯୋଗ କରିଥିଲେ ।

# ବିଭିନ୍ନ ପ୍ରସଙ୍ଗରେ ବିଜେପି ସରକାରକୁ ଘେରିଲା ବିଜେଡି

**ବାଲେଶ୍ୱର,୧୪।୮ (ସମିସ)**

ବାଲେଶ୍ୱର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ଷ୍ଟେସନ କ୍ଲବରେ ସରକାରୀ ଅବ୍ୟବସ୍ଥାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ବିଜେଡିର ବରିଷ୍ଠ ନେତୃତ୍ୱମାନେ ଉପସ୍ଥିତ ରହି ସ୍ୱାସ୍ଥ୍ୟ, କୃଷି, ଶିକ୍ଷା, ଜଳବନ୍ଦୀ ଓ ପ୍ରଶାସନିକ ଅଧିକାରୀଙ୍କ ହାତବାରିସୀ ଆଚରଣ ପ୍ରସଙ୍ଗରେ ବିଜେପି ସରକାରକୁ ଜୋରଦାର ଘେରିଛନ୍ତି ।




ବିଜେଡି ଅଭିଯୋଗ ଆଣିଛି ଯେ, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଜ ହାତ ପାଣ୍ଠିରୁ ୯୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ଅକ୍ଷମତା ପ୍ରକାଶ କରୁଛନ୍ତି । ଅନ୍ୟପଟେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉନ୍ନତି ପାଇଁ ସାଂସଦ ପାଣ୍ଠିରୁ ୩ କୋଟି ୧୦ ଲକ୍ଷ ଟଙ୍କା ଦେଉଥିବା କହି ପ୍ରଚାର କରୁଛନ୍ତି, ଯାହା ହାସ୍ୟାସ୍ପଦ ବୋଲି ବିଜେଡି କହିଛି । ୨ ବର୍ଷ ଭିତରେ ସରକାର ଫକୀରମୋହନ ମେଡିକାଲ କଲେଜରେ ଗୋଟିଏ ଏମଆରଆଇ ଓ ସିଟି ସ୍କାନ ମେସିନ ମଧ୍ୟ ଲଗାଇ ପାରିନାହିଁ । ଏମ୍ସ ସାଟେଲାଇଟ ସେଣ୍ଟରକୁ ୩ ଶହ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ପରିଣତ କରିବା ପ୍ରତିଶ୍ରୁତି ଦେଇ ଡବଲ ଇଞ୍ଜିନ ସରକାର ମନ୍ତ୍ରୀ ଓ ସାଂସଦ ତାହାକୁ ଭୁଲି ଯାଇଥିବା ବେଳେ ଏଭଳି ଖୁଚୁରା ଅନୁଦାନ ଦେଇ ଲୋକଙ୍କ ସ୍ୱାଭିମାନ ସହ ଖେଳୁଥିବା ବିଜେଡି ଅଭିଯୋଗ କରିଛି । ସହର ବାରମ୍ବାର ବର୍ଷା ଜଳରେ ଉବୁଟୁବୁ ହେଉଥିବା ବେଳେ ବିଜେପି ବିଧାୟକ ଓ ନେତାମାନେ ବିଭିନ୍ନ ଯୋଜନାରେ ଟଙ୍କା ଖର୍ଚ୍ଚ ହୋଇଥିବା କହି ବାହାସ୍ଫୋଟ ମାରୁଛନ୍ତି । ସାରା ଜିଲ୍ଲାରେ ବନ୍ୟାର ବିଭୀଷିକା ଦେଖାଦେଉଥିବା ବେଳେ ଲୋକଙ୍କ ପାଖରେ ରନ୍ଧାଖାଦ୍ୟ, ରିଲିଫ ଓ ଅନ୍ୟାନ୍ୟ ସରକାରୀ ସହାୟତା ସଠିକ ଭାବେ ପହଞ୍ଚିପାରୁନି । ସେହିପରି ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ସରକାର ନାନା ପ୍ରକାର ଜଟିଳ ପ୍ରକ୍ରିୟା କରୁଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି । ଖନ୍ତାପଡାରେ ରେଳ ବ୍ରିଜ ନିର୍ମାଣ ପାଇଁ ମନ୍ତ୍ରୀଙ୍କ ଚିଠି ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ । ବିଭିନ୍ନ ସ୍ଥାନରେ ପ୍ରଶାସନିକ କଳ ନିରପେକ୍ଷତା ଅବଲମ୍ବନ ନକରି ସରକାରୀ ଦଳର ନେତାଙ୍କ ହାତବାରିସୀ ସାଜୁଥିବା ବିଜେଡି ଅଭିଯୋଗ କରିଛି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱର ସଦର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ସ୍ୱରୂପ କୁମାର ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ଯୁବ ଜନତାର ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ । ବିଜେଡିର ଅନ୍ୟାନ୍ୟ ନେତୃତ୍ୱଙ୍କ ମଧ୍ୟରେ ପୌରପାଳିକା ଉପାଧ୍ୟକ୍ଷ କୈଳାଶ ସେଠୀ, ବିଜେଡି ଟାଉନ ସଭାପତି ମନୋଜ କୁମାର ରାଉତ, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, କାଉନସିଲର କାର୍ତ୍ତିକ ସାହୁ ଓ ଆୟୁବ ଖାଁ, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ରମେଶ ମାଝୀ, ସେକ ସାକିର ଓ ସଞ୍ଜୟ ବେହେରା, ଯୁବନେତା ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ଅତୁଲ ଶତପଥୀ, ରୀତିକ ଜୀ, ନଳିନୀ ରଞ୍ଜନ ଦାସ, ଯୁବନେତା ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ, ବିନୋଦ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ

**ବାଲିଆପାଳ, ୧୪।୮ (ସମିସ):** ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ "ଘରେ ଘରେ ତ୍ରିରଙ୍ଗା' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବାଲିଆପାଳ ବ୍ଲକ ବିଡିଓ ରାଧାରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଜିପିଡିଓ ପ୍ରିୟବ୍ରତ ଗିରି, ଏବିଡିଓ ଶରତ କୁମାର ମୁଦୁଲି, ମଙ୍ଗଳ ଅଧିକାରୀ ଉଦିତ କୁମାର ମହାପାତ୍ର ଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀ ଏବଂ ବିଭିନ୍ନ ପଞ୍ଚାୟତର ଏମବିକେ, ସିଆରପି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ । ଏହି ଅବସରରେ ସମସ୍ତେ ହାତରେ ଜାତୀୟ ପତାକା ଧରି ବ୍ଲକ ପରିସରରୁ ଏକ ତ୍ରିରଙ୍ଗା ରାଲିରେ ବାହାରି ପୂର୍ତ୍ତ ବିଭାଗର ଡାକବଙ୍ଗଳା ପର୍ଯ୍ୟନ୍ତ ଯାଇଥିଲେ ।


## ରାଜ୍ୟକନିଷ୍ଠ ଦୌଡ଼କୁଦରେ ବାଲେଶ୍ୱର କ୍ରୀଡ଼ାବିତ୍‌ଙ୍କ ସଫଳତା

**ବାଲେଶ୍ୱର,୧୪।୮ (ସମିସ):** ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ହୋଇଥିବା ୭୨ ତମ ରାଜ୍ୟସ୍ତରୀୟ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଜିଲ୍ଲାରୁ ୧୫ ଜଣ ବାଳକ ଓ ବାଳିକା ଅଂଶ ଗ୍ରହଣ କରିଥିଲେ । ୧୮ ବର୍ଷରୁ କମ୍ ବାଳକ ବିଭାଗ ଜାଭେଲିନ ଥ୍ରୋରେ ସତ୍ୟରଂଜନ ନାୟକ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ୬୧.୫୭ ମିଟର ଦୂରକୁ ଥ୍ରୋ କରି ନୂତନ ରାଜ୍ୟ ରେକର୍ଡ ସୃଷ୍ଟି କରିଥିଲେ ଏବଂ ସେ ଜାତୀୟ ଯୁବ କ୍ରୀଡା ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି ଓ ଦେବସ୍ମୃତି ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଲଙ୍ଗ୍ ଜମ୍ପରେ ୧୮ ବର୍ଷରୁ କମ୍ ବାଳକ ବିଭାଗ ରେ ରୋହନ କୁମାର ଦାସ ଦ୍ୱିତୀୟ ସ୍ଥାନ କରି ଜାତୀୟ ଯୁବ କ୍ରୀଡା ପ୍ରତିଯୋଗୀତା ପାଇଁ ମନୋନୀତ ହୋଇଛନ୍ତି । ୧୦୦ ଏବଂ ୨୦୦ ମିଟର ଉଭୟ ଦୌଡ ପ୍ରତିଯୋଗିତା ବାଳିକା ବିଭାଗରେ ସୁକନ୍ୟା କର ତୃତୀୟ ସ୍ଥାନ ଓ ୬୦ ମିଟର ବାଧା ଦୌଡ ୧୬ ବର୍ଷରୁ କମ ବାଳିକା ବିଭାଗରେ ସୋନାକ୍ଷୀ ସାମଲ ତୃତୀୟ ସ୍ଥାନ ଓ ପେଟ୍ୟାଥେଲନରେ ବର୍ଷା ତରେଇ ତୃତୀୟ ସ୍ଥାନ ଏବଂ ୧୪ ବର୍ଷ ରୁ କମ ବାଳିକା ବିଭାଗ ଜାଭେଲିନ ଥ୍ରୋ ରେ ମଧୁସ୍ମିତ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଖେଳାଳୀମାନେ ମୋଟ ୮ ଟି ପଦକ ହାସଲ କରିଥିଲେ । ଏହି ସଫଳତା ପାଇଁ ଜିଲ୍ଲା କ୍ରୀଡାସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଓ ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ସହିତ ସମସ୍ତ ସଭ୍ୟ ମାନେ ଖେଳାଳୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# କାନ୍ଥଭଉଁରୀରେ ନୂତନ ବାତ୍ୟା ଆଶ୍ରୟସ୍ଥଳୀ ପାଇଁ ସ୍ଥାନ ଯାଞ୍ଚ




**ଚନ୍ଦନେଶ୍ୱର,୧୪।୮ (ସମିସ):** ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅଧୀନ କାନ୍ଥଭଉଁରୀ ଅଞ୍ଚଳରେ ଏକ ନୂତନ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଧିକାରୀମାନେ ଆଜି ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରି ଜମିର ସ୍ଥିତି ଓ ମାପଚୁପ ଯାଞ୍ଚ କରିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି । ଓଏସଡିଏମଏ ପକ୍ଷରୁ ପ୍ରୋଜେକ୍ଟ ଅଫିସର ସୁତନୁ କୁମାର ଠାକୁର, ବିଚିତ୍ରପୁର ରାଜସ୍ୱ ନିରୀକ୍ଷକ ବିଷ୍ଣୁପଦ ଗିରି ପ୍ରମୁଖ ପ୍ରସ୍ତାବିତ ସ୍ଥାନକୁ ଆସି ସ୍ଥାନ ପରିଦର୍ଶନ କରିବା ସହ ଜାଗାର ମାପଚୁପ କରିଥିଲେ । ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ସ୍ଥାନଟି ଉପଯୁକ୍ତ କି ନାହିଁ, ଜମିର ଆବଶ୍ୟକତା ଓ ଅନ୍ୟାନ୍ୟ ପ୍ରାଥମିକ ଦିଗ ନେଇ ଅଧିକାରୀମାନେ ଯାଞ୍ଚ କରିଥିବା ଜଣାପଡ଼ିଛି । ଏହି ସମୟରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା ଙ୍କ ସମେତ ଗ୍ରାମବାସୀ ହେମନ୍ତ ସାମଲ, ଶମ୍ଭୁନାଥ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଗ୍ରାମବାସୀମାନେ ଅଧିକାରୀମାନଙ୍କ ନିକଟରେ କାନ୍ଠଥଭଉଁରୀରେ ବାତ୍ୟା ଆଶ୍ରୟସ୍ଥଳୀର ବିଶେଷ ଆବଶ୍ୟକତା ସମ୍ପର୍କରେ ଅବଗତ କରାଇଥିଲେ । ବିଶେଷକରି ଏହା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷିତ ଆଶ୍ରୟର ଅଭାବ ଲୋକଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଥିବା ସେମାନେ ଦର୍ଶାଇଥିଲେ । ପ୍ରସ୍ତାବିତ ବାତ୍ୟା ଆଶ୍ରୟସ୍ଥଳୀ ପାଇଁ ପ୍ରାୟ ଦୁଇ କୋଟି ଟଙ୍କାର ପ୍ରକଳ୍ପ ହେବାକୁ ଥିବା ଜଣାପଡ଼ିଛି । ବାତ୍ୟା, ବନ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ଥାନୀୟ ଲୋକଙ୍କୁ ତୁରନ୍ତ ସୁରକ୍ଷିତ ଆଶ୍ରୟ ଯୋଗାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।







ସକାଳ
THE SAKALA

# ସମ୍ପାଦକୀୟ



ଆମର ପ୍ରକୃତ ଶତ୍ରୁ ବାହ୍ୟଶକ୍ତି ନୁହେଁ, ବରଂ ଆମ ଅନ୍ତର୍ନିହିତ ଦୁର୍ବଳତା।

-ଶ୍ରୀଅରବିନ୍ଦ

## ଆଶାର କିରଣ

ଆଜି ସ୍ୱାଧୀନତାର ଦୀର୍ଘବର୍ଷର ଉପଲବ୍ଧି ବିଷୟରେ ଆତ୍ମସମୀକ୍ଷା କରିବା ବେଳେ ଯେଉଁ ନିର୍ଣ୍ଣାୟକ ଓ ଐତିହାସିକ ପ୍ରସଙ୍ଗଟି ପ୍ରଥମେ ମନକୁ ଆସୁଛି ତାହା ନିଶ୍ଚିତ ଭାବେ ଯେ ନିକଟକରେ ଦିଲ୍ଲୀର ଯନ୍ତରମନ୍ତରରେ ଆୟୋଜିତ କକ୍ରୋଚ୍ ଜନତା ପାର୍ଟି(ସିଜେପି)ର ଅହିଂସ ଆନ୍ଦୋଳନ - ଏହାକୁ ଯେ କେହି ସ୍ୱୀକାର କରିବେ। ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ବାହୁବଳ ଓ ଅର୍ଥବଳ କବଳିତ ବୋଲି ଯେଉଁ ଧାରଣାଟି କ୍ରମଶଃ ଦୃଢ଼ ହୋଇଆସୁଥିଲା ତାହାକୁ ପ୍ରତିହତ କରିବାରେ ଛାତ୍ର ଓ ଯୁବଶକ୍ତି ସଫଳ ହୋଇଥିବା ଏଥିରୁ ପ୍ରମାଣିତ ହୋଇଛି। ଅଧିକନ୍ତୁ ରାଷ୍ଟ୍ରଗଠନରେ ଯେ ଛାତ୍ର ଓ ଯୁବଶକ୍ତି ସମ୍ବେଦନଶୀଳ ଏହି ଆଶ୍ୱାସନା ମିଳିଛି। ଆଉ ମାତ୍ର ୨୦ ବର୍ଷ ପରେ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବାକୁ ଯାଉଥିବା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଏହା ଏକ ଶୁଭସଙ୍କେତ ନିଶ୍ଚୟ। ସ୍ୱାଧୀନତାର ୮୦ ବର୍ଷ ପାଳନର ଅବ୍ୟବହିତ ପୂର୍ବରୁ ଭାରତୀୟ ଛାତ୍ର-ଯୁବ ସମାଜ ଅନ୍ତତଃ ଏହି ବାର୍ତ୍ତା ଦେଇଛନ୍ତି ଯେ କେବଳ ବରିଷ୍ଠ ଓ ଅଭିଜ୍ଞମାନେ ହିଁ ନୁହନ୍ତି, ଆମେ ମଧ୍ୟ ଭବିଷ୍ୟତର ଡୋରି ସମ୍ଭାଳିବାକୁ ସକ୍ଷମ।

ସିଜେପି ଆନ୍ଦୋଳନର ନେତୃତ୍ୱ ଛାତ୍ର-ଯୁବଶକ୍ତି ନେଇଥିଲେ ହେଁ ସେଥିରେ ସମଗ୍ର ଦେଶର ସ୍ୱର ସେଥିରେ ପ୍ରତିଫଳନ ଘଟିଥିଲା। ଦେଶବାସୀଙ୍କ ସୁପ୍ତ ପୀଡ଼ିତ ଅନ୍ତଃସ୍ୱରକୁ ସାର୍ବଜନିନ କରିବାରେ ସେମାନେ ଏଭଳି ଏକ ମଞ୍ଚ ପ୍ରଦାନ କରିଥିଲେ, ଯେଉଁଥିରେ ଗଣତନ୍ତ୍ର, ଅହିଂସା, ଅଭିବ୍ୟକ୍ତି ସ୍ୱାଧୀନତାର ସମାବେଶ ଘଟିଥିଲା। ଭାରତୀୟ ଗଣତନ୍ତ୍ର ପାଇଁ ଏହାଠାରୁ ବଳି ଉପଲବ୍ଧି ଆଉ କ'ଣ ହୋଇପାରେ! ବୁଦ୍ଧଙ୍କ ଭୂମିରେ ଅହିଂସା ଏବେ ମଧ୍ୟ ଗଣତନ୍ତ୍ରର ସ୍ୱର ହୋଇରହିଛି ଏହା ବିଶ୍ୱବାସୀ ପ୍ରତ୍ୟକ୍ଷ ଅନୁଭବ କଲେ। ତେଣୁ ସିଜେପିର ଆନ୍ଦୋଳନ ଓ ଉପଲବ୍ଧିକୁ କେବଳ ଅଭୂତପୂର୍ବ ଆଖ୍ୟା ଦେଲେ ତାହା ଯଥେଷ୍ଟ ହେବ ନାହିଁ। ବରଂ ସ୍ୱୈରଚାରର କଳାଚାଦରରେ ଗଣତନ୍ତ୍ରକୁ ଢାଙ୍କିବାକୁ ହେଉଥିବା ଉଦ୍ୟମକୁ ପଣ୍ଡ କରିବାରେ ଅମୋଘ ଅସ୍ତ୍ର ଏବଂ ଗଣତନ୍ତ୍ରର ସଞ୍ଜୀବନୀ ଭାବରେ ଏହାକୁ ତୁଳନା କଲେ ନ୍ୟାୟୋଚିତ ହେବ।

ସ୍ୱାଧୀନ ଭାରତର ସାମ୍ପ୍ରତିକ ମହାସଙ୍କଟ ହେଉଛି ସାମାଜିକ-ଆର୍ଥିକ ବୈଷମ୍ୟ ଏବଂ ମହାଅଭିଯୋଗ ହେଉଛି ସ୍ୱାଧୀନତା ଅଭିବ୍ୟକ୍ତିର କଣ୍ଠରୋଧ। ଅଭିବ୍ୟକ୍ତିର କଣ୍ଠରୋଧ ହେଲେ ଦେଶର ବାସ୍ତବ ସମସ୍ୟା ଲୋକଲୋଚନକୁ ଆସିପାରିବ ନାହିଁ କି ଏହାର ସମାଧାନ ମଧ୍ୟ ହୋଇପାରିବ ନାହିଁ। ଧୀରେ ଧୀରେ ଦେଶ ପୁଣି ଥରେ ବାହୁବଳୀ ଓ ପ୍ରତିପତ୍ତି ଧନିକ ଗୋଷ୍ଠୀଙ୍କ କବଳକୁ ଚାଲିଯିବ। ଏହି ପରିପ୍ରେକ୍ଷୀରେ କୌଣସି ପ୍ରଲୋଭନ ଓ ନାଲି ଆଖିକୁ ଭ୍ରୂକ୍ଷେପ ନ କରି ଛାତ୍ର-ଯୁବସମାଜ ଯେଉଁ ସାହସିକତା ପ୍ରଦର୍ଶନ କରିଛନ୍ତି ତାହା ଗଣତନ୍ତ୍ର ପାଇଁ ସଞ୍ଜୀବନୀ ନିଶ୍ଚୟ।

୨୦୪୭- ଭାରତ ଆଗରେ ଏବେ ଅନେକ ଆହ୍ୱାନ। ଭୂ-ରାଜନୀତିରେ ଏକପକ୍ଷରେ ଆମେରିକା ଓ ଅନ୍ୟପକ୍ଷରେ ଚୀନ୍‌ର ଆଧିପତ୍ୟ ବଢ଼ିଚାଲିଥିବା ବେଳେ ଭାରତ କେଉଁ ପକ୍ଷ ନେବ ନା ନିରପେକ୍ଷ ରହିବ ଏହି ଦ୍ୱନ୍ଦ୍ୱ ଅହରହ ଘାରୁଛି। ପାକିସ୍ତାନ-ତୁର୍କୀ-ସାଉଦି ଆରବର ସାମରିକ ମେଣ୍ଟ ଗଠନ ପରେ ଭାରତ ପ୍ରତି ପଡ଼ୋଶୀଙ୍କଠାରୁ ବିପଦ ବଢ଼ିଛି। ଆମେରିକାର ବାରମ୍ବାର ଧମକ ଭାରତର ବାଣିଜ୍ୟ ଅର୍ଥନୀତିକୁ ବଶମ୍ବଦ କରିବାକୁ ବାଧ୍ୟ କରୁଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ଅବନତି ଭାରତର ଅର୍ଥନୈତିକ ମହାଶକ୍ତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଦରଦାମ ବଢ଼ୁଛି; ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ସ୍ଥିତି ଦୁର୍ବଳ ହୋଇଚାଲିଛି। ସରକାରୀ ସ୍କୁଲ୍, ସରକାରୀ ଡାକ୍ତରଖାନା ସଂଖ୍ୟା କମୁଛି; ଅପରପକ୍ଷରେ ଏହି ଦୁଇ କ୍ଷେତ୍ରରେ ଘରୋଇ ସଂସ୍ଥାଙ୍କ ଆଧିପତ୍ୟ ବଢ଼ୁଛି। ଗାନ୍ଧୀଜୀଙ୍କ ନିଶାମୁକ୍ତ ସମାଜର ବିପରୀତ ଦିଗରେ ଭାରତ ଗତି କରୁଛି। ଜଳବାୟୁ ପରିବର୍ତ୍ତନ ଉତ୍କଟ ହେବାରେ ଲାଗିଛି।

ଏହି ପୃଷ୍ଠଭୂମିରେ ଛାତ୍ର-ଯୁବଶକ୍ତିଙ୍କ ସ୍ୱଚ୍ଛ-ଦୁର୍ନୀତିମୁକ୍ତ-ଉତ୍ତରଦାୟୀ ଶାସନ ବ୍ୟବସ୍ଥା ପ୍ରତି ଅଙ୍ଗୀକାରବଦ୍ଧତା ନୂଆ ଆଶା ସଞ୍ଚାର କରିଛି। ଆଶାର କିରଣ ଆହୁରି ଦୀପ୍ତିମନ୍ତ ହୋଇ ଭାରତକୁ ଉଦ୍‌ଭାସିତ କରୁ। ପୁଣି ଥରେ ସୁନାର ଭାରତ ଗଢ଼ି ଉଠୁ। ଗଣତନ୍ତ୍ର ଦିବସର ମହାର୍ଘ ମୁହୂର୍ତ୍ତରେ ଏହି କାମନା କରିବା।

## ଜେନ୍ ଜେଡ୍-ଅର୍ଥନୀତି

ସାଧାରଣତଃ ଏକ ଧାରଣା ରହି ଆସିଛି ଯେ ଜେନ୍ ଜେଡ୍ ବର୍ଗ(୨୦୦୦ ମସିହା ପରେ ଜନ୍ମିତ) ଆର୍ଥିକ ଉଚ୍ଛୃଙ୍ଖଳ। କ୍ରମଶଃ ବଜାରର ଆକାର ଓ ପ୍ରକାର ବଢ଼ିବା ସହିତ ବହୁବିଧ ଉପଭୋକ୍ତା ସାମଗ୍ରୀ ଏବଂ ପିତାମାତାଙ୍କ ରୋଜଗାର ବୃଦ୍ଧି ଜେନ୍ ଜେଡ୍‌ଙ୍କ ଆର୍ଥିକ ଶୃଙ୍ଖଳାରେ ଅନ୍ତରାୟ ସୃଷ୍ଟି କରିଛି ବୋଲି ସମାଜ ବିଜ୍ଞାନୀମାନଙ୍କ ମତ। ଭାରତୀୟ ରିଜର୍ଭ ବ୍ୟାଙ୍କର ଏକ ତଥ୍ୟ ଅନୁଯାୟୀ ଜେନ୍‌ଜେଡ୍ ବର୍ଗର ଅନିୟନ୍ତ୍ରିତ ଖର୍ଚ୍ଚ ଯୋଗୁଁ ଋଣ ଭାର ବଢ଼ିବାରେ ଲାଗିଛି। ଅତ୍ୟାଧୁନିକ ଯୁବପିଢ଼ିକୁ 'ଡିଜିଟାଲ୍-ପିଢ଼ି' ଭାବରେ ମଧ୍ୟ ଅଭିହିତ କରାଯାଉଛି। ଜେନ୍ ଜେଡ୍ ଏବଂ ଜେନ୍ ଆଲ୍‌ଫାର ୯୦% ମୋବାଇଲ୍ ବ୍ୟାଙ୍କିଙ୍ଗ ଆପ୍ ଉପରେ ନିର୍ଭର କରୁଥିବା ବେଳେ ୮୪% ୟୁପିଆଇ ଜରିଆରେ ଆର୍ଥିକ ଦେଣନେଣ କରୁଛନ୍ତି। 'ଏବେ କିଣ ପରେ ଦେବ(ବାୟ ନାଓ ପେ ଲେଟର)' ସୂତ୍ରରେ ସେମାନେ ଅନୁପ୍ରାଣିତ ହୋଇଥିବା କୁହାଯାଉଛି। ଏଣୁ ଉତ୍ପାଦକମାନେ ଏବେ ସେମାନଙ୍କ ଉତ୍ପାଦକୁ ଜେନ୍‌ଜେଡ୍ ଓ ଜେନ୍ ଆଲ୍‌ଫା କୈନ୍ଦ୍ରିକ ପାଇଁ ଯୋଜନା କରୁଛନ୍ତି।

ଅପରପକ୍ଷରେ ନିକଟରେ ଏକ ସର୍ବେକ୍ଷଣରୁ ପ୍ରାପ୍ତ ସିଦ୍ଧାନ୍ତ ଉପରୋକ୍ତ ବ୍ୟାଖ୍ୟାନକୁ ଭୁଲ୍ ପ୍ରମାଣିତ କରିଛି। ସର୍ବେକ୍ଷଣର ନିଷ୍କର୍ଷ ଅନୁଯାୟୀ ଜେନ୍ ଜେଡ୍ ବର୍ଗ ମିତବ୍ୟୟୀ; ଅର୍ଥାତ୍ ଦେଖି ଚାହିଁ ଟଙ୍କା ଖର୍ଚ୍ଚ କରନ୍ତି ଏବଂ ସଞ୍ଚୟ ପ୍ରତି ଅଧିକ ଯତ୍ନଶୀଳ। ଆଇଆଇଏମ୍ ଉଦୟପୁର ଦ୍ୱାରା କରାଯାଇଥିବା ଏହି ସର୍ବେକ୍ଷଣରେ ବାର୍ଷିକ ୧୫ ଲକ୍ଷ ଟଙ୍କା ଆୟ କରୁଥିବା ପରିବାରର ସନ୍ତାନସନ୍ତତିଙ୍କୁ ସାମିଲ୍ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କ ମଧ୍ୟରୁ କେତେକ ପେସାଦାର(ନିଯୁକ୍ତ) ଓ ଛାତ୍ରଛାତ୍ରୀ ଥିଲେ। ପୁଣି ସେମାନଙ୍କ ମଧ୍ୟରୁ ୩୦% ସ୍ୱଉପାର୍ଜନକ୍ଷମ ଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରୁ ୮୪% ସଞ୍ଚୟ କରୁଥିବା କହିଥିବା ବେଳେ ୬୦% ଅନ୍ତତଃ ଆଗାମୀ ତିନିମାସର ଖର୍ଚ୍ଚ ପାଇଁ ଜରୁରିକାଳୀନ ପାଣ୍ଠି ଗଠନ କରିଛନ୍ତି। ୨୮% ସେମାନଙ୍କ ଆୟରୁ ୧୦-୨୫% ସଞ୍ଚୟ କରୁଛନ୍ତି। ଏହା ନୂଆ ଯୁବପିଢ଼ିଙ୍କ ଆର୍ଥିକ ସଚେତନତା, ଆର୍ଥିକ ବିପର୍ଯ୍ୟୟଜନିତ ପ୍ରାକ୍‌ପ୍ରସ୍ତୁତି, ଦୂରଦୃଷ୍ଟି ସମ୍ପନ୍ନ ଆର୍ଥିକ ପରିଚାଳନାକୁ ସୂଚୀତ କରୁଛି। ପୁଣି ଦୁଇ-ତୃତୀୟାଂଶଙ୍କ ଡିମାଟ୍ ଆକାଉଣ୍ଟ ରହିଛି।

ଏବେ ବଜାର ଅର୍ଥନୀତିରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ତେଣୁ କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଏକାଧିକ ସମୀକ୍ଷା, ତର୍ଜମା ଆଧାରିତ ସିଦ୍ଧାନ୍ତ ଆବଶ୍ୟକ। ଆଗାମୀ ଦିନରେ ବ୍ୟାଖ୍ୟାନ ନୁହେଁ, ବାସ୍ତବତା ହିଁ ନିର୍ଣ୍ଣାୟକ ହେବ। ଭାରତର ଅର୍ଥନୀତି ଜେନ୍-ଜେଡ୍ କୈନ୍ଦ୍ରିକ ହେବାକୁ ଯାଉଥିବାରୁ ଅର୍ଥନୀତିର ନୂଆ ତତ୍ତ୍ୱ ଜନ୍ମ ନେବ।

# ଉପଲବ୍ଧିର ଶିଖରରେ ଅସମ୍ପୂର୍ଣ୍ଣତାର ଛାୟା

ମାନସ କୁମାର କର

ଭାରତ ଆଜି ଯେଉଁ ସ୍ଥାନରେ ପହଞ୍ଚିଛି, ସେଠାରେ ପହଞ୍ଚିବାର ଯାତ୍ରା ଆଦୌ ସହଜ ନଥିଲା। ସ୍ୱାଧୀନତା ସମୟର ଦୁର୍ବଳ ଅର୍ଥନୀତି, ଖାଦ୍ୟ ସଙ୍କଟ, ନିରକ୍ଷରତା, ଅନୁନ୍ନତ ଶିଳ୍ପ ବ୍ୟବସ୍ଥା ଓ ସୀମିତ ଭିତ୍ତିଭୂମିରୁ ଆରମ୍ଭ କରି ଆଜିର ଭାରତ ବିଶ୍ୱର ଏକ ପ୍ରମୁଖ ଅର୍ଥନୈତିକ, ପ୍ରଯୁକ୍ତିଗତ ଓ ମାନବ ସମ୍ପଦର ଶକ୍ତି ଭାବେ ନିଜର ଉପସ୍ଥିତି ଜାହିର କରିପାରିଛି। ମହାକାଶ ବିଜ୍ଞାନରୁ ଡିଜିଟାଲ ଅର୍ଥନୀତି, ଔଷଧ ଶିଳ୍ପରୁ ଭିତ୍ତିଭୂମି, ଷ୍ଟାର୍ଟଅପ୍‌ରୁ ଉଦ୍ୟମିତା ଆଦି ବିଭିନ୍ନ କ୍ଷେତ୍ରରେ ଭାରତର ଅଗ୍ରଗତି ନିଶ୍ଚିତ ଭାବେ ଗର୍ବର ବିଷୟ। କିନ୍ତୁ ବିକାଶର ଏହି ଯାତ୍ରାକୁ କେବଳ ଉପଲବ୍ଧିର ଆଲୋକରେ ଦେଖିଲେ ଚିତ୍ରଟି ଅସମ୍ପୂର୍ଣ୍ଣ ରହିଯିବ। ଆଲୋକ ଯେଉଁଠି ଅଛି, ସେଠି ଛାୟା ମଧ୍ୟ ରହିଥାଏ। ଦେଶର ବୃଦ୍ଧିଶୀଳ ଅର୍ଥନୀତି, ଆଧୁନିକ ସହର, ଦ୍ରୁତ ଗତିରେ ନିର୍ମିତ ରାଜପଥ ଓ ପ୍ରଯୁକ୍ତିଗତ ସଫଳତା ଆମକୁ ଗର୍ବିତ କରେ; କିନ୍ତୁ ସମାଜର ଶେଷ ଧାଡ଼ିରେ ଥିବା ମଣିଷଟିର ଜୀବନରେ ବିକାଶର ଆଲୋକ କେତେ ଗଭୀର ଭାବେ ପହଞ୍ଚିଛି - ଏହି ପ୍ରଶ୍ନ ମଧ୍ୟ ସେତିକି ଗମ୍ଭୀର।

ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଆଜି ମଧ୍ୟ ଆମକୁ ଏକ ମୌଳିକ ମାପଦଣ୍ଡ ଦେଇଥାଏ। ଗାନ୍ଧୀଙ୍କ ପାଇଁ ଭାରତର ବିକାଶ କେବଳ ଅର୍ଥନୈତିକ ସମୃଦ୍ଧିର ପ୍ରଶ୍ନ ନଥିଲା; ତାଙ୍କ ଭାରତର ସ୍ୱପ୍ନର କେନ୍ଦ୍ରରେ ଥିଲେ ସାଧାରଣ ମଣିଷ। ସମାଜର ସବୁଠାରୁ ଦୁର୍ବଳ ମଣିଷଟିର ମୁହଁକୁ ମନେ ପକାଇ ନିଷ୍ପତ୍ତି ନେବାର ତାଙ୍କର ଆହ୍ୱାନ ଆଜିର ବିକାଶ ଚର୍ଚ୍ଚାରେ ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ। ଗାନ୍ଧୀଙ୍କ ଚିନ୍ତାରେ ଗାଁ ଥିଲା ଭାରତର ଆତ୍ମା। ଆଜି ଭାରତ ସହରୀକରଣ, ଶିଳ୍ପାୟନ ଓ ଡିଜିଟାଲ ବିପ୍ଳବ ଦ୍ରୁତ ଗତିରେ ଆଗେଇ ଯାଉଥିବା ବେଳେ ଗାଁର ଜୀବନ, କୃଷକଙ୍କ ଆୟ, ଗ୍ରାମୀଣ ରୋଜଗାର, ମୌଳିକ ସ୍ୱାସ୍ଥ୍ୟ ଓ ଶିକ୍ଷାର ପ୍ରଶ୍ନକୁ ଅବହେଳା କରାଯାଇପାରିବ ନାହିଁ। ଗାନ୍ଧୀଙ୍କ ଗ୍ରାମସ୍ୱରାଜର ଧାରଣାକୁ ଆଜିର ସମୟରେ ନୂଆ ଅର୍ଥ ଦେବାର ଆବଶ୍ୟକତା ରହିଛି, ଯେଉଁଠି ଗାଁ କେବଳ ସହରକୁ ଶ୍ରମ ଯୋଗାଇବ ନାହିଁ, ବରଂ ନିଜେ ଶିକ୍ଷା, ଉଦ୍ୟମ, କୃଷି-ପ୍ରକ୍ରିୟାକରଣ ଓ ରୋଜଗାରର କେନ୍ଦ୍ର ହୋଇପାରିବ। ଗାନ୍ଧୀଙ୍କ ସ୍ୱଦେଶୀ ଚିନ୍ତାଧାରାକୁ ଆଜିର ପରିପ୍ରେକ୍ଷୀରେ ଦେଖିଲେ ସ୍ଥାନୀୟ ଉତ୍ପାଦନ, ସ୍ଥାନୀୟ ଉଦ୍ୟମ ଓ ସ୍ଥାନୀୟ ରୋଜଗାରକୁ ଶକ୍ତିଶାଳୀ କରିବାର ଗୁରୁତ୍ୱ ସ୍ପଷ୍ଟ ହୁଏ। ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିପାରିଲେ ଗ୍ରାମରୁ ସହରକୁ ଅନିବାର୍ଯ୍ୟ ପ୍ରବାସର ଚାପ ମଧ୍ୟ କମିପାରିବ।

ଭାରତର ଅର୍ଥନୈତିକ ଅଭିବୃଦ୍ଧି ସହିତ ଆଉ ଏକ ପ୍ରଶ୍ନ ହେଉଛି ବୈଷମ୍ୟ। ଏକ ପଟେ ଅତ୍ୟାଧୁନିକ ଜୀବନଶୈଳୀ, ଅନ୍ୟ ପଟେ ମୌଳିକ ସୁବିଧା ପାଇଁ ସଂଘର୍ଷ ଏହି ଦୁଇ ଚିତ୍ର ଏକା ସମୟରେ ଦେଖାଯିବା ବିକାଶର ସମାବେଶୀ ସ୍ୱରୂପ ଉପରେ ପ୍ରଶ୍ନ ଉଠାଏ। ଅର୍ଥନୀତି, ଶିଳ୍ପ ବଢ଼ିବା ଦରକାର, ପୁଞ୍ଜିନିବେଶ ଆସିବା ଦରକାର; କିନ୍ତୁ ଏହାର ସୁଫଳ ସମାଜର ବ୍ୟାପକ ବର୍ଗ ପାଖରେ ପହଞ୍ଚିବା ମଧ୍ୟ ଆବଶ୍ୟକ। ଗାନ୍ଧୀଙ୍କ 'ଟ୍ରଷ୍ଟିସିପ୍' ଧାରଣା ଏଠାରେ ମନେ ପଡ଼େ। ସମ୍ପଦର ମାଲିକାନା ଯାହାଙ୍କ ହାତରେ ଥାଉ, ତାହାର ବ୍ୟବହାର ସମାଜର ବ୍ୟାପକ ମଙ୍ଗଳ ପାଇଁ ହେବା ଉଚିତ - ଏହି ଚିନ୍ତା ଆଜିର କର୍ପୋରେଟ୍ ଓ ଅର୍ଥନୈତିକ ଯୁଗରେ ନୂଆ ଭାବେ ଚିନ୍ତା କରିବାର ଅବକାଶ ଦେଇଥାଏ।

ଭାରତର ସବୁଠାରୁ ବଡ଼ ସମ୍ପଦ ହେଉଛି ଏହାର ଯୁବଶକ୍ତି। କିନ୍ତୁ ଯୁବ ଜନସଂଖ୍ୟା ଅଧିକ ଥିଲେ ମଧ୍ୟ ତାହା ଜାତୀୟ ସମ୍ପଦରେ ପରିଣତ ହୁଏ ନାହିଁ। ଯୁବପିଢ଼ିକୁ ଗୁଣାତ୍ମକ ଶିକ୍ଷା, କୌଶଳ, ଗବେଷଣା, ଉଦ୍ୟମିତା ଓ ସମ୍ମାନଜନକ ରୋଜଗାର ଦେବାକୁ ହେବ। ଆଜି ଶିକ୍ଷିତ ଯୁବକଙ୍କ ମଧ୍ୟରେ ନିଜ ଯୋଗ୍ୟତା ଅନୁଯାୟୀ ସୁଯୋଗ ନ ପାଇବାର ଅସନ୍ତୋଷ ରହିଛି। ଦୀର୍ଘ ସମୟ ଧରି ଯୁବକ ନିଜ ଭବିଷ୍ୟତ ନେଇ ଅନିଶ୍ଚିତ ରହିଲେ ତାହାର ପ୍ରଭାବ କେବଳ ପରିବାର ଉପରେ ନୁହେଁ, ସମାଜ ଓ ଅର୍ଥନୀତି ଉପରେ ମଧ୍ୟ ପଡ଼େ। ତେଣୁ ଶିକ୍ଷା ସହିତ ରୋଜଗାରର ସମ୍ପର୍କକୁ ଦୃଢ଼ କରିବାକୁ ହେବ। କେବଳ ଡିଗ୍ରୀ ନୁହେଁ, ଦକ୍ଷତା ଓ ସୃଜନଶୀଳତା ଆଗାମୀ ଦିନର ପରିଚୟ ହେବା ଆବଶ୍ୟକ। ଗାନ୍ଧୀଜୀ ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ ମହିଳାଙ୍କୁ ବ୍ୟାପକ ଭାବରେ ଯୋଡ଼ିଥିଲେ। ତାଙ୍କ ପାଇଁ ସ୍ୱାଧୀନତା କେବଳ ରାଜନୈତିକ ମୁକ୍ତି ନଥିଲା; ଏହା ସାମାଜିକ ଓ ମାନବୀୟ ମୁକ୍ତିର ମଧ୍ୟ ଏକ ପ୍ରକ୍ରିୟା ଥିଲା। ଆଜି ମହିଳାମାନେ ଶିକ୍ଷା, ପ୍ରଶାସନ, ବିଜ୍ଞାନ, ଶିଳ୍ପ, କ୍ରୀଡ଼ା ଓ ରାଜନୀତିରେ ନୂଆ ସଫଳତା ହାସଲ କରୁଛନ୍ତି। ତଥାପି ସୁରକ୍ଷା, ସମାନ ଦରମା, ରୋଜଗାରର ସୁଯୋଗ ଓ ସାମାଜିକ ସମ୍ମାନର ପ୍ରଶ୍ନ ରହିଛି। ଆଇନ ଯେତିକି ଆବଶ୍ୟକ, ସାମାଜିକ ଚେତନାର ପରିବର୍ତ୍ତନ ସେତିକି ଆବଶ୍ୟକ।

ଭାରତର ବିକାଶ ଆଲୋଚନା କୃଷକଙ୍କୁ ବାଦ ଦେଇ ସମ୍ପୂର୍ଣ୍ଣ ହୋଇପାରେ ନାହିଁ। ଜଳବାୟୁ ପରିବର୍ତ୍ତନ, ଅନିୟମିତ ବର୍ଷା, ଉତ୍ପାଦନ ଖର୍ଚ୍ଚ, ବଜାରର ଅନିଶ୍ଚିତତା ଓ ଛୋଟ ଜମି ଭଳି ସମସ୍ୟା କୃଷକଙ୍କ ଜୀବନକୁ ପ୍ରଭାବିତ କରୁଛି। ଓଡ଼ିଶା ପାଇଁ ଏହି ପ୍ରଶ୍ନ ଆହୁରି ଗୁରୁତ୍ୱପୂର୍ଣ୍ଣ। ଧାନଚାଷ ସହିତ ମାଛଚାଷ, ପଶୁପାଳନ, ଉଦ୍ୟାନଚାଷ ଓ ଜଙ୍ଗଲଜାତ ଦ୍ରବ୍ୟ ଲକ୍ଷ ଲକ୍ଷ ପରିବାରର ଜୀବିକା ସହ ଜଡ଼ିତ। ଉତ୍ପାଦନ ବଢ଼ାଇବା ସହିତ କୃଷକଙ୍କ ଉତ୍ପାଦର ଉଚିତ ମୂଲ୍ୟ, ଭଣ୍ଡାରଣ, ପ୍ରକ୍ରିୟାକରଣ ଓ ବଜାର ସଂଯୋଗ ସୁନିଶ୍ଚିତ କରିବାକୁ ହେବ।

ବିକାଶର ଜାତୀୟ ଚିତ୍ରରେ ଓଡ଼ିଶା ଆଜି ଏକ ପରିବର୍ତ୍ତିତ ରାଜ୍ୟ ଭାବେ ନିଜର ପରିଚୟ ଗଢ଼ିଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଶିଳ୍ପାୟନ, ଭିତ୍ତିଭୂମି, କ୍ରୀଡ଼ା ଓ ପ୍ରଶାସନିକ ପରିଚାଳନାରେ ରାଜ୍ୟ ଅନେକ ଉଲ୍ଲେଖନୀୟ ପଦକ୍ଷେପ ନେଇଛି। କିନ୍ତୁ ଓଡ଼ିଶାର ଆଉ ଏକ ଚିତ୍ରକୁ ମଧ୍ୟ ଦେଖିବାକୁ ହେବ। ଖଣିଜ ସମ୍ପଦରେ ସମୃଦ୍ଧ ଅନେକ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ପରିବେଶର ପ୍ରଶ୍ନ ଏବେ ମଧ୍ୟ ରହିଛି। ସମ୍ପଦ ଯେଉଁ ଅଞ୍ଚଳରୁ ଆସୁଛି, ସେଠାର ଲୋକଙ୍କ ଜୀବନମାନରେ ତାହାର ପ୍ରତିଫଳନ କେତେ ଦୃଶ୍ୟମାନ - ଏହି ପ୍ରଶ୍ନ ଗମ୍ଭୀର ଭାବରେ ଉଠିବା ଦରକାର। ବିଶେଷକରି ଆଦିବାସୀ ଅଞ୍ଚଳରେ ବିକାଶର ଅର୍ଥ କେବଳ ରାସ୍ତା କିମ୍ବା ଭବନ ନୁହେଁ। ଶିଶୁଙ୍କ ପାଇଁ ଭଲ ସ୍କୁଲ, ରୋଗୀଙ୍କ ପାଇଁ ନିକଟସ୍ଥ ଚିକିତ୍ସା, ଯୁବକଙ୍କ ପାଇଁ ରୋଜଗାର, ମହିଳାଙ୍କ ପାଇଁ ସୁରକ୍ଷା ଓ ସ୍ୱାବଲମ୍ବନ ଏବଂ ସ୍ଥାନୀୟ ସମୁଦାୟର ଅଧିକାର ଓ ସମ୍ମାନ - ଏସବୁ ମିଶିଲେ ହିଁ ବିକାଶର ପ୍ରକୃତ ଅର୍ଥ ପୂରଣ ହେବ। ଦ୍ରୁତ ଶିଳ୍ପାୟନ ଓ ସହରୀକରଣର ଯୁଗରେ ପରିବେଶ ସୁରକ୍ଷାକୁ ଅଣଦେଖା କରିବାର ସୁଯୋଗ ନାହିଁ। ଜଳସଙ୍କଟ, ବାୟୁ ପ୍ରଦୂଷଣ, ଜଙ୍ଗଲ ହ୍ରାସ ଓ ଜଳବାୟୁ ପରିବର୍ତ୍ତନ ଆଉ କେବଳ ପରିବେଶବିତ୍‌ଙ୍କ ବିଷୟ ନୁହେଁ; ଏହା କୃଷକ, ଶ୍ରମିକ, ଶିଶୁ ଓ ସାଧାରଣ ମଣିଷର ଜୀବନ ସହ ଜଡ଼ିତ। ଓଡ଼ିଶାର ସମୁଦ୍ରତଟ, ଜଙ୍ଗଲ, ନଦୀ ଓ ଜୈବବିବିଧତା ରାଜ୍ୟର ଅମୂଲ୍ୟ ସମ୍ପଦ। ବିକାଶ ଓ ପରିବେଶ ମଧ୍ୟରେ ସନ୍ତୁଳନ ନ ରଖିଲେ ଆଜିର ଅର୍ଥନୈତିକ ଲାଭ ଆସନ୍ତାକାଲିର ବିପର୍ଯ୍ୟୟର କାରଣ ହୋଇପାରେ।

ଆଜି ଯେତେବେଳେ ଆମେ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଡିଜିଟାଲ ଅର୍ଥନୀତି ଓ ସ୍ମାର୍ଟ ସିଟିର କଥା କହୁଛୁ, ସେତେବେଳେ ଗାନ୍ଧୀଙ୍କ ଚିନ୍ତାର ମୂଳ କଥାଟିକୁ ଭୁଲିବା ଉଚିତ ନୁହେଁ, ବିକାଶର କେନ୍ଦ୍ରରେ ମଣିଷ ରହିବା ଦରକାର। ପ୍ରଯୁକ୍ତି ମଣିଷର ଜୀବନକୁ ସରଳ କରିପାରେ, ଅର୍ଥନୀତିକୁ ଦ୍ରୁତ କରିପାରେ, ଉତ୍ପାଦନ ବଢ଼ାଇପାରେ। କିନ୍ତୁ ପ୍ରଯୁକ୍ତି ମାନବୀୟତାର ବିକଳ୍ପ ନୁହେଁ। ଅର୍ଥନୈତିକ ସଫଳତା ସହିତ ସାମାଜିକ ନ୍ୟାୟ, ସହାନୁଭୂତି, ସତ୍ୟ, ଅହିଂସା ଓ ମାନବୀୟ ମର୍ଯ୍ୟାଦାର ମୂଲ୍ୟକୁ ଜୀବନ୍ତ ରଖିବା ଦରକାର। ଭାରତର ଉପଲବ୍ଧି ଆମକୁ ଗର୍ବ କରିବାର ଅଧିକାର ଦେଇଛି। ଓଡ଼ିଶାର ଅଗ୍ରଗତି ମଧ୍ୟ ଆଶା ସୃଷ୍ଟି କରିଛି। କିନ୍ତୁ ଗଣତନ୍ତ୍ରରେ ଆତ୍ମସମୀକ୍ଷା ଦୁର୍ବଳତାର ଲକ୍ଷଣ ନୁହେଁ; ଏହା ଦାୟିତ୍ୱଶୀଳ ସମାଜର ପରିଚୟ। ଯେଉଁ ଗାଁରେ ଭଲ ସ୍କୁଲ ନାହିଁ, ଯେଉଁ ପରିବାର ଚିକିତ୍ସା ଖର୍ଚ୍ଚରେ ଆର୍ଥିକ ଭାବେ ଦୁର୍ବଳ ହୋଇଯାଏ, ଯେଉଁ ଯୁବକ ଯୋଗ୍ୟତା ସତ୍ତ୍ୱେ ରୋଜଗାର ଖୋଜି ଦୂର ରାଜ୍ୟକୁ ଯାଏ, ଯେଉଁ କୃଷକ ପାଣିପାଗ ଓ ବଜାର ସହ ଲଢ଼ୁଛନ୍ତି, ଯେଉଁ ଆଦିବାସୀ ପରିବାର ନିଜ ଅଞ୍ଚଳର ସମ୍ପଦ ମଧ୍ୟରେ ରହି ମୌଳିକ ସୁବିଧା ପାଇଁ ଅପେକ୍ଷା କରୁଛି ସେମାନଙ୍କ ଜୀବନରେ ବିକାଶର ଆଲୋକ କେତେ ଦୂର ପହଞ୍ଚିଛି, ତାହା ହିଁ ଆମର ପ୍ରକୃତ ପରୀକ୍ଷା।

ଗାନ୍ଧୀଙ୍କ ଭାରତର ସ୍ୱପ୍ନ ଥିଲା ଏମିତି ଏକ ଭାରତ, ଯେଉଁଠି ଦୁର୍ବଳ ମଣିଷ ନିଜକୁ ଅସହାୟ ମନେ କରିବ ନାହିଁ, ଯେଉଁଠି ଗାଁ ଓ ସହର ମଧ୍ୟରେ ବିକାଶର ଗଭୀର ଖାଇ ରହିବ ନାହିଁ, ଯେଉଁଠି ସମୃଦ୍ଧି ସହିତ ନ୍ୟାୟ ଓ ମାନବୀୟ ମର୍ଯ୍ୟାଦା ମଧ୍ୟ ସୁନିଶ୍ଚିତ ହେବ। ଆଜି ଆମେ ଯେତେବେଳେ ନୂଆ ଭାରତ ଓ ବିକଶିତ ଭାରତର ସ୍ୱପ୍ନ ଦେଖୁଛୁ, ସେତେବେଳେ ଗାନ୍ଧୀଙ୍କ ସେହି ମାନବକୈନ୍ଦ୍ରିକ ଦୃଷ୍ଟିକୋଣକୁ ନୂଆ ସମୟର ଆବଶ୍ୟକତା ସହ ଯୋଡ଼ିବାକୁ ହେବ। କାରଣ ରାଷ୍ଟ୍ରର ପ୍ରକୃତ ଶକ୍ତି କେବଳ ତାହାର ଅର୍ଥନୀତିର ଆକାରରେ ନୁହେଁ, ସବୁଠାରୁ ଦୁର୍ବଳ ମଣିଷଟିର ମୁହଁରେ ଫୁଟିଉଠୁଥିବା ନିରାପତ୍ତା, ସମ୍ମାନ ଓ ଆଶାର ହସରେ ରହିଛି।

ଭାରତର ଯାତ୍ରା ଏଯାବତ୍ ଅସମ୍ପୂର୍ଣ୍ଣ। ଓଡ଼ିଶାର ଯାତ୍ରା ମଧ୍ୟ ଅସମ୍ପୂର୍ଣ୍ଣ। କିନ୍ତୁ ଏହି ଅସମ୍ପୂର୍ଣ୍ଣତା ଆମର ଦୁର୍ବଳତା ନୁହେଁ। ଏହା ଆମକୁ ଆହୁରି ଭଲ ଭାରତ ଏବଂ ଆହୁରି ସମୃଦ୍ଧ, ସମ୍ମାନ ଓ ମାନବୀୟ ଓଡ଼ିଶା ଗଢ଼ିବାର ପ୍ରେରଣା ଦେଉଛି। ଉପଲବ୍ଧି ଆମକୁ ଗର୍ବ ଦେଉ, କିନ୍ତୁ ଆହ୍ୱାନ ଆମକୁ ସଚେତନ ରଖୁ। ବିକାଶ ଆମକୁ ଆଗକୁ ନେଉ, କିନ୍ତୁ ମାନବୀୟତା ଆମର ଦିଗ ନିର୍ଦ୍ଦେଶ କରୁ - ଏହା ହେଉ ଆଗାମୀ ଭାରତ ଏବଂ ଓଡ଼ିଶା ପାଇଁ ସବୁଠାରୁ ବଡ଼ ସଙ୍କଳ୍ପ।

କୋଣାର୍କ(କୋଣାର୍କ)
ମୋ: ୭୩୮୧୩୮୨୨୧୦

# ବ୍ରିଟିଶରାଜ ଓ ଭାରତୀୟ ଗୁପ୍ତ ସଂଗଠନ

ଡ. ପ୍ରଦୀପ କୁମାର ନାୟକ

ଆମ ସମସ୍ତଙ୍କର ଧାରଣା ଅଛି ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୨୦ ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ଅହିଂସା ଓ ଶାନ୍ତିପୂର୍ଣ୍ଣ ପଦ୍ଧତିରେ ଚାଲିଥିଲା। ଭାରତୀୟ ଜାତୀୟ କଂଗ୍ରେସର ଅନେକ ତୁଙ୍ଗ ନେତା ଯାହାଙ୍କୁ ସମସ୍ତ ଦେଶବାସୀ ନରମପନ୍ଥୀ ବୋଲି କହୁଥିଲେ ଯଥା ମୋତିଲାଲ ନେହେରୁ, ଜବାହରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ମୌଲାନା ଅବୁଲ କଲାମ ଆଜାଦ, ଡକ୍ଟର ରାଜେନ୍ଦ୍ର ପ୍ରସାଦ, ସରୋଜିନୀ ନାଇଡୁ ଏବଂ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ୧୯୧୫ ସାଲରେ ଭାରତକୁ ଆସିବା ପୂର୍ବରୁ ଦାଦାଭାଇ ନାରୋଜି, ଗୋପାଳ କ୍ରିଷ୍ଣ ଗୋଖଲେ ଆଦି ନେତା ଶାନ୍ତିପୂର୍ଣ୍ଣ ଭାବେ ଭାରତ ପାଇଁ ସ୍ୱାଧୀନତା ଆଣିବାର ପ୍ରୟାସ କରିଥିଲେ। କିନ୍ତୁ ସେହି କଂଗ୍ରେସ ଦଳର ନେତାଜୀ ସୁଭାଷ ବୋଷ, ଲାଲା ଲଜପତ ରାୟ, ବାଲ ଗଙ୍ଗାଧର ତିଳକ ଓ ବିପିନ ଚନ୍ଦ୍ର ପାଲଙ୍କ ଭଳି ଚରମପନ୍ଥୀ ମଧ୍ୟ ଥିଲେ ଏବଂ ଶକ୍ତି, ହିଂସା ଓ ବଳ ପ୍ରୟୋଗ ଦ୍ୱାରା ବ୍ରିଟିଶରାଜକୁ ଦମନ କରାଯାଇ ପାରିବ ବୋଲି ଭାବୁଥିଲେ। ତତ୍କାଳୀନ ବିପ୍ଳବୀ ଅରବିନ୍ଦ ଘୋଷ ୧୯୦୭ ମସିହା ଏପ୍ରିଲ ୧୧ ଓ ୨୩ ତାରିଖରେ 'ବନ୍ଦେ ମାତାରମ' ଖବରକାଗଜରେ କଂଗ୍ରେସର ନିଷ୍କ୍ରିୟ ପ୍ରତିବାଦ ବା ଅହିଂସା ନୀତିକୁ ଭିକ୍ଷୁକ ନୀତି କହି କଡ଼ା ସମାଲୋଚନା କରିଥିଲେ। କେବଳ ହିଂସା ଓ ରକ୍ତପାତ ଦ୍ୱାରା ହିଁ ବ୍ରିଟିଶରମାନଙ୍କୁ ଭାରତରୁ ବିତାଡ଼ିତ କରାଯାଇପାରେ ବୋଲି ସେ ହୃଦୟଙ୍ଗମ କରିଥିଲେ।

ଗାନ୍ଧୀଙ୍କ ଅହିଂସା ନୀତିରେ ଯେଉଁ ବିପ୍ଳବୀମାନଙ୍କର ଆସ୍ଥା ଓ ବିଶ୍ୱାସ ନଥିଲା ସେମାନେ ଭାରତର ବିଭିନ୍ନ ଅଞ୍ଚଳରେ ଗୁପ୍ତ ସଂଗଠନମାନ ଗଠନ କରି ବ୍ରିଟିଶ ସରକାର ଉପରେ ଚାପ ପ୍ରୟୋଗ କରିଥିଲେ। ୧୯୦୨ ମସିହାରେ ଅବିଭାଜିତ ବଙ୍ଗ ପ୍ରଦେଶରେ 'ଅନୁଶୀଳନୀ ସମିତି' ନାମକ ଏକ ଗୁପ୍ତ ସଂଗଠନ ସ୍ଥାପିତ ହୋଇଥିଲା, ଯାହାର ମୁଖ୍ୟ ପ୍ରତିଷ୍ଠାତା ଥିଲେ ପ୍ରମଥନାଥ ମିତ୍ର, ଅରବିନ୍ଦ ଘୋଷ, ବାରିନ୍ଦ୍ର ଘୋଷ ଓ ସତୀଶ ଚନ୍ଦ୍ର ବାସୁ। ଏହା ଏକ ଆଖଡ଼ା ତଥା ବ୍ୟାୟାମଶାଳା ରୂପେ ଲୋକଙ୍କୁ ବିଭ୍ରାନ୍ତ କରୁଥିଲା। ୧୯୦୬ ସାଲରେ ବଙ୍ଗରେ 'ଯୁଗାନ୍ତର' ନାମକ ଏକ ସଂଗଠନ ଗଠନ ହୋଇଥିଲା, ଯାହାର କାର୍ଯ୍ୟକ୍ଷେତ୍ର ଉତ୍ତର ପ୍ରଦେଶ, ବିହାର ଓ ଓଡ଼ିଶାରେ ଥିଲା। ଏହାର ପ୍ରତିଷ୍ଠାତା ଥିଲେ ବାରିନ୍ଦ୍ର ଘୋଷ, ବାଘା ଯତୀନ, ଭୁପେନ୍ଦ୍ରନାଥ ଦତ୍ତ ଓ ଅବିନାଶ ଭଟ୍ଟାଚାର୍ଯ୍ୟ। ଏହି ସଂଗଠନର ମୁଖ୍ୟ ଲକ୍ଷ୍ୟ ଥିଲା ଉଚ୍ଚପଦସ୍ଥ ବ୍ରିଟିଶ ଅଫିସରମାନଙ୍କୁ ଗୁପ୍ତରେ ହତ୍ୟା କରିବା, ବୋମା ତିଆରି କରିବା ଏବଂ ବିଦେଶରୁ ଅସ୍ତ୍ରଶସ୍ତ୍ର ଆମଦାନୀ କରିବା।

୧୮୯୯ରେ ମହାରାଷ୍ଟ୍ରର ନାସିକ ଠାରେ 'ମିତ୍ରମେଳା' ଓ ୧୯୦୪ ମସିହାରେ ମହାରାଷ୍ଟ୍ରର ପୁନେ ଠାରେ 'ଅଭିନବ ଭାରତ ସୋସାଇଟି' ବିପ୍ଳବୀ ବିନାୟକ ଦାମୋଦର ସବରକରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଏହି ସଂଗଠନର ସଦସ୍ୟମାନେ ନାସିକଠାରେ ବ୍ରିଟିଶ କଲେକ୍ଟର ଏ.ଏମ. ଟି ଜ୍ୟାକସନ୍‌ଙ୍କୁ ୧୯୦୯ ଡିସେମ୍ବର ୨୧ ତାରିଖରେ ହତ୍ୟା କରି ଚର୍ଚ୍ଚିତ ହୋଇଥିଲେ। ୧୮୯୭ ମସିହାରେ କଲିକତାରେ ବିପିନ ବିହାରୀ ଗାଙ୍ଗୁଲି 'ଆତ୍ମୋନ୍ନତି ସମିତି' ନାମକ ଏକ ବ୍ରିଟିଶ ବିରୋଧୀ ସଂଗଠନର ସ୍ଥାପନା କରିଥିଲେ। ସେହିପରି ୧୯୦୭ ମସିହାରେ ଭଗତ ସିଂଙ୍କ ଦାଦା ଅଜିତ ସିଂ ଲାହୋରରେ 'ଭାରତ ମାତା ସୋସାଇଟି' ଗଠନ କରି ବ୍ରିଟିଶରମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲେ।

୧୯୨୪ ମସିହାରେ କାନପୁରଠାରେ ସଚିନ୍ଦ୍ରନାଥ ସାନ୍ୟାଲ 'ହିନ୍ଦୁସ୍ଥାନ ରିପବ୍ଲିକାନ ଆସୋସିଏସନ' ଗଠନ କରିଥିଲେ। ଏହାପୂର୍ବରୁ ବାଳକୃଷ୍ଣ ଓ ବାସୁଦେବ ଚପେକର ଦୁଇ ଭାଇ ୧୮୯୦ ଦଶକରେ 'ଚପେକର କ୍ଲବ' ଆରମ୍ଭ କରିଥିଲେ ବ୍ରିଟିଶମାନଙ୍କୁ ଭୟଭୀତ କରିବା ପାଇଁ। ୧୮୯୭ ମସିହାରେ ସେମାନେ ପୁନେର ପ୍ଲେଗ କମିଶନର ଡବ୍ଲୁ.ସି. ରୟାଣ୍ଡଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହାଛଡ଼ା ଲଣ୍ଡନରେ ୧୯୦୫ ମସିହାରେ 'ଇଣ୍ଡିଆ ହାଉସ' ଶ୍ୟାମଜି କ୍ରିଷ୍ଣା ବର୍ମାଙ୍କ ଦ୍ୱାରା ଏବଂ କାନାଡ଼ାରେ ୧୯୧୩ ମସିହାରେ 'ଘଦର ପାର୍ଟି' ଗଠିତ ହୋଇଥିଲା ହିଂସା ଓ ରକ୍ତପାତ ଦ୍ୱାରା ବ୍ରିଟିଶରମାନଙ୍କୁ ଭୟଭୀତ କରି ଭାରତରୁ ବିତାଡ଼ିତ କରିବା ପାଇଁ।

ସେଥିପାଇଁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯେଉଁ ବୀର ବିପ୍ଳବୀମାନେ ନିଜର ସ୍ୱାର୍ଥର ଜଳାଞ୍ଜଳି ଦେଇ ଦେଶ ପାଇଁ ସ୍ୱାଧୀନତା ଆଣିବାରେ ପ୍ରମୁଖ ଭୂମିକା ତୁଲେଇଛନ୍ତି ତାହାକୁ ଦେଶବାସୀ ଭୁଲିବା ଉଚିତ ନୁହେଁ। ସେମାନେ ଥିଲେ ଅଦୃଶ୍ୟ ଶକ୍ତି। ସେମାନେ ନେତାଜୀଙ୍କ 'ଆଜାଦ ହିନ୍ଦ ଫୌଜ' ପରି ବ୍ରିଟିଶରମାନଙ୍କ ଶାସନକଳର ମୂଳଦୁଆକୁ ଦୋହଲେଇ ଦେଇଥିଲେ।

(ଅବସରପ୍ରାପ୍ତ ଅଧ୍ୟକ୍ଷ)
ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

# ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

## ଓଡ଼ିଶାର ବୌଦ୍ଧ ପରମ୍ପରା

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

**କେବଳ କଳିଙ୍ଗରେ ପ୍ରକାଶିତ ଶିଳାଲେଖ:**

ନଂ ୧ - ପ୍ରଥମ କଳିଙ୍ଗ ଶିଳାଲେଖରେ ଏକ କଠୋର ଏବଂ ନିର୍ଦ୍ଦେଶାତ୍ମକ ସ୍ୱର ରହିଛି, ଯାହା ଅଧିକାଂଶ ଅନ୍ୟ ଶିଳାଲେଖରେ ଦେଖିବାକୁ ମିଳେ ନାହିଁ। କିନ୍ତୁ ପ୍ରଥମତଃ ଏହା ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ କରାଯାଇ ନାହିଁ, ବରଂ ତୋଷାଳୀ ଓ ସମପା ନଗରୀର ଉଚ୍ଚ ପଦାଧିକାରୀ(ମହାମାତ୍ର) ଏବଂ ସହରର ବିଚାରପତି(ନ୍ୟାୟିକ ଅଧିକାରୀ)ମାନଙ୍କ ଉଦ୍ଦେଶ୍ୟରେ ଜାରି କରାଯାଇଥିଲା। ଅଶୋକ ଦୃଢ଼ତାର ସହିତ ଘୋଷଣା କରିଛନ୍ତି କି ସେ ଯେଉଁ ନୀତିକୁ ସମର୍ଥନ କରିବେ ତାହାକୁ ଯେ କୌଣସି ଉପାୟରେ କାର୍ଯ୍ୟକାରୀ କରିବେ। ସେମାନେ ହଜାର ହଜାର ଦାୟିତ୍ୱରେ ଅଛନ୍ତି ଏବଂ ତାଙ୍କୁ ଲୋକମାନଙ୍କର ବିଶ୍ୱାସ ତଥା ସ୍ନେହ ଓ ଆଦର ହାସଲ କରିବାକୁ ହେବ। ଅଶୋକ ନିଜର ଅଧିକାରୀମାନଙ୍କ ସହିତ ନିଜକୁ ସାମିଲ କରି 'ଆମେ' (ପ୍ରଥମ ପୁରୁଷ ବହୁବଚନ) ଶବ୍ଦ ବ୍ୟବହାର କରୁଥିଲେ। ସେ ତାଙ୍କର ପ୍ରସିଦ୍ଧ ବକ୍ତବ୍ୟକୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି - 'ସମସ୍ତେ ମୋର ସନ୍ତାନ'। ନିଜ ସନ୍ତାନଙ୍କ ପାଇଁ ସେ ଯେପରି କାମନା କରନ୍ତି, ସେହିପରି ସେ ସମସ୍ତ ପ୍ରଜାମାନଙ୍କର ସୁଖ ଓ କଲ୍ୟାଣ କାମନା କରିଛନ୍ତି। ଅଧିକାରୀମାନେ ଏହା ବୁଝିପାରିନାହାନ୍ତି, ଅଶୋକ ନିଜର ନୀତିକୁ କାର୍ଯ୍ୟକାରୀ କରିବାକୁ କେତେ ଆନ୍ତରିକତାର ସହ ଚାହୁଁଛନ୍ତି। ବିନା କାରଣରେ ଲୋକମାନଙ୍କୁ ବନ୍ଦୀ କରାଯାଇ ନିର୍ଯାତନା ଦିଆଯାଉଛି। ଅଧିକାରୀମାନେ ନିଜର ଦୁର୍ବଳତା ବା ତ୍ରୁଟିଗୁଡ଼ିକୁ ସୁଧାରିବାକୁ ହେବ। ନଚେତ୍ ସ୍ୱର୍ଗର କ୍ରୋଧର ଶିକାର ହେବାକୁ ପଡ଼ିବ ଏବଂ ରାଜାଙ୍କର ମଧ୍ୟ।

ଏହି ଶିଳାଲେଖର ଏକ ଅସାଧାରଣ ବ୍ୟବସ୍ଥାଟି ହେଉଛି ଏହାକୁ ଉଚ୍ଚସ୍ୱରରେ ସର୍ବସାଧାରଣରେ ପ୍ରତି ତିଷ୍ୟ ନକ୍ଷତ୍ର ଦିବସରେ ଘୋଷଣା କରାଯିବ ଏବଂ ସମୟକୁ ସମୟ ସଠିକ୍ ବ୍ୟବଧାନରେ ସେହି ତିଷ୍ୟ ନକ୍ଷତ୍ର ଦିବସଗୁଡ଼ିକରେ ଏହି ଘୋଷଣା ଜାରି ରହିବ। ଏହିପରି ଭାବରେ ସେହି ସମୟରେ ଯେତେ ଅଧିକ ସମ୍ଭବ ଏହି ଶିଳାଲେଖଟିର ପ୍ରଚାର ପ୍ରସାର କରାଯାଇଥିଲା। ତାଙ୍କ ପ୍ରଜାମାନଙ୍କ ମଧ୍ୟରୁ କେହି ଯେପରି ଅନ୍ୟାୟ କାରାବାସ ବା ନିର୍ଯାତନାର ଶିକାର ନ ହୁଅନ୍ତି, ତାହାକୁ ନିଶ୍ଚିତ କରିବା ବିଷୟ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅଶୋକ ଏହି ଅନୁଶାସନରେ ଉଲ୍ଲେଖ କରିଛନ୍ତି। ରାଜାଙ୍କ ନିର୍ଦ୍ଦେଶଗୁଡ଼ିକ ଠିକ୍ ଭାବରେ ପାଳନ ହେଉଛି କି ନାହିଁ ତାହା ନିଶ୍ଚିତ କରିବା ସକାଶ ପ୍ରତି ପାଞ୍ଚ ବର୍ଷରେ ରାଜଧାନୀରୁ ଜଣେ ସ୍ୱତନ୍ତ୍ର ପରିଦର୍ଶକଙ୍କୁ ପଠାଯିବାର ବ୍ୟବସ୍ଥା କରାଯାଇଥିଲା। ଉଜ୍ଜୟିନୀର ପ୍ରାଦେଶିକ ରାଜ୍ୟପାଳ ଭାବେ ନିୟୋଜିତ ଯୁବରାଜ କୁନାଲଙ୍କୁ ମଧ୍ୟ ଏହିଭଳି ଅନୁସନ୍ଧାନ ଏବଂ ଯାଞ୍ଚ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ଯାଞ୍ଚ ତିନିବର୍ଷରୁ ଅଧିକ ବ୍ୟବଧାନରେ ହେବା ଉଚିତ ନୁହେଁ ବୋଲି ମଧ୍ୟ କୁହାଯାଇଥିଲା। ସେହିଭଳି ତକ୍ଷଶିଳା ପ୍ରଦେଶର ଅଧିକାରୀମାନଙ୍କ ପାଇଁ ମଧ୍ୟ ଏହିଭଳି ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା।

ଯେହେତୁ ଏହି ଶାସନାଦେଶରେ ବିଶେଷ ଭାବରେ ଉଜ୍ଜୟିନୀ ଓ ତକ୍ଷଶିଳା ନାମକ ଦୁଇଟି ପଶ୍ଚିମ ପ୍ରଦେଶ ବିଷୟରେ ଉଲ୍ଲେଖ ଅଛି, ତେଣୁ ଏହା ସ୍ପଷ୍ଟ ଯେ ଏହା କେବଳ ନବବିଜିତ କଳିଙ୍ଗ ଅଞ୍ଚଳ ନିମନ୍ତେ ଉଦ୍ଦିଷ୍ଟ ନଥିଲା; ବରଂ ଏହାକୁ ସମଗ୍ର ସାମ୍ରାଜ୍ୟରେ ପଢ଼ାଯିବା ପାଇଁ ଜାରି କରାଯାଇଥିଲା। ନିଶ୍ଚିତ ଭାବରେ ଅଶୋକ କେବଳ କଳିଙ୍ଗରେ ନୁହେଁ; ବରଂ ତାଙ୍କର ସମଗ୍ର ସାମ୍ରାଜ୍ୟରେ ତାଙ୍କ ଅଧିକାରୀମାନଙ୍କ ଦ୍ୱାରା ସାଧାରଣ ଲୋକଙ୍କ ଉପରେ ଅନ୍ୟାୟ ତଥା ଅତ୍ୟାଚାର କରାଯାଉଥିବା ଏବଂ ଅକାରଣରେ ସେମାନଙ୍କୁ ଦଣ୍ଡିତ କରୁଥିବା ଯୋଗୁଁ ବ୍ୟକ୍ତିଗତ ଭାବେ ଅତ୍ୟନ୍ତ ଚିନ୍ତିତ ଥିଲେ। ଆମେ ସହଜରେ ଅନୁମାନ କରିପାରିବା ଯେ ଉଜ୍ଜୟିନୀର ଅଧିକାରୀମାନେ ବିଶେଷ ଭାବରେ ଅତ୍ୟାଚାରୀ ଥିଲେ। ଏଣୁ ସେଠାକାର ଜେଲ ପରିଦର୍ଶକଙ୍କୁ ଅନ୍ୟୂନ ପ୍ରତି ତିନିବର୍ଷରେ ଥରେ ଗସ୍ତ କରିବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଥିଲା। ତକ୍ଷଶିଳାରେ ସ୍ଥିତି ହୁଏତ ସାମାନ୍ୟ ଭଲ ଥିଲା। ଏଣୁ ସେଠାକାର ଅଧିକାରୀମାନଙ୍କୁ ସେମାନଙ୍କର ନିୟମିତ ପରିଦର୍ଶନ ସମୟରେ ଅନ୍ୟାୟ କାରାବାସ ଓ ନିର୍ଯାତନା ଭଳି ମାମଲାର ତଦନ୍ତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିନୟତୋଷ ମିଶ୍ର...

ବେଳେ ବିନୟତୋଷ ମିଶ୍ରଙ୍କୁ କାର୍ଯ୍ୟକାରୀ ଡିଜିପି ଦାୟିତ୍ୱ ଦିଆଯାଇଛି।

୧୯୯୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ବିନୟତୋଷ ମିଶ୍ର ୧୯୬୬ ମସିହାରେ ବିହାରରେ ଜନ୍ମଗ୍ରହଣ କରିଥିଲେ। ଆଉ ମାତ୍ର କିଛି ମାସ ମଧ୍ୟରେ ଅବସର ନେବାକୁ ଯାଉଥିବା ବିନୟତୋଷଙ୍କ କାର୍ଯ୍ୟକାଳ ଆଉ ମାତ୍ର ୬ ମାସରୁ କମ୍ ଥିବାରୁ ରାଜ୍ୟ ସରକାର ତାଙ୍କ ନାମକୁ ୟୁପିଏସ୍‌ସିକୁ ପଠାଇ ନ ଥିଲେ।

ବର୍ତ୍ତମାନର ଡିଜିପି ୱାଇବି ଖୁରାନିଆ ଅଗଷ୍ଟ ୧୬ ତାରିଖରେ ଅବସର ନେବାକୁ ଯାଉଛନ୍ତି। କାର୍ଯ୍ୟକାରୀ ଡିଜିପି ଚୟନ ବ୍ୟତିତ ରାଜ୍ୟ ସରକାରଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନଥିଲା। ଏଣୁ ରାଜ୍ୟ ସରକାର କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କ ଉପରେ ଭରସା ପ୍ରକଟ କରି ତାଙ୍କୁ କାର୍ଯ୍ୟକାରୀ ଡିଜିପି ଭାବେ ଚୟନ କରିଛନ୍ତି। ତେବେ ବିନୟତୋଷ ମିଶ୍ର କେତେଦିନ ଡିଜିପି ଭାବେ କାର୍ଯ୍ୟ କରିବେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏସମ୍ପର୍କରେ ବିନୟତୋଷ ମିଶ୍ର କହିଛନ୍ତି ରାଜ୍ୟ ସରକାର ମୋତେ କାର୍ଯ୍ୟକାରୀ ଡିଜିପି ଭାବେ ନିଯୁକ୍ତ କରିଛନ୍ତି। ସବୁ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ। ଏହା ଏକ ଅସ୍ଥାୟୀ ନିଯୁକ୍ତି। ମୁଁ ଯେତିକି ସମୟ ପାଇଁ କାର୍ଯ୍ୟକାରୀ ଡିଜିପି ରହିବି ସୁଚାରୁ ରୂପେ ମୋର କର୍ତ୍ତବ୍ୟ କରିବି। ରାଜ୍ୟ ଆଇନଶୃଙ୍ଖଳା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବି ବୋଲି ଶ୍ରୀ ମିଶ୍ର କହିଛନ୍ତି।

### ସର୍ବଦଳୀୟ ବୈଠକ...

ନବୀନ କହିଛନ୍ତି ଯେ ଓଡ଼ିଶାର ପ୍ରାକୃତିକ ସମ୍ପଦ ରାଜ୍ୟବାସୀଙ୍କର। ଖଣିରୁ ମିଳୁଥିବା ରାଜସ୍ୱକୁ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ କଲ୍ୟାଣ ଓ ଭିତ୍ତିଭୂମି ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ । ରାଜ୍ୟର ଖଣିଜ ସମ୍ପଦ ଉପରେ କର ଓ ସେସ୍ ଲାଗୁ କରିବାର କ୍ଷମତା ହ୍ରାସ ପାଇଲେ ଏହା ସଂଘୀୟ ବ୍ୟବସ୍ଥା ଓ ରାଜ୍ୟର ଆର୍ଥିକ ସ୍ୱାୟତ୍ତତାକୁ ଦୁର୍ବଳ କରିବ । ଏହି ପରିପ୍ରେକ୍ଷୀରେ ତୁରନ୍ତ ସର୍ବଦଳୀୟ ବୈଠକ ଡାକି ରାଜ୍ୟର ସଂଘୀୟ ଅଧିକାର ଓ ଖଣିଜ ରାଜସ୍ୱ ସୁରକ୍ଷା ନେଇ ଏକମତ ହେବା ଏବଂ ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ସଂଶୋଧନ ଆଇନକୁ ବିରୋଧ କରି ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ କରିବାକୁ ନବୀନ ଦାବି କରିଛନ୍ତି।ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଆମର ସଂଘୀୟ ବ୍ୟବସ୍ଥାରେ ସମ୍ବିଧାନସମ୍ମତ ଭାବେ ଅନ୍ତର୍ନିହିତ ଏକ ମୌଳିକ ସିଦ୍ଧାନ୍ତ। ଏହି ବିଲ୍ କେନ୍ଦ୍ର-ରାଜ୍ୟ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭକୁ ସିଧାସଳଖ ଦୁର୍ବଳ କରୁଛି। ଏହା ଭାରତର ସଂଘୀୟ ଢାଞ୍ଚାକୁ ଆଘାତ କରୁଛି ବୋଲି ନବୀନ କହିଛନ୍ତି।

ଚିଠିରେ ନବୀନ ଦର୍ଶାଇଛନ୍ତି, ଏହା କୌଣସି ରାଜନୈତିକ ଦଳର ପ୍ରସଙ୍ଗ ନୁହେଁ; ଓଡ଼ିଶାର ଆର୍ଥିକ ସ୍ଥିରତା ଓ ଭବିଷ୍ୟତ ବିକାଶ ସହ ଜଡ଼ିତ ଏକ ଗୁରୁତର ବିଷୟ। କେନ୍ଦ୍ର ସରକାର ଯଦି ଖଣିଜ ଜମି ଉପରେ ରାଜ୍ୟର ଅଧିକାର ଓ ସେସ୍ ଲାଗୁ କରିବାର କ୍ଷମତା କମାଇ ଦିଅନ୍ତି, ତେବେ ଖଣିଜ ଖନନର ପ୍ରଦୂଷଣ, ବିସ୍ଥାପନ ଓ ଅନ୍ୟାନ୍ୟ ଭାର ଓଡ଼ିଶା ଉପରେ ରହିବ, କିନ୍ତୁ ଏହା ଦ୍ୱାରା ମିଳିବାକୁ ଥିବା କୌଣସି ଲାଭ ରାଜ୍ୟବାସୀ ପାଇବେ ନାହିଁ। ଏହି ପ୍ରସଙ୍ଗ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱରେ ବୋଲିଉଲ୍ଲେଖ କରି ନବୀନ ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ସର୍ବଦଳୀୟ ବୈଠକ ଡାକି ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ ଏକମତ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

### ଉତ୍ତର ଓଡ଼ିଶାରେ...

ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏହି ଜିଲ୍ଲାର ମୋଟ୍ ୫୨ ବ୍ଲକର ୪୨୯ଟି ଗାଁ ବନ୍ୟାରେ ପ୍ରଭାବିତ ହୋଇଛି। ଏବେ ସୁଦ୍ଧା ବନ୍ୟାରେ ୨ ଲକ୍ଷ ୯ ହଜାର ୬୮୭ ଲୋକ ପ୍ରଭାବିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୪୧ ହଜାର ୮୮୧ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ୩୩ ଟି ଗାଁ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଥିବା ବେଳେ ୧୬୨୩ଲ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ଓ ୪୨୫ଟି ଘର ଭାଙ୍ଗିଥିବା ରିପୋର୍ଟ ମିଳିଛି। ବନ୍ୟା ମୁକାବିଲା ପାଇଁ ଏହି ଜିଲ୍ଲାଗୁଡ଼ିକରେ ୩୯ଟି ଓଡ୍ରାଫ୍ ଟିମ୍ ସହ ୭ଟି ଏନ୍‌ଡିଆର୍‌ଏଫ୍, ୩୩ଟି ଅଗ୍ନିଶମ ଦଳ କ୍ଷେତ୍ରସ୍ତରରେ ନିୟୋଜିତ ଅଛନ୍ତି।

ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏହି ଲଘୁଚାପ ଏବେ ଝାଡ଼ଖଣ୍ଡ ଏବଂ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଉପରେ ଅବପାତ ଭାବେ ସକ୍ରିୟ ରହିଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଝାଡ଼ଖଣ୍ଡ ମଧ୍ୟ ଦେଇ ଗତିକରିବା ସହ ଉତ୍ତର ଛତିଶଗଡ଼ ମୁହାଁ ହେବା ସମ୍ଭାବନା ରହିଛି। ଏହାପ୍ରଭାବରେ ମହାନଦୀ ଉପରମୁଣ୍ଡରେ ମଧ୍ୟ ଭୀଷଣ ବର୍ଷା ଆଶଙ୍କା କରାଯାଇଛି।

ଓଡ଼ିଶାଠାରୁ ଏହି ଲଘୁଚାପ ଦୂରରେ ଥିଲେ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ଏହା ପ୍ରଭାବରେ ଆଜି ବର୍ଷା ଅନୁଭୂତ ହୋଇଛି। ସନ୍ଧ୍ୟାରେ ଭୁବନେଶ୍ୱରରେ ଭାରି ବର୍ଷା ହୋଇଥିବା ବେଳେ ଗତ ୨୪ ଘଣ୍ଟାରେ ୧୯ଟି ସ୍ଥାନରେ ପ୍ରବଳ ବର୍ଷା ଓ ୬ଟି ଷ୍ଟେସନ୍‌ରେ ଅତି ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଶନିବାର ବର୍ଷାର ପ୍ରଭାବ ଅପେକ୍ଷାକୃତ କମ୍ ରହିଲେ ମଧ୍ୟ ବରଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର କେତେକ ସ୍ଥାନରେ ଭାରି ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଏହି ଲଘୁଚାପ ପଛକୁ ପୁଣି ଏକ ଲଘୁଚାପ ୧୯-୨୦ ମଧ୍ୟରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ଯୋଗୁଁ ସାରା ରାଜ୍ୟରେ ବର୍ଷା ହେବା ନେଇ ଆକଳନ କରାଯାଉଛି। ବର୍ତ୍ତମାନ ରହିଥିବା ଅବପାତ ଯୋଗୁଁ ସମୁଦ୍ର ଅଶାନ୍ତ ରହିଛି। ଏଥିପାଇଁ ୧୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଚି। ଚଳିତ ବର୍ଷ ମୌସୁମୀ ଋତୁରେ ୧ ଜୁନରୁ ଆଜି ୧୪ ଅଗଷ୍ଟ ସୁଦ୍ଧା ରାଜ୍ୟରେ ୯୦୧.୮ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୭୧୩ ମଲମଲ ତୁଳନାରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ୨୬ ପ୍ରତିଶତ ଅଧିକ ରହିଛି।

## ସରକାରୀ କାର୍ଯ୍ୟାଳୟରେ ଦଳୀୟ ଦବଙ୍ଗଗିରି

# ମହିଳା ବିଡିଓ ଚେତାଶୂନ୍ୟ, ମେଡିକାଲରେ ଭର୍ତ୍ତି

କେନ୍ଦ୍ରାପଡ଼ା/ଡେରାବିଶ,୧୪।୮ (ସମିସ): ରାଜ୍ୟରେ 'ଡବଲ ଇଞ୍ଜିନ' ସରକାର ଚାଲିଥିବାବେଳେ ସରକାରୀ କାର୍ଯ୍ୟାଳୟରେ ଯଦି ଦଳୀୟ ନେତା ଓ ସମର୍ଥକଙ୍କ ଦବଙ୍ଗଗିରିର ଅଭିଯୋଗ ଆସେ, ତାହା କେବଳ ଜଣେ ଅଧିକାରୀଙ୍କ ସମସ୍ୟା ନୁହେଁ; ଏହା ସରକାରୀ ପ୍ରଶାସନର ମର୍ଯ୍ୟାଦା ଓ ସରକାରର ଛବି ଉପରେ ମଧ୍ୟ ବଡ଼ ପ୍ରଶ୍ନଚିହ୍ନ ସୃଷ୍ଟି କରେ। ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ଘଟିଥିବା ଘଟଣା ଏବେ ଏହି ପ୍ରଶ୍ନକୁ ଆହୁରି ତୀବ୍ର କରିଛି। ବିଜେପି ନେତା ଉମାକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ କିଛି ସମର୍ଥକ ଡେରାବିଶ ବିଡିଓ ନମିତା ବାରିକଙ୍କ ଚାମ୍ବରକୁ ହଠାତ୍ ପ୍ରବେଶ କରିଥିଲେ। ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀଙ୍କ ବଦଳି ଓ ନିଜ ସମର୍ଥକଙ୍କୁ ଉନ୍ନୟନମୂଳକ କାମ ନ ମିଳିବାକୁ ନେଇ ସେମାନେ ବିଡିଓଙ୍କୁ ପ୍ରଶ୍ନ କରିବା ସହ କଟୁଭାଷା ପ୍ରୟୋଗ କରିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାର ଗମ୍ଭୀରତା ଏତିକିରେ ସୀମିତ ରହିନାହିଁ। ଏତେ ସଂଖ୍ୟକ ଲୋକଙ୍କ ଚାପ ଓ କଥାବାର୍ତ୍ତାରେ ବିଡିଓ ନମିତା ବାରିକ ଅସୁସ୍ଥ ହୋଇ ନିଜ ଚେୟାରରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ବ୍ଲକ କର୍ମଚାରୀ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କ ରକ୍ତଚାପ ବଢ଼ିଯିବାରୁ ଅବସ୍ଥା ଗୁରୁତର ହୋଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

ସରକାରୀ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିବା କିମ୍ବା ସରକାରୀ କାମ ନେଇ ପ୍ରଶ୍ନ ଉଠାଇବା ଗଣତାନ୍ତ୍ରିକ ଅଧିକାର। ଯଦି ସେହି ପ୍ରଶ୍ନ ପଚାରିବା ବେଳେ ଅଧିକାରୀଙ୍କୁ ଅପମାନିତ କରାଯାଏ, କଟୁଭାଷା ପ୍ରୟୋଗ କରାଯାଏ କିମ୍ବା ଦଳୀୟ ପରିଚୟର ପ୍ରଭାବ ଦେଖାଇ ଚାପ ସୃଷ୍ଟି କରାଯାଏ, ତେବେ ତାହା ପ୍ରଶାସନିକ ଶୃଙ୍ଖଳା ପାଇଁ ଚିନ୍ତାଜନକ ବିଷୟ। ଏହା ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟ ବ୍ଲକ କାର୍ଯ୍ୟାଳୟକୁ ନେଇ ମଧ୍ୟ ଏଭଳି ଅଭିଯୋଗ ସାମ୍ନାକୁ ଆସିଥିବାବେଳେ ଡେରାବିଶ ଘଟଣା ଏବେ ପ୍ରଶାସନିକ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ସରକାରୀ ଅଧିକାରୀ ଯଦି ନିଜ କାର୍ଯ୍ୟାଳୟରେ ନିରାପଦ ଭାବେ କାମ କରିପାରିବେ ନାହିଁ, ତେବେ ସାଧାରଣ ଲୋକଙ୍କୁ ସୁଶାସନ ଦେବା କେତେଦୂର ସମ୍ଭବ, ତାହା ଏବେ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ରାଜ୍ୟ ସରକାର ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା, ଶୃଙ୍ଖଳା ଓ ଜନମୁଖୀ ପ୍ରଶାସନର କଥା କହୁଛନ୍ତି। ଏଭଳି ସମୟରେ ଶାସକ ଦଳ ସହ ସମ୍ପୃକ୍ତ ନେତା ଓ କର୍ମୀଙ୍କ ବିରୋଧରେ ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର ଓ ଚାପ ପକାଇବା ଭଳି ଅଭିଯୋଗ ଆସିବା ନିଶ୍ଚିତ ଭାବେ ସରକାର ପାଇଁ ଅସ୍ୱସ୍ତିକର। ତେଣୁ ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀ ପ୍ରମାଣିତ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା ହିଁ ସରକାରଙ୍କ ପାଇଁ ଉଚିତ ପଦକ୍ଷେପ ହେବ। ଏବେ ପ୍ରଶ୍ନ ଉଠୁଛି, ସରକାରୀ ଅଧିକାରୀଙ୍କୁ ଦଳୀୟ ଚାପରୁ ମୁକ୍ତ ରଖିବାକୁ ପ୍ରଶାସନ କ'ଣ ପଦକ୍ଷେପ ନେବ?


## ପୂର୍ବ ତଟ ରେଳପଥ

**ଶୁଦ୍ଧିପତ୍ର ସଂ.5 ଏବଂ 6**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIV BBS2026016, ତା.18.04.2026 ରିଖ

**କାର୍ଯ୍ୟର ନାମ :** ପ୍ରକାଶିତ ଅନୁଯାୟୀ : ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ନୂଆ BG ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ ବରଗଡ଼ ରୋଡ୍, ସରସରା, ଡୁମେରପାଲି, ବିଜେପୁର ରୋଡ୍ ଏବଂ ବଡ଼ିପାଲି ୟାର୍ଡ଼ଗୁଡ଼ିକରେ ସିଭିଲ୍ ଏବଂ P.Way କାର୍ଯ୍ୟ ତଥା ବରଗଡ଼ ରୋଡ୍ ଏବଂ ବଡ଼ିପାଲି ମଧ୍ୟରେ ମାଟିକାମ, P.Way କାର୍ଯ୍ୟ ତଥା ବଡ଼ ପୋଲ, ଛୋଟ ପୋଲ, ରୋଡ୍ ଓଭର ବ୍ରିଜ୍/ରୋଡ୍ ଅଣ୍ଡର ବ୍ରିଜ୍‌ର ନିର୍ମାଣ ।

**କାର୍ଯ୍ୟର ନାମ :** ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ବରଗଡ଼ ରୋଡ୍ ଏବଂ ନୂଆପଡ଼ା ରୋଡ୍ ମଧ୍ୟରେ ନୂଆ BG ରେଳ ଲିଙ୍କ୍ ପ୍ରକଳ୍ପର ନିର୍ମାଣ ସମ୍ବନ୍ଧୀୟ OHE, PSI, PLC ଏବଂ GS କାର୍ଯ୍ୟର ବିଦ୍ୟୁତୀକରଣ ସହିତ ବରଗଡ଼ ରୋଡ୍, ସରସରା, ଡୁମେରପାଲି, ବିଜେପୁର ରୋଡ୍ ଏବଂ ବଡ଼ିପାଲି ୟାର୍ଡ଼ଗୁଡ଼ିକରେ ସିଭିଲ୍ ଏବଂ P.Way କାର୍ଯ୍ୟ ତଥା ବରଗଡ଼ ରୋଡ୍ ଏବଂ ବଡ଼ିପାଲି ମଧ୍ୟରେ ମାଟିକାମ, P.Way କାର୍ଯ୍ୟ ତଥା ବଡ଼ ପୋଲ, ଛୋଟ ପୋଲ, ରୋଡ୍ ଓଭର ବ୍ରିଜ୍/ରୋଡ୍ ଅଣ୍ଡର ବ୍ରିଜ୍‌ର ନିର୍ମାଣ ।

**ଶୁଦ୍ଧିପତ୍ର ସଂ. 04**

**ବିଷୟ:** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ: ତା.18.08.2026 ରିଖ 1200 ଘଟିକା । ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.03.09.2026 ରିଖ 1200 ଘଟିକା ।

ସଂପୂର୍ଣ୍ଣ ବିବରଣୀ ପାଇଁ ଟେଣ୍ଡରଦାତାଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-172/CJ/26-27



## AFFIDAVIT

By virtue of an affidavit sworn before the executive magistrate, Sukinda No 2103 dated 10/08/2026. I Chittaranjan Mohanta, S/O- Bidyadhar Mohanta resident of Karadagadia, Kankadapal, Kaliapani, Jajpur declare that I have changed My name from Chitta mahanta (Old name) to Chittaranjan Mohanta (New name). Henceforth I will be known as **Chittaranjan Mohanta** for all purposes.

**Sd/- Chittaranjan Mohanta**

## AFFIDAVIT

By Virtue of an affidavit (SL NO-104, dtd-06.08.2026 )sworn before The executive Magistrate, Baripada, Mayurbhanj. I,chula Murmu, aged about 58 years, W/O- Mathu Murmu, resident of village- Asanbani, PO- Majhigaon, PS-Bisoi, pin-757033, DIST - Mayurbhanj. That, in my Aadhar Card bearing no - 5559 9996 4698 the name of mine as CHIULA MURMU (incorrect name) instead of CHULA MURMU (correct name). That, Both the name CHIULA MURMU and CHULA MURMU is one and same person . Henceforth, I shall be known as **CHULA MURMU** for all purposes.

**S/D - CHULA MURMU**

## AFFIDAVIT

By virtue of an affidavit sworn before the Executive Magistrate, Jajpur No 10769 dated 06/08/2026. I Radhashyam Sethy S/O- Panchanana Sethy resident of Panasa, (Balighai) Lalbag, Jajpur declare that I have changed My minor son name from Rudrapratap sethy(Old name) to Lipun sethy (New name) . Henceforth He will be known as **Lipun Sethy** for all purposes.

**Sd/- Radhashyam Sethy**

## AFFIDAVIT

I, Santosi Samal aged about 22 year D/o-Ramachandra Barik , Resident of At-Danda Sahi, Tentuliapada, Jagatsinghpur, Pin-754136, Odisha, declared by this Affidavit No.282, Dated 20.02.2026, That now onwards I shall Be Known as **SANTOSI BARIK** for all future Purposes.

## ହଜିଛି

ଆମ୍ଭେ **ଶ୍ରୀ ବ୍ରହ୍ମାନନ୍ଦ ମଙ୍ଗରାଜ,** ପିତା: ଚୈତନ୍ୟ ମଙ୍ଗରାଜ, ସା/ପୋ: ଗୋଠପାଟଣା, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ଗତ ତା ୦୩.୦୨.୨୦୨୩ରିଖରେ ରେଜିଷ୍ଟ୍ରି ଦଲିଲ ନଂ: ୧୧୧୩୨୩୦୨୦୬୭ ବଳରେ ଗୀତାରାଣୀ ପାତ୍ରୀଙ୍କ ଠାରୁ ଘଙ୍ଗାପାଟଣା ମୌଜାର ଖାତା ନଂ: ୫୧୨/୬୨୨୧, ପ୍ଲଟ୍ ନଂ.: ୧୧୪୪/୪୪୭୩/୪୮୭୮, ଏରିଆ: ଏ୦.୦୫୮ଡି. କ୍ରୟ କରିଥିଲୁ । ଗୀତାରାଣୀ ପାତ୍ରୀ ଏହି ଜମିକୁ ତରୁଣକାନ୍ତ ମହାନ୍ତିଙ୍କ ଠାରୁ କିଣିଥିଲେ ଏବଂ ତରୁଣକାନ୍ତ ମହାନ୍ତି ଏହାକୁ ବାଲାଜୀ ବିଲଡକମ ତରଫ ପାର୍ଟନର ରାହୁଲ ଗୁଣ୍ଡୁଙ୍କ ଠାରୁ କିଣିଥିଲେ । ଗୀତାରାଣୀ ପାତ୍ରୀ ମୋତେ ଜମି ବିକ୍ରି କରିବା ସମୟରେ ପୂର୍ବର ସମସ୍ତ ଦଲିଲ ଦେଇଥିଲେ । ଗତ ତା ୦୬.୦୮.୨୦୨୬ରିଖ ସନ୍ଧ୍ୟା ୭ ଘଟିକା ସମୟରେ ଘଙ୍ଗାପାଟଣା ସ୍ଥିତ ରାଧାମାଧବ ନଗରରୁ ଗୋଠପାଟଣା ଛକ ଆଡକୁ ବାଇକ ଯୋଗେ ଜେରକ୍ସ ପାଇଁ ଯାଉଥିବା ସମୟରେ ଉକ୍ତ ରେଜିଷ୍ଟ୍ରି ଦଲିଲ୍ ନଂ.: ୧୧୧୩୨୧୦୦୪୦୫, ତା୦୮.୦୧.୨୦୨୧, ଖାତା ନଂ.: ୫୧୨/୩୯୪୯, ପ୍ଲଟ୍ ନଂ.: ୧୧୪୪/୪୪୭୩ ଏରିଆ: ଏକର୦.୦୫୮ ଡିସିମିଲି, ଏବଂ ଘଙ୍ଗାପାଟଣା ମୌଜାର ଏକ ପଟ୍ଟା ଯାହାର ଖାତା ନଂ.: ୫୧୨/୪୪୦୬, ପ୍ଲଟ୍ ନଂ.: ୧୧୪୪/୪୪୭୩/୪୮୭୮, ଏରିଆ: ଏକର୦.୦୫୮ ଡିସିମିଲି କେଉଁଠି ହଜିଯାଇଛି, ଯଦି କୌଣସି ସହୃଦୟ ବ୍ୟକ୍ତି ସେହି ଦଲିଲ ଏବଂ ପଟ୍ଟାକୁ ପାଇଥାନ୍ତି, ଏହି **ମୋବାଇଲ୍ ନଂ. ୯୪୩୯୬୫୧୯୩୧**ରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି କୌଣସି ବ୍ୟକ୍ତି ଏହାର ଅସଦ ବ୍ୟବହାର କରନ୍ତି ସେଥିପାଇଁ ଆମ୍ଭେ ଦାୟୀ ରହିବୁ ନାହିଁ ।

## ହଜିଛି

ମୁଁ, **ପ୍ରମୋଦ କୁମାର ଅଗ୍ରୱାଲ,** ପିତା: ନୋରଙ୍ଗ ରାୟ ଗୁପ୍ତା, ଅଗ୍ରସେନ ଆଲମେଟ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ (ଯାହାଙ୍କ କାରଖାନା ପ୍ଲଟ୍ ନଂ.: ୧୯୨/୬୫୪, ଖାତା ନଂ.: ୧୪୧/୧୦୮, ମୌଜା: ବେଲଡିହି, ପୋଷ୍ଟ: ବେଲଡିହି, ଥାନା: ବ୍ରାହ୍ମଣୀ ତରଙ୍ଗ, ଜିଲ୍ଲା: ସୁନ୍ଦରଗଡରେ ଅବସ୍ଥିତ), ଏହା ଘୋଷଣା କରୁଛି ଯେ, TPWODL ଦ୍ୱାରା ଉପଭୋକ୍ତା ସଂଖ୍ୟା ୮୧୩୦୦୦୦୦୦୨୬୦ ବିପକ୍ଷରେ ପ୍ରଦାନ କରାଯାଇଥିବା ଟ.୬,୧୩,୩୧୫/- (ଛଅ ଲକ୍ଷ ତେର ହଜାର ତିନି ଶହ ପନ୍ଦର ଟଙ୍କା) ର ମୂଳ ଏସ.ଡି. ଟଙ୍କା ରସିଦ୍‌ଟି ମୋ ଠାରୁ ହଜିଯାଇଛି ଏବଂ ମୋର ସମସ୍ତ ଚେଷ୍ଟା ସତ୍ତ୍ୱେ ଏହା ମିଳୁନାହିଁ। ଏହି ରସିଦ୍ ସମ୍ବନ୍ଧୀୟ ଯେକୌଣସି ଆଇନଗତ ବିବାଦ ପାଇଁ ମୁଁ ନିଜେ ସମ୍ପୂର୍ଣ୍ଣ ରୁପେ ଦାୟୀରହିବି।



## NOTICE
**(Above 18 years of age)**

By virtue of an affidavit sworn before Notary Public, Baripada, dated 13.08.2026, I, ARUP ANAND DAS, Address Village-Banakati Samil Jodapada, P.O.-Gobara, P.S.-Rasgovindpur, Dist.-Mayurbhanj, Odisha, PIN-757016, declare that I have changed my name from ARUPANANDA DAS to ARUP ANAND DAS. Henceforth, I shall be known as **ARUP ANAND DAS** for all purposes.

**ARUP ANAND DAS**



### OFFICE OF THE EXECUTIVE ENGINEER
**GROUND WATER DEVELOPMENT DIVISION-1HP BUILDING,UNIT-8,DELTA SQUARE,BHUBANESWAR-751012 [Phone No.2561040(O), email:executiveengineerhpbbsr@gmail.com**

32001/690/2627

**"e" Procurement Notice No. 960 of 2026-27 Dt-12.08.2026**
**Bid Identification No. GWD DIV-1BBSR-07/26-27**

Executive Engineer, GWD Division-I , Delta square, Unit- 8, Bhubaneswar on behalf of Hon'ble Governor of Odisha invites on-line percentage-rate tender through "e" Procurement in Single cover system for execution of the following work.

| | | |
|---|---|---|
| 1 | Nature of the Work | Civil Work |
| 2 | Name of the Work : | Construction of 11nos of Recharge shafts under ARUA scheme in Bolagarh block ph-III of Khordha district for the FY - 2026-27. |
| 3 | Approximate amount put to tender | Rs.18.12 Lakh |
| 4 | Period of Completion | 2 (Two) Calendar Months |
| 5 | Class of Contractor | "C" & "D" Class Contractor |
| 6 | Date & time of Availability of Bid document in the portal | Dt. 20.08.2026 at 11.00 AM to 31.08.2026 up to 11.00 AM |
| 7 | Last date & time of receipt of Bids in the Portal | Dt. 31.08.2026 up to 11.00 AM |
| 8 | Date, time & place of opening of Technical/ Financial Bid/s | Dt. 31.08.2026 at 11.30 AM in O/o the EE GWD Divn-1 |
| 9 | Name & address of the officer inviting Bid | OFFICE OF THE EXECUTIVE ENGINEER GROUND WATER DEVELOPMENT DIVISION-1 HP ADMINISTRATIVE BUILDING,UNIT-8,DELTA SQUARE,BHUBANESWAR-751012 |

Further details can be seen from the Govt. website www.tendersodisha.gov.in.
Any addendum/corrigendum/cancellation of tender can also be seen in the said website.

Sd/- Executive Engineer
GWD division 1

OIPR-32001/32331/1/26-27/0004



## ପ୍ରଗତି ପଥେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର

**ବ୍ୟାଙ୍କର ଲକ୍ଷ୍ୟ ଓ ଆଭିମୁଖ୍ୟ :- " କୃଷି, କୃଷକ ଏବଂ ମହିଳାଙ୍କ ଉନ୍ନତି, କଲ୍ୟାଣ ଓ ବିକାଶ ନିମନ୍ତେ ପ୍ରତିବଦ୍ଧ"**

୧. ଓଡିଶା ରାଜ୍ୟ ସରକାରଙ୍କ ନିୟମାବଳୀ ଅନୁସାରେ କୃଷିରୁଣ ଟ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗ୍ରହଣ କରି ଧାର୍ଯ୍ୟ ସମୟରେ ଋଣ ଟଙ୍କା ପରିଶୋଧ କଲେ ବାର୍ଷିକ ସୁଧ ଦେବାକୁ ପଡିବ ନାହିଁ ଏବଂ ଟ ୧ ଲକ୍ଷ ଟଙ୍କା ରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାତ୍ର ୨ % ସୁଧହାରରେ ଋଣ ପ୍ରଦାନ।
୨. ମିଶନ ଶକ୍ତି ସ୍ତରର ଯୋଜନାରେ ହିତାଧିକାରିଣୀ ମାନଙ୍କୁ ସରକାରୀ ସହାୟତାରେ ସୁଧ ମୁକ୍ତ ସ୍କୁଟି ଋଣ ପ୍ରଦାନ କରିବା।
୩. "ମୋ ଘର" ଯୋଜନା ମାଧ୍ୟମରେ ଉପଯୁକ୍ତ ହିତାଧିକାରୀ ମାନଙ୍କୁ ସୁଲଭ ମୂଲ୍ୟ ରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୃହ ଋଣ ପ୍ରଦାନ କରିବା।
୪. ସ୍ୱୟଂ ସହାୟକ ଗୋଷ୍ଠୀ (ଏସ . ଏଚ . ଜି ) ମାଧ୍ୟମରେ ମହିଳା କୃଷିଜୀବୀ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କୃଷିଋଣ, ସ୍ୱଳ୍ପ ମିଆଦୀ କୃଷି ଓ ଆନୁସଙ୍ଗିକ କୃଷି ଋଣ ପ୍ରଦାନର ବ୍ୟବସ୍ଥା।
୫. ବଳରାମ ଯୋଜନାରେ (ଜେ . ଏଲ . ଜି ) ମାଧ୍ୟମ ରେ ସ୍ୱଳ୍ପ ମିଆଦୀ କୃଷି ଋଣ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଦାନର ବ୍ୟବସ୍ଥା।
୬. ବଳିଆ ଯୋଜନାରେ ବୁଣାକାର ତନ୍ତୀ ମାନଙ୍କୁ ବୁଣାକାର ଋଣ ପ୍ରଦାନର ବ୍ୟବସ୍ଥା।
୭. କୃଷି, ଅଣକୃଷି, ଓ ଆନୁସଙ୍ଗିକ କୃଷି ପାଇଁ ସରକାରୀ ଯୋଜନାରେ ଋଣ ପ୍ରଦାନର ବ୍ୟବସ୍ଥା।
୮. ଗୃହ ଋଣ, ଦୀର୍ଘ ମିଆଦି କୃଷି ଋଣ ଓ ବନ୍ଧକ ଋଣ ପ୍ରଦାନର ବ୍ୟବସ୍ଥା
୯. କୃଷକ ମାନଙ୍କ ପାଇଁ କୃଷି ବୀମା ଯୋଜନା ର ପ୍ରଚଳନ।
୧୦. ବ୍ୟାଙ୍କ ର ଆମାନତକାରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା ରେ ପ୍ରଚଳନ।
୧୧. ଜିରୋ ବାଲାନ୍ସ ରେ ସଞ୍ଚୟ ଜମାଖାତା ଖୋଲିବାର ସୁବିଧା।
୧୨. ବରିଷ୍ଠନାଗରିକ ମାନଙ୍କୁ ସେମାନଙ୍କ ଜମା ରାଶି ଉପରେ ଅଧିକ ସୁଧ ପ୍ରଦାନର ବ୍ୟବସ୍ଥା।
୧୩. ବ୍ୟାଙ୍କ ର ପ୍ରତ୍ୟେକ ଶାଖା ରେ NEFT/RTGS/ଇମ୍ପାସ ମାଧ୍ୟମରେ ଟଙ୍କା ଦେଣ ନେଣ ର ସୁବିଧା ଓ ତତ ସହିତ ଇକର୍ ସୁବିଧା ଉପଲବ୍ଧ।
୧୪. ବ୍ୟାଙ୍କର ତାରିଗୋଟି ଜିଲ୍ଲାରେ ଭ୍ରାମ୍ୟମାଣ ବ୍ୟାଙ୍କ ସେବା / ଜମାଖାତା ଖୋଲିବା / ନଗଦ ଜମା ଉଠାଣ / ଏ.ଟି.ଏମ ମାଧ୍ୟମରେ ଋଣ ପ୍ରଦାନ।
୧୫. ବ୍ୟାଙ୍କର IFS CODE-ORCB0KPT001.
୧୬. ସ୍ୱର୍ଣ୍ଣ ବନ୍ଧକ ଋଣ ଦୁଇ ଲକ୍ଷ ପର୍ଯ୍ୟନ୍ତ ପ୍ରଦାନ / ଭାରତୀୟ ସଞ୍ଚୟ ପ୍ରମାଣପତ୍ର ( N . S. C), କିଷାନ ବିକାଶ ପତ୍ରିକା (K. V. P) ପ୍ରମାଣପତ୍ର ଉପରେ ୬୦ ପ୍ରତିଶତ ପର୍ଯ୍ୟନ୍ତ ଋଣ ପ୍ରଦାନର ବ୍ୟବସ୍ଥା।

**"ସହଯୋଗିତା ସମୃଦ୍ଧିର ଲକ୍ଷଣ, ଆସନ୍ତୁ ସହଯୋଗର ହାତ ବଢ଼ାନ୍ତୁ"**



ଶ୍ରୀ ଐଶ୍ୱର୍ଯ୍ୟ ରତ୍ନ ମହାନ୍ତି
ସମ୍ପାଦକ
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର



ଇଂ ଶ୍ରୀ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ
ସଭାପତି
କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ, ଜୟପୁର



**No. 70519/CRC/PF/R.K.K/47th Bn/SSB/2024/9460-71, dated 30/07/2026**

To: UIN-11070519 HC (GD) Rabindra Kumar Kendu
S/o Sh. Gora Kendu, Village-Kankadahandi,
Post Office-Kaliagaon, Police Station-Jeypore,
District-Koraput, State- Odisha, PIN-764002.
Subject: Show Cause Notice under Rule-21.

**Whereas,** while posted in 47 Bn SSB, you proceeded on 20 days earned leave w.e.f. 04/04/2026 to 23/04/2026 and after expiry of leave you absented yourself without leave w.e.f. 24/04/2026(FN).

2. Whereas, notice for assumption of duty were issued vide this office OM No.47th Bn/Estt-III/CRC/PF-HC/GD-R.K.C/2026/4833-36 dated 04/05/2026 & even No. 5396-98 dated 14/05/2026, at your home address with direction to join your duties but you failed to report in 47th Bn SSB Raxaul.
3. Whereas, you are absenting yourself without leave since 24/04/2026 (FN) without sufficient cause and have not reported at 47th Bn SSB despite reminders.
4. Whereas, a Court of Inquiry under Section-74 of the SSB Act was convened to enquire into the aforesaid absence and the said Inquiry declared your said absence as unauthorized.
5. Whereas, Apprehension Rolls were issued to concerned Police Authority to apprehend you vide letter No.70519/CRC/PF/R.K.K/47th Bn/SSB/2024/7733-37 dated 29/06/2026 and No.70519/CRC/PF/R.K.K/47th Bn/SSB/2024/8058-62 dated 04/07/2026. You have not reported for duty after the said declaration by Court of Inquiry and also not surrendered or apprehended by the Police as such you are deemed to be deserter within the ambit of Section-74 of the said Act 2007 vide order No.70519/CRC/PF/R.K.K/47th Bn/SSB/2024/-8541-49 dated 13/07/2026 and the said offence is punishable under SSB Act -2007.
6. Whereas, in the facts and circumstances of the case, the undersigned is satisfied that your trail by Force Court for the said offence of desertion under the SSB Act is inexpedient and impracticable and is of the tentative opinion that your further retention in the service is undesirable.
7. And whereas, a copy of the Court of Inquiry referred to in para-4 above containing statements of witnesses, and nature of allegations have already been served to you as Annexure-I. to the 1st Show Cause Notice issued vide letter No.70519/CRC/PF/ R.K.K/47th Bn / SSB/2024/8688-8700 dated 15.07.2026
8. In view of the above, you are hereby called upon to submit in writing your explanation and defence in respect of above allegation(s) by 14/08/2026 as to why action to dismiss or remove you tentatively from service for said misconduct should not be initiated against you under Rule-21 of the SSB Rules 2009. In case, you fail to file any reply within the stipulated period, it shall be presumed that you have nothing to put forth in your defence and action to terminate your service as proposed above within the ambit of SSB Rule-21 shall be initiated against you ex-parte.

**Commandant**
**65 Bn SSB, Bagaha**
**(Holding statutory power of Comdt. 47 Bn SSB Raxaul)**



### OFFICE OF THE MUNICIPAL COUNCIL, ASIKA ( GANJAM )
(Email: - askanac@gmail.com, Ph No: -06822-273068)

13001/1544/2627

Letter no- 2106 Date-12.08.2026

**QUOTATION CALL NOTICE**

Sealed quotations are invited from the Registered Suppliers/Authorized dealers/Agencies for taking of different scrap materials from Municipality Asika. The rate of goods should be quotated with excluding all taxes. The goods should be taken from Municipality Asika including transportation charges.

The Tender paper cost of Rs. 708/- and EMD of Rs.2000/-has to be deposited along with quotation paper in shape of DD in favour of "Executive Officer Municipality Asika" payable at Asika. The quotation paper will available in office hour except Govt. Holidays as follows.

**Sale of tender paper-** : 13.08.2026 to 21.08.2026
**Last date of submission of Tender Paper-**: 24.08.2026 at 12.00 Noon
**Date of Opening of Tender Paper-** : 24.08.2026 at 4 P.M

Executive Officer
Municipality, Asika

OIPR-13001/13181/1/26-27/0007



### OFFICE OF THE MUNICIPAL COUNCIL: SUNDARGARH
**Tender Call Notice No. 3958/ Date. 12.08.2026**
**COMPETITIVE BIDDING THROUGH e-Procurement**

**NOTICE INVITING TENDER**
**Bid Reference No. SNGM-07/2026-27**

13001/1531/2627

1. **Total No. of Works for which Tenders Invited:** 03 Nos.
2. **Place of Execution:** Different locations of Sundargarh Municipality.
3. **Estimated Cost of Individual Works excluding GST:** Rs. 5839633.00 to Rs. 8640761.00
4. **Eligible Class of Contractors:** Registered Contractors of Class- **'B'** as indicated against each work mentioned in the tender call notice.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M of Dt.14.08.2026** to **5.00 P.M of Dt. 28.08.2026** for online bidding.
7. Bids received will be opened on e-Procurement System at **11.00 A.M onwards on Dt.29.08.2026**
8. The bidder must possess valid and compatible **Digital Signature Certificate** (DSC).
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

Executive Officer,
Sundargarh Municipality

OIPR-13001/13130/1/26-27/0011



### ODISHA HYDRO POWER CORPORATION LTD.
OHPC

O/o Sr. GENERAL MANAGER, HIRAKUD HYDRO ELECTRIC PROJECT, ADMINISTRATIVE OFFICE BUILDING, NEAR BURLA POWER HOUSE, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2610721(0), 2550765(R), E-Mail: srgmhep_burla@ohpco.co.in

4001/258/2627

No. HHEP/Tech-W-199(Vol-1)/ 6173 Date : 12. 08. 2026

**NOTICE INVITING TENDER NO HHEP-65/2026**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the registered firm / agency / contractor having valid MV license issued from the ELBO, Govt of Odisha for the following work as mentioned below.

| Name of work | Cost of tender paper (Non-Refundable) Rs. | EMD in Rs. |
|---|---|---|
| Annual electrical maintenance of residential and non-residential building of HHEP, Burla on job contract basis | Rs. 4720/- (Rs. 4000/- + GST 18%) | 9400/- |

- Sale of tender paper : 17.08.2026 (10.00AM) to 02.09.2026 upto 01.00PM
- Receipt of tender paper : 02.09.2026 upto 01.30PM
- Date & time of opening of tender : 02.09.2026 at 04.00PM
- Further details of tender documents, terms & conditions, corrigendum etc to the tender call notice, please visit our website www.ohpc.co.in

Sd/-
Unit Head, HHEP, Burla

OIPR-4001/4007/1/26-27/0023



### ZILLA PARISHAD, NABARANGPUR
Phone No- 06858-222372
Mail- ori-dnawarangpur@nic.in

19001/193/2627

Order No. 4343 **OFFICE ORDER** Date:- 12.08.2026

Sub:- Calendar for Public Hearing at Panchayat Samiti / Block Level.

In pursuance of the Letter No.172/OS, dated. 31.03.2026 of Government in Panchayati Raj Department, Odisha and Letter No.2491, dated 31.04.2026 of this office, Public Hearing under **VB G RAM G**, for the FY: **2026-27** (period from 01.10.2025 to 31.03.2026, Ist cycle) at Block Level to be conducted as per the calendar given below:

| Sl No | Name of the Block | Date and Time of Public Hearing | District level Designated Officer to participate in the S.A. P.H | Other officer to attend | Remarks |
|---|---|---|---|---|---|
| 01 | Raighar | 18.08.2026, 10.00 AM | ADM, General | DPO, (N)/DPM, OLM | 1. All the Block Level Officers including Line Departments and staff concerned shall remain present with all records / documents. 2. Local NGOs may be associated voluntarily in the Public Hearing |
| 02 | Nandahandi | 19.08.2026, 10.00 AM | CDO-cum-EO | Addl EO, Tech/MC | |
| 03 | Nabarangpur | 20.08.2026, 10.00 AM | ADM, Revenue | Addl.Sub Collector/DSA | |
| 04 | Papadahandi | 25.08.2026, 10.00 AM | ADM, General | Sub Collector/ Dy.CEO, ORMAS | |
| 05 | Dabugam | 28.08.2026, 10.00 AM | ADM, Revenue | Addl.EO, Admin/DSA | |
| 06 | Jharigam | 29.08.2026, 10.00 AM | CDO-cum-EO | Addl E.O, Tech/MC | |
| 07 | Chandahandi | 01.09.2026, 10.00 AM | ADM, General | DPO (N) / Dy.CEO, ORMAS | |
| 08 | Umerkote | 02.09.2026, 10.00 AM | ADM, Revenue | Addl Sub Collector /DPM, OLM | |
| 09 | Kosagumuda | 03.09.2026, 10.00 AM | CDO-cum-EO | Sub Collector/MC | |
| 10 | Tentulikhunti | 05.09.2026, 10.00 AM | CDO-cum-EO | Addl.EO Admin /DSA | |

OIPR-19001/19233/1/26-27/0002 Collector, Nabarangpur



## AFFIDAVIT

I, Sayam Agrawal, S/o-Manoj Kumar Agarwal, resident at- Brindaban Apt, Gangamandir PO-Cuttack GPO, PS-LALBAG, Dist-Cuttack, Pin-753001, Odisha, declare by this affidavit No.29535 dtd-11.08.2026 that now onwards I shall be known as **SAYAM AGARWAL** for all future purposes.

## AFFIDAVIT

I, Kanaklata Samal, W/o- Darpahari Samal, resident of At/Po-Sohada, Ps-Dhamanagar, Dist-Bhadrak, Pin- 756117, Odisha declare by this affidavit No-1410, dated- 13.08.2026 that now onwards I shall be known as **KANAKALATA SAMAL** for all future purposes.



## EASTERN INVESTMENTS LIMITED
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

**Statement of Standalone & Consolidated Audited Financial Results For the quarter and year ended 31st March'2026**

| Sl. No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | Year Ended | | Quarter Ended | | Year Ended | |
| | | 31.03.2026 | 31.03.2025 | 31.03.2026 | 31.03.2025 | 31.03.2026 | 31.03.2025 | 31.03.2026 | 31.03.2025 |
| | | (Reviewed) | | (Audited) | | (Reviewed) | | (Audited) | |
| 1 | Total Income from Operation(including Other Income) | (40.17) | (19.40) | (0.41) | 44.27 | 5,058.02 | 2,572.79 | 18,693.84 | 13,486.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (61.89) | (41.98) | (63.47) | (44.47) | (786.82) | (3,951.42) | 973.80 | (4,061.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (61.89) | (41.98) | (63.47) | (44.47) | (786.82) | (3,951.42) | 973.80 | (4,061.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (48.73) | (29.41) | (63.11) | (28.91) | (477.35) | (3,166.75) | 739.03 | (3,481.32) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehensive income (after tax)] | (48.73) | (29.41) | (63.11) | (28.91) | (345.59) | (3,173.88) | 870.79 | (3,488.45) |
| 6 | Net Profit attributable to Non Controlling Interests | - | - | - | | (223.94) | (1,580.08) | 359.65 | (1,772.88) |
| 7 | Net Profit attributable to Owners of the Company | - | - | - | | (253.41) | (1,586.67) | 379.38 | (1,708.44) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 144.44 | 141.90 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,483.53 | 26,546.64 | 26,483.53 | 26,546.64 | (8,945.44) | (9,390.71) | (8,945.44) | (9,390.71) |
| 10 | Earning per share ( Rs) | | | | | | | | |
| | (i) Basic: | (3.37) | (2.04) | (4.37) | (2.00) | (17.86) | (111.82) | 26.74 | (120.40) |
| | (ii) Diluted | (3.37) | (2.04) | (4.37) | (2.00) | (17.86) | (111.82) | 26.74 | (120.40) |

1. The above results of the Company were approved by the Board of Directors at their respective meetings held on 14.08.2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Bhubaneswar
Date: 14th August 2026

Sd/-
(A.K. Bagchi)
Managing Director-EIL

# ଜଳକା ବନ୍ୟାରେ ଜଳମଗ୍ନ ବସ୍ତା ବ୍ଲକ୍



**▸▸ ୧୮ ପଞ୍ଚାୟତର ୫୦ ହଜାର ଲୋକ ଜଳବନ୍ଦୀ**
**▸▸ ବନ୍ୟା ପୀଡ଼ିତଙ୍କୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ**

**ବସ୍ତା ବ୍ଲକ, ୧୪।୮ (ସମିସ)**

ଲଘୁଚାପ ଜନିତ ମାତ୍ରାଧିକ ବର୍ଷାରେ ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପାଣିରେ ଉବୁଟୁବୁ ହୋଇଛି। ବର୍ଷା ପାଣିକୁ ନେଇ ଜନଜୀବନ ପ୍ରଭାବିତ ହୋଇଥିବା ବେଳେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହୋଇ ବନ୍ୟା ପରିସ୍ଥିତି ଗମ୍ଭୀର କରିଛି। ଅନ୍ୟ ପକ୍ଷେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଦେଇଥିବା ବେଳେ ଆକାଶ ମେଘ ରେ ଢାଙ୍କି ରହିଥିବା ସହିତ ବର୍ଷା ହେଉଛି। ତେଣୁ ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ୨୦୦୮ ଭଳି ବନ୍ୟାକୁ ପୁନରାବୃତ୍ତି କରିଛି। ବନ୍ୟା ପରିସ୍ଥିତି ଗମ୍ଭୀର ହେବାକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଥିବା ଦେଖିବାକୁ ମିଳିଛି।

ବୁଧବାର ରାତିରେ ପ୍ରବଳ ବର୍ଷା ସହିତ ବଜ୍ରପାତ ହୋଇଥିଲା। ଏଥି ସହିତ ପଡୋଶୀ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର, ମୋରଡା ବ୍ଲକରେ ପ୍ରବଳ ବର୍ଷା ଫଳରେ ଉପର ମୁଣ୍ଡ ର ପାଣି ଜଳକା ନଦୀରେ ଆସିବା ଫଳରେ ଜଳକା ନଦୀର ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ଗୋଟିଏ ମାସ ମଧ୍ୟରେ ଜଳକାରେ ୩ ଟି ବନ୍ୟା ମଧ୍ୟରୁ ବୁଧବାର ରାତିରୁ ଆସିଥିବା ବନ୍ୟା ବଡ଼ ବନ୍ୟା ବୋଲି କୁହା ଯାଉଛି। ଜଳକା ବନ୍ୟା ଫଳରେ ବସ୍ତା ବ୍ଲକ ର ୧୮ ଟି ପଞ୍ଚାୟତ ର ୫୦ ହଜାର ରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ହୋଇଛନ୍ତି। ୧୦ରୁ ଊର୍ଦ୍ଧ୍ୱ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ମିଳିଥିବା ସୂଚନା ଅନୁସାରେ ବୁଧବାର ଓ ଗୁରୁବାର ବସ୍ତା ବ୍ଲକ ରେ ୨୬୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। ବନ୍ୟା ଫଳରେ ବସ୍ତା ବ୍ଲକ ର ପତ୍ରଝଡା, ବାହାର୍ଦ୍ଦା , ବାସୁ ଚକୁରୀ, ଦୁଧହଂସା, କୁଡ଼ିଆ, ଦରଡ଼ା, ମୁକୁଳିଶି, ବରୁଣ ଗଡ଼ିଆ, ବ୍ରାହ୍ମଣଦା, ଇଡଦା, ସାହାଡ଼ା, କଇନ ଗିରି,, କୁଳିଦା, ପୁଟୁରା, ନଟା କଟା, ସଦନନ୍ଦପୁର ଏନ୍ ଏ ସି, ମଥାନୀ ରାଉତ ପଡା ପଞ୍ଚାୟତ ର ୯୦ ରୁ ଊର୍ଦ୍ଧ୍ୱ ଗ୍ରାମ ଲୋକେ ଜଳବନ୍ଦୀ ହୋଇ ରହିଛନ୍ତି। ଗୁରୁବାର ବସ୍ତା ବ୍ଲକ ରେ ୭ ଟି ପଞ୍ଚାୟତ ରେ ୧୧୫୦ ଲୋକଙ୍କୁ ରନ୍ଧା ଖାଦ୍ୟ ସହିତ ୯୨୦ ଜଣଙ୍କୁ ଶୁଖିଲା ଖାଦ୍ୟ ଦିଆ ଯାଇଛି। ଶୁକ୍ରବାର ୧୦ ପଞ୍ଚାୟତ ର ୩୭ ଟି ସେଣ୍ଟର ରେ ରନ୍ଧା ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରା ଯାଇଛି। ବନ୍ୟା ମୁକାବିଲା ପାଇଁ ୫ ଟି ଓଡ୍ରାଫ୍ ଟିମ୍ ନିୟୋଜିତ ହୋଇ ଥିବା କୁହା ଯାଇଛି। ଲୋକଙ୍କୁ ଚୁଡ଼ା, ଗୁଡ଼, ପିଇବା ପାଣି ବ୍ଲକ ପକ୍ଷରୁ ପ୍ରଭାବିତ ଅଞ୍ଚଳର ଲୋକଙ୍କ ପାଇଁ ପଠା ଯାଉଛି। ବନ୍ୟା ଫଳରେ ହଜାର ହଜାର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ଗାନ୍ଧିଛକ, ବାହାର୍ଦ୍ଦା ଚଟାଣ, ଗାନ୍ଧୀ ଛକ - ବସ୍ତା ହସ୍ପିଟାଲ ରୋଡ, ୧୬ ନମ୍ବର ଜାତୀୟ ରାଜପଥ ତାରିଣୀ ମନ୍ଦିର ଠାରୁ ସୁନ୍ଦର ହୋତା ରାସ୍ତା ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ବାହ୍ୟ ଜଗତ ରୁ ବିଚ୍ଛିନ୍ନ ହୋଇଛି। ଏବେବି ଲୋକେ ପାଣି ଘେର ବନ୍ଦୀ ରେ ରହିଥିବା ବେଳେ ଦୁର୍ଦ୍ଦଶା ବଢ଼ିଛି। ବିଦ୍ୟୁତ୍ କାର୍ଯ୍ୟାଳୟ ରେ ପାଣି ଫଳରେ ଅନେକ ଗ୍ରାମ କୁ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବନ୍ୟାରେ ବସ୍ତା ବ୍ଲକ ରେ ୫୦ ରୁ ଊର୍ଦ୍ଧ୍ୱ ଘର ନଷ୍ଟ ହୋଇଥିବା ବେସରକାରୀ ଭାବେ ସୂଚନା ମିଳିଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରେ ବନ୍ୟାପାଣି ପଶିଥିବା ଦେଖିବାକୁ ମିଳିଛି। ଚଳିତ ବନ୍ୟା ଧାନ ଚାଷ ଓ ପରିବା ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି। ବନ୍ୟା ମୁକାବିଲା ପାଇଁ ଜିଲ୍ଲା ଓ ବ୍ଲକ ପ୍ରଶାସନ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି। ବନ୍ୟା ପାଣି ନ ଛାଡ଼ିଲେ ଲୋକଙ୍କ ଦୁର୍ଦ୍ଦଶା ଅତି ଭୟାନକ ହେବା ନେଇ ଆକଳନ କରାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଜଳକା ମଥାନୀ ଥରେ ବିପଦ ସଙ୍କେତ ୬.୫୦ ମିଟର ଥିବା ବେଳେ ୭.୨୬ ମିଟରରେ ପ୍ରବାହିତ ହେଉଛି।

## ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ସାଂସଦ ଓ ଜିଲ୍ଲାପାଳ



**ବସ୍ତା ବ୍ଲକ:** ବସ୍ତା ବ୍ଲକରେ ଜଳକାରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ବନ୍ୟା ମୁକାବିଲା ପାଇଁ ଜିଲ୍ଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଏନେଇ ଶୁକ୍ରବାର ବସ୍ତା ବ୍ଲକ କାର୍ଯାଳୟରେ ବସ୍ତା ବିଡ଼ିଓଙ୍କ କାର୍ଯ୍ୟାଳୟ ରେ ବାଲେଶ୍ୱର ଜିଲ୍ଲାପାଳ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବନ୍ୟା ପରିସ୍ଥିତି ମୁକାବିଲା ଉପରେ ଏକ ସମୀକ୍ଷା ବୈଠକ କରି ବ୍ଲକ ପ୍ରଶାସନ ର ପ୍ରସ୍ତୁତି ଉପରେ ଅନୁଧ୍ୟାନ କରିଛନ୍ତି। ବନ୍ୟା ପ୍ରଭାବିତ ଅଞ୍ଚଳରେ ରନ୍ଧାଖାଦ୍ୟ ବଣ୍ଟନ, ୩ ଦିନ ଲାଗି ଶୁଖିଲା ଖାଦ୍ୟ ବଣ୍ଟନ ସହିତ ପିଇବା ପାଣି ଯୋଗାଇ ଦେବାକୁ ଜିଲ୍ଲାପାଳ ବିଡ଼ିଓ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟାକୁ ପ୍ରାଥମିକତା ଦେଇ ସରକାରୀ କର୍ମଚାରୀ ଲୋକଙ୍କୁ ସବୁ ପ୍ରକାର ସହାୟତା ସୁରକ୍ଷା ଦେବାକୁ କହିଥିଲେ। ଯୋଗାଯୋଗ ବିଚ୍ଛିନ୍ନ ଥିବାରୁ ରିଲିଫ୍ ପହଞ୍ଚିବାକୁ ବିଳମ୍ବ ହେଉଥିବାରୁ ସାଂସଦ ଶ୍ରୀ ଷଡ଼ଙ୍ଗୀ ବିଡ଼ିଓ ଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସରକାର ପର୍ଯ୍ୟାପ୍ତ ପରିମାଣରେ ରିଲିଫ୍ ଯୋଗାଇ ଦେବାକୁ କହିଛନ୍ତି। ବନ୍ୟାକୁ ଦୃଷ୍ଟି ରେ ରଖି ଆଗରୁ କାହିଁକି ଶୁଖିଲା ଖାଦ୍ୟ କୁ ମହଜୁଦ୍ ରଖିଲେ ନାହିଁ ବିଡ଼ିଓ ଙ୍କୁ ତାଗିଦ୍ କରିଥିଲେ। ବନ୍ୟା ମୁକାବିଲା ପାଇଁ ସମସ୍ତ ସରପଞ୍ଚ ଙ୍କୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଥିବା ବେଳେ ଲୋକେ ଠିକ୍ ଭାବେ ରିଲିଫ୍ ପାଉଛନ୍ତି କି ନାହିଁ ତାହା ଉପରେ ଦୃଷ୍ଟି ଦେବାକୁ ବିଡ଼ିଓ ଙ୍କୁ କହିଥିଲେ। ଏହି ସମୀକ୍ଷା ବୈଠକ ରେ ବିଡ଼ିଓ ମିହିର ରଞ୍ଜନ ବେହେରା, ତହସିଲଦାର ସୁଶାନ୍ତ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ଡ୍ରେନେଜ ଏ ସି, ଇରିକେଶନ ଯନ୍ତ୍ରୀ, ବିଜେପି ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ନାଥ ଅଣ୍ଡିଆ, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ଆର୍ ଡବ୍ଲୁ ଏସ ଏସ ବିଭାଗ ର ଯନ୍ତ୍ରୀ ବିନୋଦ ଦାସ, ଡ୍ରେନେଜ ବିଭାଗର ଯନ୍ତ୍ରୀଙ୍କ ସହିତ ଅନ୍ୟ ବିଭାଗ ର ଯନ୍ତ୍ରୀଙ୍କ ସହିତ ବିଜେପି ନେତା ରବୀନ୍ଦ୍ର କୁମାର ଜୈନ, ଶ୍ୟାମ ପ୍ରସାଦ ବେହେରା, ଉପସ୍ଥିତ ଥିଲେ। ବସ୍ତା କୁ ଏକ ଡାକ୍ତରୀ ଦଳ ପଠାଇବାକୁ ସାଂସଦ ଜିଲ୍ଲାପାଳ ଙ୍କୁ କହିଥିଲେ।

## ନିଜେ ଅସୁରକ୍ଷିତ; ଲୋକଙ୍କୁ କେମିତି ଦେବେ ସୁରକ୍ଷା !





**ବସ୍ତା ବ୍ଲକ:** ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀ ରେ ଆସିଥିବା ତୃତୀୟ ବନ୍ୟା ତାଣ୍ଡବ ରହିଛି। ସବୁ ଆଡେ ଖାଲି ପାଣି ଆଉ ପାଣି। ସତେ ଯେପରି ସମୁଦ୍ର। ଲୋକେ ବନ୍ୟା ପାଣିରେ ଦୁର୍ଦ୍ଦଶା ରେ ରହୁଥିବା ବେଳେ ଅନେକ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ। ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏଭଳି ପରିସ୍ଥିତି ରେ ଲୋକଙ୍କୁ ସୁରକ୍ଷା ଦେବାକୁ ଥିବା ସରକାରୀ କାର୍ଯ୍ୟାଳୟ ନିଜେ ବନ୍ୟା ପରିସ୍ଥିତିକୁ ସାମ୍ନା କରୁଥିବା ବେଳେ ସେମାନେ କିପରି ଲୋକଙ୍କୁ ସୁରକ୍ଷା ଦେବେ ତାକୁ ନେଇ ବଡ଼ ପ୍ରଶ୍ନ ଉଠୁଛି। ବାହାର୍ଦ୍ଦା ଠାରେ ଥିବା ବସ୍ତା ଥାନା, ବସ୍ତା ଏସ ଡି ପି ଓ କାର୍ଯ୍ୟାଳୟ, ବସ୍ତା କୋର୍ଟ , ବସ୍ତା ଅବକାରୀ କାର୍ଯ୍ୟାଳୟ, ଗାନ୍ଧିଛକ ସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ , ଗ୍ୟାସ ଏଜେନ୍ସିବନ୍ୟା ରେ ଭାସୁଛି। ନିଜ ନିଜ ର ଆବଶ୍ୟକ ଦସ୍ତାବିଜ୍ କୁ ସୁରକ୍ଷିତ ରଖିବା ପାଇଁ କର୍ମଚାରୀ ଲାଗି ପଡିଛନ୍ତି। କ୍ୱାର୍ଟର ରେ ପାଣି ଲହଡ଼ି ଭାଙ୍ଗୁଛି। ଏହି ଭଳି ପରିସ୍ଥିତି ବସ୍ତା ରେ ଦେଖିବାକୁ ମିଳିଛି। ଯେବେ ବନ୍ୟା ଆସେ ଏହି ଭଳି ପରିସ୍ଥିତି ଦେଖିବାକୁ ମିଳେ। ମାତ୍ର ଏହାର ସ୍ଥାୟୀ ସମାଧାନ କେବେ ହେବ ତାହା ଦେଖିବାକୁ ବାକି ରହିଛି।

## ହାଟପଦା ମହାନ୍ତି ସାହି ରାସ୍ତାରେ ଆଣ୍ଠୁଏ ପାଣି; ୨୫ପରିବାର ହନ୍ତସନ୍ତ



**ଜଳେଶ୍ୱର:** ଜଳ ନିଷ୍କାସନ ପଥ ଅବରୋଧ ନିମ୍ନମାନର ଗାର୍ଡୱାଲ ନିର୍ମାଣ ଏବଂ କଂକ୍ରିଟ ସଡ଼କ ନହେବା ଯୋଗୁଁ ହାଟପଦା ମହାନ୍ତି ସାହି ରାସ୍ତାରେ ଆଣ୍ଠୁଏ ପାଣି ଛିଡ଼ା ହୋଇଛି। ଜଳେଶ୍ୱର ବ୍ଲକ ଗୋବରଘାଟା ପଞ୍ଚାୟତ, ହାଟପଦା ଗାଁର ୩ନଂ ୱାର୍ଡ ରେ ୨୫ ପରିବାରର ପ୍ରାୟ ୧ଶହରୁ ଉଣହର ଲୋକମାନେ ଅପରିଷ୍କାର ପାଣି କାଦୁଅରେ ଯାତାୟାତ କରୁଛନ୍ତି। ଏ ସମ୍ପର୍କରେ ସରପଞ୍ଚ ମିନତି କରଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ରାଜନୈତିକ ଉଦ୍ଦେଶ୍ୟ ରଖି ସମସ୍ୟାର ସମାଧାନ କରାଯାଉନଥିବା ଅଭିଯୋଗ ହୋଇଛି।ଅଭିଜିତ ଖଟୁଆଙ୍କ ନେତୃତ୍ୱରେ ବିଶ୍ୱରୂପ ଦାସ, ପିନାକି ଚାଟାର୍ଜୀ ପ୍ରମୁଖ ପ୍ଳାବିତ ରାସ୍ତାରେ ପହଞ୍ଚି ସାହିବାସୀଙ୍କ ଅଭିଯୋଗ ଶୁଣିଥିଲେ। ପ୍ରଶାସନ ତୁରନ୍ତ ଘଟଣା ସ୍ଥଳ ପରିଦର୍ଶନ କରି ଜଳ ନିଷ୍କାସନ ପଥ ଖୋଲିବା ସହିତ କଂକ୍ରିଟ ସଡ଼କ ପ୍ରଦାନ କରିବାକୁ ସଙ୍ଗୀତା ମାହାନ୍ତି, ଜ୍ୟୋସ୍ନା ମାହାନ୍ତି, ଗୀତା ରଣୀ ମାହାନ୍ତି, କାଳୀ ଚରଣ ମାହାନ୍ତି, ସତ୍ୟ ରଞ୍ଜନ ମହାନ୍ତି, ହିମାଂଶୁ ମାହାନ୍ତି, ଚମ୍ପା ସିଂ, ତପନ ମହାନ୍ତି, ଅସିତ ପାତ୍ର, ଅମିତ ପାତ୍ର, ରାଜୀବ ପ୍ରଧାନ, ଚାଣ୍ଟୁ ସିଂ ସୁବାଷ ବାହାଦୁର, ହିମାଂଶୁ ମହାନ୍ତି, ଚମ୍ପା ସିଂ ପ୍ରମୁଖ ଦୃଷ୍ଟି ଆକର୍ଷଣ କରିଛନ୍ତି।

### ଲୁହାପଡ଼ା ଜଙ୍ଗଲରେ ୬ ହାତୀ

**ଜଳେଶ୍ୱର ବ୍ଲକ, ୧୪।୮ (ସମିସ) :** ଆଜକୁ ୪ ଦିନ ଧରି ରାଇବଣିଆର ଲୁହାପଡ଼ା ଜଙ୍ଗଲରେ ହାତୀ ବୁଲୁଥିବା ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ସତ୍ତ୍ୱେ ୧ଟି ଦନ୍ତା, ୩ଟି ମାଈ ଓ ୨ଟି ଛୁଆହାତୀ ରହିଥିବାର ବରଡିହା ବନପାଳ ପ୍ରହ୍ଲାଦ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଜଙ୍ଗଲ ନିକଟ ଆମ୍ବତୁମ୍ବା, ରଙ୍ଗାମାଟିଆ, କ୍ଷୀରକୁଳାସାହି, କେନ୍ଦୁଖୁଣ୍ଟା, ଦୁଧିଆଶୋଳ ଇତ୍ୟାଦି ଗ୍ରାମବାସୀ ଜଙ୍ଗଲ ଭିତରକୁ କାଠପତ୍ର ଇତ୍ୟାଦି ପାଇଁ ପ୍ରବେଶ ନକରିବାକୁ ଅନୁରୋଧ କରାଯାଇଛି। ହାତୀଗୁଡ଼ିକ ଜଙ୍ଗଲ ସହିତ ନିକଟସ୍ଥ ଗାଁ ଅଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ଥିବାରୁ ବନ ବିଭାଗ ପକ୍ଷରୁ ଜଙ୍ଗଲ ଭିତରକୁ ପ୍ରବେଶ ନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ରାଇବାଣିଆ ଅଞ୍ଚଳରେ ବର୍ଷ ତମାମ ହାତୀ ରହୁଥିବାରୁ ଅଧିକ ମାତ୍ରାରେ ସ୍କ୍ୱାଡର୍ ଆବଶ୍ୟକତା ରହିଛି ବୋଲି ବନପାଳ କହିଛନ୍ତି।



### ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ

**ସିମୁଳିଆ, ୧୪।୮ (ସମିସ):** କଲକତ ।ଦାନ୍ତୁନି ରୁ ପୁରୀ ଯାଉଥିବା ତୀର୍ଥ ଯାତ୍ରୀ ବସକୁ ଧକ୍କା ଦେଲା ଲରି। ୧୬ ନମ୍ବର ଜାତୀୟ ରାଜପଥ ମାର୍କୋଣା ଠାରେ ଓଭର ବ୍ରିଜ କଚ୍ଛପ ଗତିରେ ହେଉ ଥିବାରୁ ଗୋଟିଏ ରାସ୍ତାରେ ଗାଡି ଚଳାଚଳରେ ବାଧା ଉପୁଜୁଛି। ଆଜି ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ମାର୍କୋଣାଡ୍ରାଇଭର ସନ ନିକଟରେ ତୀର୍ଥଯାତ୍ରୀ ବସ ବାଲେଶ୍ୱର ଆଡୁ ପୁରୀ ଯାଉଥିବା ବେଳେ ଡ୍ରାଇଭର ସନ ହମ୍ପସ ନିକଟରେ ବସ୍‌ର ତେଲ ସରିଯିବାରୁ ସେହିଠାରେ ଠିଆ ହୋଇଥିଲା। ପରେ ଲୋକ ଡାକି ବସ୍‌କୁ ଠେଲି ସାଇଡ କରୁଥିବା ବେଳେ ଏକ ମାଲ ବୋଝେଇ ଲରି ବସ୍‌କୁ ଧକ୍କା ଦେଇଥିଲା। ଅଳ୍ପକେ ତୀର୍ଥ ଯାତ୍ରୀ ବଞ୍ଚି ଯାଇଛନ୍ତି। ରାସ୍ତା ଉପରେ ଦୁଇ ଗାଡି ଥିବାରୁ କିଛି ସମୟ ରାସ୍ତା ଜାମ ଥିଲା। ଖବର ପାଇ ସିମୁଳିଆ ପୁଲିସ ପହଞ୍ଚିଥିଲା।




### ନିମ୍ନମାନର ରାସ୍ତା କାମ ନେଇ ବଢୁଛି ଅସନ୍ତୋଷ

**ବାଲିଆପାଳ, ୧୪।୮ (ସମିସ):** ଦକ୍ଷିଣ ବାଲିଆପାଳ ର ଲାଇଫି ଲାଇନ୍ କୁହାଯାଉଥିବା ଜାମୁକୁଣ୍ଡାଠାରୁ ପଞ୍ଚୁପାଲି ପାଇଁ ପି ଡବ୍ଲୁ ଡି ରାସ୍ତା ର ଉନ୍ନତି କରଣ ନିମନ୍ତେ ପି ଡବ୍ଲୁ ଡି ବିଭାଗ ପକ୍ଷରୁ ୩୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଂଜୁର କରାଯାଇ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ରାସ୍ତା ନିର୍ମାଣରେ ବ୍ୟବହୃତ ସାମଗ୍ରୀ, ଲୁଣି ମିଶା ବାଲି, ମଲା ଚିପ୍ସ ସାଙ୍ଗକୁ ଟେଲି ମାରି ଯାଇଥିବା ସିମେଣ୍ଟ କୁ ବ୍ୟବହାର କରି ଅତି ନିମ୍ନମାନ ର କାମ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି ହେଲେ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନଥିବା ଲୋକେ ଅଭିଯୋଗ କରିଛନ୍ତି। ଠିକାଦାର, ରାଜନେତା ଓ ବିଭାଗୀୟ ଅଧିକାରୀ ଙ୍କ ମଧୁଚନ୍ଦ୍ରିକା ପାଇଁ ଲୋକ ଯାତାୟାତ ରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଖାଲି ଏତିକି ନୁହେଁ ଇଲେକ୍ଟ୍ରି ପୋଲ ରାସ୍ତା ମଝିରେ ମରଣ ଯନ୍ତ୍ରା ପରି ରହିଛି। ପିଚ ହେବା ପାଇଁ ନିର୍ଦ୍ଦିଷ୍ଟ ରାସ୍ତା କୁ ଠିକାଦାର ଦୀର୍ଘ ମାସ ଧରି ମେଟାଲିଂ କରି ଛାଡ଼ି ଦେବାରୁ ଧୂଳି ଉଡିବା ଯୋଗୁଁ ହଇରାଣ ହେଉଛନ୍ତି ଲୋକେ। କାର୍ଯ୍ୟାଦେଶର ଅବଧି ସରିଥିବାବେଳେ କାର୍ଯ୍ୟ ଅଧାପନ୍ତରିଆ ନେଇ ଜନଅସନ୍ତୋଷ ଦେଖାଦେଇଛି। ଅନେକ ସମୟରେ ଲୋକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପଦକ୍ଷେପ ନନେଲେ ରାଜ ରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଏହି ଅଞ୍ଚଳ ର ଅନନ୍ତ ବିଶ୍ୱାଳ, ସଞ୍ଜୟ ଦାସ,, ନାରାୟଣ ଚକ୍ରବର୍ତ୍ତୀ, ଆଲୋକ ଦାସ, ଦେବେନ୍ଦ୍ର ଜେନା, ନିର୍ମଳ ବିଶ୍ୱାଳ, ଗୋଣଧର ଜେନା, ରାଜୁ ରାଉଳ, ଶିବ ସାହୁ, ଗୌରାଙ୍ଗ ବେହେରା, ବାପି ମାଝୀ, ରଘୁନାଥ ସାହୁ, ଲକ୍ଷ୍ମୀକାନ୍ତ ଜେନା ପ୍ରମୁଖ।

## ଜିଲ୍ଲାପାଳଙ୍କ ବାସଭବନ ପାଚେରି ଉପରେ ଭାଙ୍ଗିପଡ଼ିଛି ଗଛ

**ବାଲେଶ୍ୱର,୧୪।୮ (ସମିସ):** ଜିଲ୍ଲାର ସର୍ବୋଚ୍ଚ ପ୍ରଶାସନିକ ଅଧିକାରୀଙ୍କ ବାସଭବନ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲାପାଳଙ୍କ ବାସଭବନ ସୁରକ୍ଷା ପାଚେରୀ ଉପରେ ଏକ ବିରାଟକାୟ ଗଛ ଡାଳ ହୋଇ ଦୀର୍ଘ ଦିନ ଧରି ପଡ଼ିରହିଥିଲେ ହେଁ ପ୍ରଶାସନର ନିଦ ଭାଙ୍ଗୁନାହିଁ। ଗଛର ମୋଟା ଡାଳଟି ପାଚେରୀ ଜିଲ୍ଲାପାଳଙ୍କ ବାସଭବନ ପାଚେରୀ ଉପରେ ପଡ଼ି ସହରର ବ୍ୟସ୍ତବହୁଳ ମୁଖ୍ୟ ଯାତାୟାତ ରାସ୍ତା କଡକୁ ବିପଜ୍ଜନକ ଭାବେ ଝୁଲି ରହିଛି, ଯାହା ଯେକୌଣସି ମୁହୂର୍ତ୍ତରେ ଏକ ଦୁର୍ଘଟଣାର କାରଣ ହୋଇପାରେ। ଏହି ମୁଖ୍ୟ ରାସ୍ତା ଦେଇ ପ୍ରତିଦିନ ଶହ ଶହ ସ୍କୁଲ, କଲେଜ ପିଲା, ସାଧାରଣ ପାଦଚଲା ପଥଚାରୀ ଏବଂ ବହୁ ସଂଖ୍ୟାରେ ଗାଡ଼ି ମୋଟର ଆସ-ଯାଆ କରୁଛନ୍ତି। ଝୁଲି ରହିଥିବା ଗଛଟି ଭାରସାମ୍ୟ ହରାଇ ରାସ୍ତା ଉପରକୁ ଖସିପଡ଼ିଲେ ଜୀବନହାନି ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଗଛଟି କେବେଠୁ ଏପରି ସଙ୍କଟଜନକ ସ୍ଥିତିରେ ପଡ଼ିରହିଛି ତାହା ଜଣା ନାହିଁ। ଜିଲ୍ଲା ପ୍ରଶାସନ ଏହା ଉପରେ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି। ଯେଉଁ ଜିଲ୍ଲାପାଳଙ୍କ ବାସଭବନ ଏବଂ ତାଙ୍କ ନିରାପତ୍ତା ପାଇଁ ଚବିଶ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ରହିବା କଥା, ସେହି ବାସଭବନ ପ୍ରାଚୀର ଉପରେ ଏଭଳି ସମ୍ଭାବ୍ୟ ବିପଦ ଝୁଲି ରହିବା ପ୍ରଶାସନିକ ଉଦାସୀନତା ଓ ଦାୟିତ୍ୱହୀନତାର ଚରମ ନମୁନା ବୋଲି ସାଧାରଣରେ ଆଲୋଚନା ହେଉଛି। କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ତୁରନ୍ତ ଏହି ଗଛକୁ କାଟି ହଟାଇବା ସହ ରାସ୍ତାକୁ ନିରାପଦ କରିବା ପାଇଁ ସହରବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ କୌଣସି ଅଘଟଣ ଘଟିଲେ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ କର୍ତ୍ତୃପକ୍ଷ ହିଁ ଦାୟୀ ରହିବେ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।




## ବିଦ୍ୟାଳୟ ପାଖରେ ବିପଦପୂର୍ଣ୍ଣ କୋଠା

**ବାଲେଶ୍ୱର,୧୪।୮ (ସମିସ):** ସହରର ମୋତିଗଞ୍ଜ ବଜାରସ୍ଥିତ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟ ଏକ ପୁରାତନ ଶିକ୍ଷାନୁଷ୍ଠାନ। ଏଠାରେ ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ହେଉଛି। କିନ୍ତୁ ବିଦ୍ୟାଳୟ ସଂଲଗ୍ନ ଏକ ପୁରୁଣା କୋଠା ବର୍ତ୍ତମାନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଚଳିତ ବର୍ଷା ଋତୁରେ କୋଠାଟି ଆପେ ଆପେ ଭୁଶୁଡିବା ଆରମ୍ଭ କରିଛି। ଏବେ ପୁଣି ବର୍ଷା ଆରମ୍ଭ ହୋଇଛି। ଯାହାଫଳରେ ବିପଦ ସୃଷ୍ଟି ହୋଇଛି। ଶହ ଶହ ଛାତ୍ରଛାତ୍ରୀ ଏହି ବିଦ୍ୟାଳୟରେ ପାଠ ପଢୁଥିବାରୁ ସେମାନଙ୍କ ଜୀବନ ପ୍ରତି ଏବେ ଗମ୍ଭୀର ବିପଦ ସୃଷ୍ଟି ହୋଇଛି। କେତେବେଳେ କୋଠାଟି ଭୁଶୁଡି ପିଲାଙ୍କ ଉପରେ ପଡିଯିବ ତାହା କୁହାଯାଉନାହିଁ। କାରଣ ସେହି ବିଦ୍ୟାଳୟର ପାଚେରୀକୁ ଲାଗି ପିଲାମାନେ ଖେଳକୁଦ କରୁଛନ୍ତି। ବିପଦପୂର୍ଣ୍ଣ କୋଠା ଥିବାରୁ ତାହା ଅଧିକ ବିପଦ ସୃଷ୍ଟି କରୁଛି। ଏ ନେଇ ବିଦ୍ୟାଳୟ ପକ୍ଷରୁ ଆଗୁଆ ଘର ମାଲିକଙ୍କୁ ଅବଗତ କରାଯାଇଛି। ଯଦି ତୁରନ୍ତ ଏହି ବିପଦପୂର୍ଣ୍ଣ କୋଠାଟିକୁ ଭଙ୍ଗାଯାଏ ତେବେ ଆଗାମୀ ଦିନରେ ଘଟିପାରୁଥିବା ଏକ ବଡ ଦୁର୍ଘଟଣାକୁ ଟଳି ଦିଆଯାଇପାରିବ। ତେଣୁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



## ଜିଲ୍ଲାପାଳଙ୍କ ବାସଭବନ ସନ୍ନିକଟ ସ୍କୁଲରେ ଲହଡ଼ି ମାରୁଛି ବର୍ଷାଜଳ

**ବାଲେଶ୍ୱର, ୧୪।୮ (ସମିସ)**



ପ୍ରଶାସନିକ ଆଖି ଆଗରେ ଭାସୁଛି ଭବିଷ୍ୟତ, ହେଲେ ଶୁଭୁନି କୋମଳମତି ଶିଶୁଙ୍କ ଦୁର୍ଦ୍ଦଶା। ଜିଲ୍ଲାପାଳଙ୍କ ବାସଭବନକୁ ଲାଗି ରହିଥିବା ବାଲେଶ୍ୱର ସରକାରୀ ପବ୍ଲିକ ସ୍କୁଲରେ ବର୍ଷା ଜଳ ସହ ଡ୍ରେନର ଦୂଷିତ ଜଳ ଲହଡ଼ି ମାରୁଥିବା ଦେଖିବାକୁ ମିଳିଛି। ଗତକାଲିର ବର୍ଷାରେ ସ୍କୁଲ ପରିସର, ଅଫିସ ଗୃହ ଏବଂ ଶ୍ରେଣୀଗୃହ ମଧ୍ୟକୁ ବନ୍ୟା ଭଳି ପାଣି ମାଡ଼ି ଆସିବାରୁ ଆଜି ଶିକ୍ଷାଦାନ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଶିଶୁ ବାଟିକାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରଛାତ୍ରୀ ପାଠ ପଢୁଥିବା ଏହି ବିଦ୍ୟାଳୟରେ ପ୍ରକଳ୍ପ ଓ ପ୍ରଶାସନିକ ଅବହେଳାର ନଗ୍ନ ଚିତ୍ର ପଦାରେ ପଡ଼ିଛି। ସ୍କୁଲର ଉଭୟ ମୁଖ୍ୟ ଫାଟକ ଆଗରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିଥିବା ବେଳେ ଶ୍ରେଣୀଗୃହ ଭିତରେ ବର୍ଷାଜଳ ଜମି ରହିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶେଷରେ ବିଦ୍ୟାଳୟ କର୍ତ୍ତୃପକ୍ଷ ବାଧ୍ୟ ହୋଇ ସ୍କୁଲ ଛୁଟି ଘୋଷଣା କରିଛନ୍ତି। ସବୁଠାରୁ ଦୁର୍ଭାଗ୍ୟଜନକ ବିଷୟ ହେଉଛି, ଜିଲ୍ଲା ପ୍ରଶାସନର ମୁଖ୍ୟ ତଥା ଜିଲ୍ଲାପାଳଙ୍କ ସରକାରୀ ବାସଭବନ ସୀମାକୁ ଲାଗି ଏହି ବିଦ୍ୟାଳୟ ଅବସ୍ଥିତ। ଜିଲ୍ଲାପାଳଙ୍କ ବାସଭବନ ଏବଂ ତନ୍ମଧ୍ୟରୁ ନିଷ୍କାସିତ ନାଳର ଦୂଷିତ ଜଳ ଏହି ସ୍କୁଲ ପରିସର ଦେଇ ଯାଇଥିବା ଡ୍ରେନ୍ ମାଧ୍ୟମରେ ବାହାରକୁ ନିଷ୍କାସିତ ହୋଇଥାଏ। ମାତ୍ର ଦୀର୍ଘ ଦିନ ଧରି ଏହି ଡ୍ରେନ ମରାମତି ନ ହେବାରୁ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲେ ହେଁ ଏହାକୁ ସଜାଡ଼ିବା ପାଇଁ କାହାରି ନଜର ନାହିଁ। ଫଳରେ ସବୁ ସମୟରେ ସାମାନ୍ୟ ବର୍ଷା ହେଲେ ଡ୍ରେନ୍‌ର ଦୂଷିତ ଓ ଦୁର୍ଗନ୍ଧଯୁକ୍ତ ପାଣି ଉଛୁଳି ସ୍କୁଲ ପରିସରରେ ମାଡ଼ିଯାଉଛି। ଏପରିକି ଯେଉଁ ସ୍ଥାନରେ କୋମଳମତି ଶିଶୁମାନେ ମଧ୍ୟାହ୍ନ ଭୋଜନ ଗ୍ରହଣ କରନ୍ତି, ସେହି ସ୍ଥାନରେ ନାଳ ପାଣି ଲହଡ଼ି ମାରୁଛି। ପ୍ରତିବର୍ଷ ବର୍ଷା ଦିନେ ଏହି ସମସ୍ୟା ହେଉଥିଲେ ବି ଏହାର କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ। ଜିଲ୍ଲାର ପ୍ରଶାସନିକ ମୁଖିଆଙ୍କ ବାସଭବନ ପାଚେରୀକୁ ଲାଗିଥିବା ବିଦ୍ୟାଳୟର ଏପରି ଦୁରାବସ୍ଥା ପ୍ରଶାସନିକ ଅକର୍ମଣ୍ୟତା ଏବଂ ଦାୟିତ୍ୱହୀନତାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ତୁରନ୍ତ ଏହି ଭଙ୍ଗା ଡ୍ରେନ୍‌ର ମରାମତି ସହ ସ୍କୁଲରୁ ଜଳନିଷ୍କାସନ ପାଇଁ ସ୍ଥାୟୀ ବ୍ୟବସ୍ଥା ନକରାଗଲେ ସ୍ଥାନୀୟ ଅଭିଭାବକ ଓ ଜନସାଧାରଣ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି।

## ଅବକାରୀ ବିଭାଗର ଚଢ଼ଉ, ୪ ଗିରଫ

**ସୋର,୧୪।୮ (ସମିସ):** ସୋର ଆଦର୍ଶ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଜବତ କରିଥିବା ବେଳେ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।ସୋର ଆଦର୍ଶ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରିଣୀ ଅନିତା ସାହୁ ଓ ସହ ଉପ ନିରୀକ୍ଷକ ବସନ୍ତ କୁମାର ବାରିକଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଏକ ଟିମ ସୋର ଥାନା ଅଧିନ ତଳନଗର ଗ୍ରାମରେ ଚଢ଼ାଉ କରି ପିତାମ୍ବର ମାଝୀଙ୍କ ନିକଟରୁ ୧୫ ଲିଟର, ସାବିତ୍ରୀ ପଣ୍ଡାଙ୍କ ନିକଟରୁ ୧୫ ଲିଟର, ପାଖର ଗ୍ରାମର ସବିତା ବିଶ୍ୱାଳଙ୍କ ନିକଟରୁ ୧୨ ଲିଟର ଓ ଅଇଁରୀ ଗ୍ରାମର କନକଲତା ମଲିକଙ୍କ ନିକଟରୁ ୧୦ ଲିଟର ଦେଶୀ ମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ଣରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ କନେଷ୍ଟବଲ ମିନତୀ ପରିଡା ସାମିଲ ଥିଲେ।

## ଆସୁନି ଭତ୍ତା ଟଙ୍କା
# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ବୃଦ୍ଧବୃଦ୍ଧା

ବାଲେଶ୍ୱର,୧୪।୮ (ସମିସ)



ସରକାର ସାମାଜିକ ସୁରକ୍ଷା ଓ ଡିଜିଟାଲ୍ ସେବା ନାଁରେ ବଡ଼ ବଡ଼ ଦାବି କରୁଥିବା ବେଳେ ଗ୍ରାମାଞ୍ଚଳରେ ଏହାର ବାସ୍ତବ ଚିତ୍ର ଅତ୍ୟନ୍ତ ନିରାଶାଜନକ ଓ ଅଭାବନୀୟ ହୋଇପଡ଼ିଛି। ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅନ୍ତର୍ଗତ ଖରାସାହାପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆଜି ସରକାରଙ୍କ ଏହି ପ୍ରଶାସନିକ ବିଫଳତା ବିରୋଧରେ ହିତାଧିକାରୀଙ୍କ ଆକ୍ରୋଶ ବିସ୍ଫୋରଣ ରୂପ ନେଇଛି। ଦୀର୍ଘ ୨ ମାସ ଧରି ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ନ ଆସିବାରୁ ଭୋକ ଉପବାସ ଓ ରୋଗ ବ୍ୟାଧିରେ ପ୍ରପୀଡ଼ିତ ଏକାଧିକ ବୃଦ୍ଧବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ହିତାଧିକାରୀ ବାଧ ହୋଇ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ବାହାନଗା ବ୍ଲକରେ ମଧୁବାବୁ ପେନସନ ଯୋଜନାରେ ମୋଟ ୧୨,୭୬୩ ଜଣ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ, ଅବିବାହିତ ଓ ସ୍ୱାମୀ ପରିତ୍ୟକ୍ତା ହିତାଧିକାରୀ ନଗଦ ଆକାରରେ ଭତ୍ତା ପାଉଛନ୍ତି। ଅନ୍ୟପଟେ ଜାତୀୟ ସ୍ତରର ଇନ୍ଦିରା ଗାନ୍ଧୀ ପେନସନ୍ ସ୍କିମ୍‌ରେ ବ୍ଲକର ୬,୪୪୪ ଜଣ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି, ଯେଉଁଥିରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ପ୍ରମାଣପତ୍ର ଥିବା ୧୮ ବର୍ଷରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ, ବିଧବା ଓ ଅସହାୟ ବୃଦ୍ଧବୃଦ୍ଧା ରହିଛନ୍ତି। ଏହି ଯୋଜନାର ଭତ୍ତା ଟଙ୍କା ସିଧାସଳଖ ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଯାଉଥିବା ନେଇ ସରକାର ବାହାବା ନେଉଛନ୍ତି, ମାତ୍ର ବାସ୍ତବରେ ଏହି ବ୍ୟବସ୍ଥା ଏବେ ବୃଦ୍ଧବୃଦ୍ଧାଙ୍କ ପାଇଁ ଅଭିଶାପ ପାଲଟିଛି। ବିଗତ ୨ ମାସ ହେବ ବ୍ୟାଙ୍କ ଖାତାକୁ ଟଙ୍କା ଆସିନଥିବାରୁ ଔଷଧ ଟୋପାଏ କିଣିବାକୁ କିମ୍ବା ଗଣ୍ଡେ ଖାଇବାକୁ ସମ୍ବଳ ନଥିବା ଏହି ଅସହାୟ ବ୍ୟକ୍ତିମାନେ ବାଧ ହୋଇ ଶରୀରର ଅସୁସ୍ଥତା ସତ୍ତ୍ୱେ ବାରମ୍ବାର ବ୍ୟାଙ୍କ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ହନ୍ତସନ୍ତ ହେଉଛନ୍ତି। ଆଜି ବାହାନଗା ବ୍ଲକର ୨୪ ଗୋଟି ପଞ୍ଚାୟତରେ ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କୁ ନଗଦ ଭତ୍ତା ବଣ୍ଟନ କରାଯାଉଥିଲା। ଖରାସାହାପୁର ପଞ୍ଚାୟତରେ ମଧ୍ୟ ଏହି ଯୋଜନାର ୭୬୫୩ ଜଣ ହିତାଧିକାରୀଙ୍କୁ ନଗଦ ଟଙ୍କା ପ୍ରଦାନ କରାଯାଉଥିବା ସମୟରେ, ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ଥିବା ୪୧୩ ଜଣ ହିତାଧିକାରୀଙ୍କ ମଧ୍ୟରୁ ବହୁ ଅସହାୟ ବୃଦ୍ଧବୃଦ୍ଧା ଓ ଦିବ୍ୟାଙ୍ଗ ସେଠାରେ ପହଞ୍ଚିଥିଲେ। ନିଜର ପ୍ରାପ୍ୟ ହକ୍ ନପାଇ ଓ ସରକାରୀ ଅବହେଳାର ଶିକାର ହୋଇ ସେମାନେ କ୍ଷୋଭ ପ୍ରକାଶ କରିବା ସହ ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ନିଜର ହକ୍ ପାଇଁ ଧାରଣାରେ ବସି ରହିଥିଲେ। "ପ୍ରଶାସନ ଓ ସରକାରଙ୍କ ନିର୍ବିକାର ନୀତି ଯୋଗୁଁ ଆମେ ଆଜି ଭୋକିଲା ରହିବାକୁ ବାଧ ହେଉଛୁ, ବ୍ୟାଙ୍କକୁ ଗଲେ ଟଙ୍କା ଆସିନି ବୋଲି କହି ଫେରାଇ ଦେଉଛନ୍ତି ବୋଲି ନିଜର ଦୁଃଖ ପ୍ରକାଶ କରିଛନ୍ତି ବୃଦ୍ଧବୃଦ୍ଧା ହିତାଧିକାରୀ। ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପଡ଼ିବା ପରେ ଭତ୍ତା ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ସ୍ଥାନୀୟ ସରପଞ୍ଚ କୈଳାଶ ଚନ୍ଦ୍ର ରାଉତ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚାଧିକାରୀଙ୍କ ସହ କଥା ହୋଇ ଯଥାଶୀଘ୍ର ବ୍ୟାଙ୍କ ଖାତାକୁ ବକେୟା ଟଙ୍କା ପଠାଇବାର ବନ୍ଦୋବସ୍ତ କରାଯିବ ବୋଲି ସରପଞ୍ଚ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ତାଲା ଖୋଲିଥିଲେ। ଏହାପରେ ମଧୁବାବୁ ପେନସନ୍ ଯୋଜନାର ଭତ୍ତା ବଣ୍ଟନ କାର୍ଯ୍ୟ ପୁଣି ଥରେ ସ୍ୱାଭାବିକ ହୋଇଥିଲା। ତେବେ ଡିବିଟି ପ୍ରସଙ୍ଗରେ ସରକାରଙ୍କ ବିଫଳତା ଓ ପ୍ରଶାସନିକ ଅବହେଳା ଯୋଗୁଁ ବୃଦ୍ଧବୃଦ୍ଧାମାନେ ଯେଉଁ ମାନସିକ ଓ ଶାରୀରିକ ନିର୍ଯାତନା ଭୋଗୁଛନ୍ତି, ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି। ଆଗାମୀ ଦିନରେ ଯଦି ତୁରନ୍ତ ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ପ୍ରଦାନ କରା ନଯାଏ, ତେବେ ରାଜପଥକୁ ଓହ୍ଲାଇବା ସହ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ହିତାଧିକାରୀମାନେ ସ୍ପଷ୍ଟ ସୂଚନା ଦେଇଛନ୍ତି।

## ହର୍ ଘର୍ ତିରଙ୍ଗା ପଦଯାତ୍ରା




**ସୋର, ୧୪।୮ (ସମିସ):** ସୋର ରାଧାନାଥ ବିଦ୍ୟାପୀଠ ଓ ରାଧାନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ରାଧାନାଥ ପଡିଆରୁ ବ୍ଲକ ଛକ ପର୍ଯ୍ୟନ୍ତ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରାରେ ସୋର ଭାରପ୍ରାପ୍ତ ତହସିଲଦାର କୃଷ୍ଣ ମୋହନ ସିଂହ,ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ପ୍ରଧାନ ରାଧାନାଥ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ମହାପାତ୍ର ଛାତ୍ର ଛାତ୍ରୀଙ୍କୁ ଭାରତ ବର୍ଷର ସ୍ୱାଧୀନତା ଇତିହାସ ସହ ତ୍ରିରଙ୍ଗା ପତାକା ବିଷୟରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାରାକାନ୍ତ କର , ରଶ୍ମିତା ଶିଅଳ, ଲାବଣ୍ୟବତୀ କାହାଳି, ଆରାଧନା ରାଉଳ, ଅପର୍ଣ୍ଣା ଜେନା, ଜିତେନ୍ଦ୍ର ନାୟକ, ସସ୍ମିତା ଯେନା, ପ୍ରିୟଙ୍କା ପାତ୍ର, ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଉଭୟ ବିଦ୍ୟାଳୟର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

**ଖଇରା:** ୮୦ତମ ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ଖଇରା ବିଜେପି ପକ୍ଷରୁ ଶୁକ୍ରବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମେ ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା,ଜିଲା ଯୋଜନା ବୋର୍ଡ ସଭାପତି ତଥା ବିଧାୟକ ପଦ୍ମଲୋଚନ ପଣ୍ଡା,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ଯୁବନେତା ନିଳମାଧବ ପଣ୍ଡା ପ୍ରମୁଖ ତୁଡିଗଡିଆସ୍ଥିତ ଶହୀଦ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ। ପରେ ଏକ ବାଇକ ରାଲି ତୁଡିଗଡିଆରୁ ବାହାରି ଗଣ୍ଡିବେଡ ବଜାର ଦେଇ ଖଇରା ଦୂର୍ଗା ମଣ୍ଡପରେ ପହଞ୍ଚିଥିଲା। ଦୂର୍ଗାମଣ୍ଡପରୁ ମହିଳା ମୋର୍ଚ୍ଚା ର ଏକ ପଦଯାତ୍ରା ଭାରତ ମାତାର ବନ୍ଦନା କରି ଖଇରାବଜାର ପରିକ୍ରମା କରି କୋଚିଆକୋଇଲି କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲା।

## ଦୁଇ ଦିନ ହେଲା ପାଣି ଘେରରେ ଗ୍ରାମବାସୀ


**ବାଲିଆପାଳ, ୧୪।୮ (ସମିସ):** ଏହି ବ୍ଲକ ଅନ୍ତର୍ଗତ ପ୍ରତାପପୁର ଗ୍ରାମ ପଂଚାୟତ ନଇଘାଟି ଗ୍ରାମର ଦୁଇ ଦିନ ହେଲା ଚଳିତ ଲଗାଣ ବର୍ଷା ରେ ଗ୍ରାମର ଅନେକ ଘରେ ପାଣି ପଶିଯାଇଛି। ଗ୍ରାମର ଦାଶରଥି ଦାସ ଓ ଭାଗିରଥି ଦାସଙ୍କ ଘରେ ଜଳ ପ୍ରବେଶ କରିବାରୁ ନାହିଁ ନଥିବା ଅସୁବିଧା ରେ ସମ୍ମୁଖୀନ



ହେଉଛନ୍ତି। ନୂଆ କରି ତିଆରି ହୋଇଥିବା ରୋଡ଼ ପାର୍ଶ୍ୱରେ ଡ୍ରେନ୍ ସୁବିଧା ନ ଥିବାରୁ ଏହି ଅସୁବିଧା ସୃଷ୍ଟି ହୋଇଛି। ସରଜମିନ ତଦନ୍ତ କରି ଜଳ ନିଷ୍କାସନର ସୁବ୍ୟବସ୍ଥା କରିବା ପାଇଁ ଭାଗିରଥି ଦାସ, ସରୋଜ ଦାସ, ମିଳନ ଦାସ, ଅନନ୍ତ ପିଳା, ଚନ୍ଦନ ଦାସ, ଅଞ୍ଜନ ଦାସ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ନୂତନ ଅଧ୍ୟକ୍ଷାଙ୍କ ଯୋଗଦାନ

ଜଳେଶ୍ୱର, ୧୪।୮ (ସମିସ): ଜଳେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ଅଞ୍ଜଳି ଚକ୍ରବର୍ତ୍ତୀଙ୍କ ଯୋଗଦାନ। ଏହି ଅବସରରେ ବିଦାୟୀ ଅଧ୍ୟକ୍ଷ ରାମଶଙ୍କର ଦାସ, ଜଳେଶ୍ୱର ମହିଳା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ, +୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣ ଶିକ୍ଷକ ଓ +୩ କଲେଜର ଅଧ୍ୟାପକ ଅଧ୍ୟାପିକା ନୂତନ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଜଳେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ହୋଇପାରୁ ନଥିବା



ବେଳେ ସ୍ଥାନୀୟ ଜଳେଶ୍ୱର ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଭାବେ କାର୍ଯ୍ୟନିର୍ବାହ କରୁଥିବା ଅଂଜଳୀ ଚକ୍ରବର୍ତ୍ତୀଙ୍କୁ ମହିଳା ବିଦ୍ୟାଳୟର ଅଧ୍ୟକ୍ଷ ଭାବରେ ମଧ୍ୟ ନିଯୁକ୍ତି ଦିଆଯାଇଛି।

## ଛତୁ ଚାଷ ପାଇଁ ତାଲିମ ଶିବିର

ସୋର,୧୪।୮ (ସମିସ): ସୋର କୃଷି କାର୍ଯ୍ୟାଳୟ ପରିସରରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଛତୁ ଚାଷ ସମ୍ବନ୍ଧିତ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ବ୍ଲକ୍ "ଆତ୍ମା' ଅଧ୍ୟକ୍ଷ ଅଜୟ ମାଝୀଙ୍କ ସଭାପତିତ୍ୱରେ ବ୍ଲକ କୃଷି ଅଧିକାରିଣୀ ରଞ୍ଜିତା ଟୁଡୁ, ବ୍ଲକ୍ ବୈଷୟିକ ପରିଚାଳକ ଆଦ୍ୟାଶକ୍ତି ସାମଲ, ଅତିରିକ୍ତ ବ୍ଲକ୍ ବୈଷୟିକ ପରିଚାଳକ ସୁବାସ ଚନ୍ଦ୍ର ଦୀକ୍ଷିତ ଓ ରବିନାରାୟଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସୋର ବ୍ଲକ୍ ଉଦ୍ୟାନ କୃଷି ଅଧିକାରିଣୀ ଶୁଭଶ୍ରୀ ଶୁଭସ୍ମିତା ଓ ସିମୁଳିଆ ବ୍ଲକ୍ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜ୍ୟୋତିପ୍ରକାଶ ମହାପାତ୍ର ଉପସ୍ଥିତ ଚାଷୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଥିରେ ସୋର ବ୍ଲକ୍‌ର ଆଠଟି ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହ ଶତାଧିକ ଚାଷୀ ଭାଗ ନେଇଥିଲେ।

## ଜିଲ୍ଲାସ୍ତରୀୟ ସଂକ୍ରମଣ ଆକଳନ ସର୍ଭେ ତାଲିମ କାର୍ଯ୍ୟକ୍ରମ

**ବାଲେଶ୍ୱର, ୧୪।୮ (ସମିସ):** ବାଲେଶ୍ୱର ଜିଲ୍ଲା ରୁଗ୍ଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ସଭାଗୃହରେ ଜିଲ୍ଲାସ୍ତରୀୟ ସଂକ୍ରମଣ ଆକଳନ ସର୍ଭେ କାର୍ଯ୍ୟକ୍ରମ ନିମନ୍ତେ ଏକ ସ୍ୱେଚ୍ଛାକୃତ ତାଲିମ ଶିବିର ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ସଦର ବ୍ଲକ ଏବଂ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଆସିଥିବା ଲାବୋରେଟୋରୀ ଟେକ୍ନିସିଆନ୍, ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ମହିଳା ସ୍ୱାସ୍ଥ୍ୟ କର୍ମୀ ଓ ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ବରିଷ୍ଠ ପରାମର୍ଶଦାତା ଡାକ୍ତର କମଳାକାର ଅର୍ଜୁନ ଲସକର ଯୋଗଦେଇ ବାତଜ୍ୱର ନିରାକରଣ ନିମନ୍ତେ କ୍ଷେତ୍ର ସ୍ତରରେ ହେଉଥିବା ସର୍ଭେ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ସହକାରୀ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୂର୍ଯ୍ୟପ୍ରକାଶ ରାଉତରାୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଦକ୍ଷତାର ସହିତ ପରିଚାଳନା କରିଥିବା ବେଳେ ଡାକ୍ତର ଦତ୍ତ ଓ ଡାକ୍ତର ସୋମଲକର ଉପସ୍ଥିତ ରହି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର କୋମଳମତି ପିଲାମାନଙ୍କ ନିକଟରୁ ରକ୍ତ ନମୁନା ସଂଗ୍ରହ ଓ ପରୀକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭା ଜିଲ୍ଲା ସହକାରୀ ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର ନିୟୋଜନ ଓ ଟିକାକରଣ) ପରେଶ ଚନ୍ଦ୍ର ନନ୍ଦୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ସାବିତ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ସଭାରେ ଜିଲ୍ଲା ସହକାରୀ ଜନ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ) ଡାକ୍ତର ସଂଜୀବ ପ୍ରଧାନ, ଡିପିଏମ୍ ଚକ୍ରଧର ଜେନା ଏବଂ ସାବିତ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ସୁପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଶେଷରେ ଡିଏମ୍ଆର୍‌ସିଏଚ୍ ଜିତେନ୍ଦ୍ର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ରେମୁଣା ବିଧାୟକ



**ରେମୁଣା, ୧୪।୮ (ସମିସ):** ଲଗାତାର ଭୀଷଣ ବର୍ଷାର ପ୍ରଭାବରେ ରେମୁଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ତଳିଆ ଅଞ୍ଚଳ ଗୁଡିକରେ ପାଣି ପ୍ରବେଶ କରି ଲୋକମାନେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ। ସେ ହରିପୁର, ଦହପଡ଼ା, ନିଜାମପୁର ଆଦି ପଞ୍ଚାୟତ ଗୁଡ଼ିକୁ ବୁଲି ସ୍ଥିତିର ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ବିଧାୟକ ଶ୍ରୀ ଦାସ ପ୍ରଭାବିତ ଲୋକଙ୍କ ସହିତ ସାକ୍ଷାତ କରି ତାଙ୍କ ସମସ୍ୟା ବିଷୟରେ ବୁଝିଥିଲେ। ଏଥି ସହିତ ଆବଶ୍ୟକ ସ୍ଥାନରେ ପ୍ରଭାବିତ ପରିବାରମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଲଗାତାର ଦ୍ୱିତୀୟ ଥର ଲଗାଣ ବର୍ଷା ହେବାରୁ ଅନେକ ଅଞ୍ଚଳରେ ପାଣି ଜମି ରହିଥିବା ସହ ଲୋକମାନେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଏହି ପରିପ୍ରେକ୍ଷିରେ ସମସ୍ତ ପ୍ରଭାବିତଙ୍କୁ ଆବଶ୍ୟକ ସହାୟତା ଯୋଗାଇବା, ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ବିଧାୟକ କହିଥିଲେ।

## ଆଖୁଆ ନାଳ ଅବରୋଧ ନେଇ ଉତ୍ତେଜନା



**ଜଳେଶ୍ୱର, ୧୪।୮ (ସମିସ) :** ଜଳେଶ୍ୱର ବ୍ଲକ ଉପାନ୍ତ ନଛିମପୁର ପଞ୍ଚାୟତର ଆଖୁଆ ମୌଜା,ସୀମାନ୍ତରେ ପାଣି ନିଷ୍କାସନ ନାଳ ଅବରୋଧ ଯୋଗୁଁ ଚାଷୀ ମାନଙ୍କ ପକ୍ଷରୁ ଉତ୍ତେଜନା ପ୍ରକାଶ ପାଇଛି। ପଶ୍ଚିମବଂଗ ଅଞ୍ଚଳର ଉଦବୃତ୍ତ ବର୍ଷା ଜଳ ଆଖୁଆ ମୌଜାରେ ନୂତନ କରି ଖୋଳା ଯାଇଥିବା କେନାଲ ଆସି ବିସ୍ତୀର୍ଣ୍ଣ ଚାଷ ଜମି ପ୍ଲାବିତ ହୋଇ ରହିଛି। କାରଣ କେନାଲ ଶେଷ ସୀମାରେ ବସବାସ କରୁଥିବା ପାତ୍ର ସାହି ବାସିନ୍ଦା ଜଳ ନିଷ୍କାସନ ପଥକୁ ମାଟି ପକାଇ ଅବରୋଧ କରିଛନ୍ତି। ଯାହାଫଳରେ ପୁରୁଷାନୁକ୍ରମେ ନିଷ୍କାସିତ ହୋଇଥିବା ବର୍ଷ ଜଳ ଦୀର୍ଘଦିନ ଧରି ପ୍ଲାବିତ ହୋଇ ସଦ୍ୟ ରୁଆ ପୋତା ହୋଇଥିବା ଧାନ ଗଛ ପଚିସଢି ଯିବାକୁ ବସିଲାଣି। ଫଳରେ ନଛିମପୁର, ବେଲି ଗୋପୀନାଥ ପୁର, ପଶ୍ଚିମବଂଗର ଭେଟିଆ ଗ୍ରାମବାସୀ ମାନେ ଏକାଠୀ ହୋଇ ଜଳ ନାଳ ଉଚ୍ଛେଦ ପାଇଁ ଅଣ୍ଟା ଭିଡ଼ି ଥିଲେ। ସୂଚନା ପାଇ ଜଳେଶ୍ୱର ପୁଲିସ, ସରପଞ୍ଚ ରାଜେଶ ଜେନା,ନାଏବ ସରପଞ୍ଚ ପ୍ରତିନିଧି ଅମର ପାତ୍ର,ହେମନ୍ତ ସିଂ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ।

## ସୀତାସୁରେନ୍ଦ୍ର ପାଠାଗାରରେ ଜାତୀୟ ପାଠାଗାର ଦିବସ

**ରେମୁଣା, ୧୪।୮ (ସମିସ ):** ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପ୍ରତିଷ୍ଠିତ ସୀତାସୁରେନ୍ଦ୍ର ପାଠାଗାର ପରିସରରେ ଜାତୀୟ ପାଠାଗାର ଦିବସ ପାଳିତ ହୋଇଯାଇଛି। କବି ନିରଞ୍ଜନ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି କ୍ଷୀରଚୋରା ପବ୍ଲିକ ସ୍କୁଲର ଅଧ୍ୟକ୍ଷ ବୃନ୍ଦାବନ ବେହେରା, ମୁଖ୍ୟ ଆଲୋଚକ ଗ୍ରନ୍ଥାଗାରିକ ଗିରିଶ କୁମାର ଷଡ଼ଙ୍ଗୀ, ସମ୍ମାନନୀୟ ଅତିଥି ଭାବେ ଯୋଗେଶଚନ୍ଦ୍ର ବେହେରା, ବରିଷ୍ଠ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ, ପ୍ରଦୀପ କୁମାର ମିଶ୍ର, ଅସିତ ମଙ୍ଗରାଜ ପ୍ରମୁଖ ଯୋଗଦେଇ ପୁସ୍ତକାଳୟ ଲୋକମାନଙ୍କୁ ସଂଯୋଗ କରିବା, ଜ୍ଞାନକୁ ସଂରକ୍ଷଣ ଓ ଭବିଷ୍ୟତକୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୂପ କରିଥିଲେ। ଡ. ଦାସ ଅତିଥି ମାନଙ୍କ ପରିଚୟ ଦେବା ସହିତ ପାଠାଗାର ଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପୁସ୍ତକକୁ ଆଧାର କରି କବୟିତ୍ରୀ ଜୟଶ୍ରୀ ମିଶ୍ରଙ୍କ ସଂଯୋଜନାରେ ଏକ ମନୋଜ୍ଞ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ କବିୟିତ୍ରୀ ବାସନ୍ତୀ ଦାସ, ଅର୍ପିତା ଦାସ, ଶାନ୍ତିଲତା ମହାନ୍ତି, ସୁନାମଣି ଜେନା ପ୍ରମୁଖ ନିଜସ୍ୱ କବିତା ପାଠ କରିଥିଲେ। ସନ୍ଧ୍ୟାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ୩୫ ନଂ ମଣ୍ଡଳରେ ତ୍ରିରଙ୍ଗା ଶୋଭାଯାତ୍ରା




**ଚନ୍ଦନେଶ୍ୱର, ୧୪।୮ (ସମିସ):** ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ଭାରତୀୟ ଜନତା ପାର୍ଟିର ୩୫ ନଂ ମଣ୍ଡଳ ପକ୍ଷରୁ ଆଜି ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନେଗୁଆଁ ଛକଠାରୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ଆୟୋଜିତ ଏହି ଶୋଭାଯାତ୍ରାରେ ଦେଶପ୍ରେମର ଭାବନାରେ ବହୁ ସଂଖ୍ୟକ ଯୁବକ, ଛାତ୍ର ଓ ଦଳୀୟ କର୍ମକର୍ତ୍ତା ସାମିଲ ହୋଇଥିଲେ। ଯୁବ ମୋର୍ଚ୍ଚା ନେତା ଅଘୋର ତୋଷ ପଣ୍ଡାଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଅବସରରେ ଜିଲ୍ଲା ସଭାପତି ପ୍ରଦୀପ ପଣ୍ଡା, ବିଧାୟକ ପ୍ରାର୍ଥୀ ଆଶିଷ କୁମାର ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଅଶୋକ ଦାସ, ମଣ୍ଡଳ ପ୍ରଭାରୀ ଅନିମା ପାଣିଗ୍ରାହୀ, ଜିଲ୍ଲା ସମ୍ପାଦିକା ରାଜେଶ୍ୱରୀ କାମିଲା, ଜିଲ୍ଲା ଏକ୍‌ଜିକ୍ୟୁଟିଭ୍ ମେମ୍ବର ଦିଲ୍ଲୀପ କାମିଲା, ମଣ୍ଡଳ ସଭାପତି ଚନ୍ଦନ କୁମାର ପ୍ରଧାନ, ସାଧାରଣ ସମ୍ପାଦକ ବନମାଳୀ ବେହେରା, ସମ୍ପାଦକ ସତ୍ୟ କୁମାର ସାମଲ, ରବୀନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଓ ନେତୃବୃନ୍ଦ ଯୋଗଦେଇଥିଲେ।

# ଏଡ୍‌ସ ସଚେତନତା ଅଭିଯାନରେ ଫିଟନେସ୍‌ବିହୀନ ଗାଡ଼ି

ବାଲେଶ୍ୱର, ୧୪।୮
(ରୁଚିକ ରଞ୍ଜନ ମହାପାତ୍ର)




ଜନସାଧାରଣଙ୍କୁ ଆଇନ ଓ ସଚେତନତାର ପାଠ ପଢ଼ାଉଥିବା ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ନିଜେ ସରକାରୀ ଆଇନକୁ ଦଳିମକଚି ଦେଇଛି। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ଗତ ୧୨ ତାରିଖ ବୁଧବାର ଠାରୁ ଆରମ୍ଭ ହୋଇଥିବା ଜିଲ୍ଲାସ୍ତରୀୟ "ଆଇଇସି ଅଭିଯାନ ୩.୦' କାର୍ଯ୍ୟକ୍ରମରେ ପ୍ରଶାସନିକ ଦାୟିତ୍ୱହୀନତା ଓ ବେଆଇନ କାର୍ଯ୍ୟର ଏକ ସଙ୍ଗୀନ ଚିତ୍ର ସାମ୍ନାକୁ ଆସିଛି। ଏଚଆଇଭି ଏଡସ୍ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ୧୨ ଅଗଷ୍ଟରୁ ୧୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଦୁଇ ମାସିଆ ଅଭିଯାନରେ ଯେଉଁ "ସଚେତନତା ରଥ'କୁ ବ୍ୟବହାର କରାଯାଉଛି, ତାହା ସମ୍ପୂର୍ଣ୍ଣ ବେଆଇନ ଓ ଅସୁରକ୍ଷିତ। ଖୋଦ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ , ସିଡିଏମଓ ଅମୂଲ୍ୟ ଦାସ, ଆରଟିଓ ଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ନିଜ ହାତରେ ସବୁଜ ପତାକା ହଲାଇ ଏହି ବିପଦପୂର୍ଣ୍ଣ ଗାଡ଼ିର ଶୁଭାରମ୍ଭ କରିବା ଏବେ ସମଗ୍ର ଜିଲ୍ଲାରେ ହଲଚଲ ସୃଷ୍ଟି କରିଛି। ପରିବହନ ବିଭାଗର ଅଫିସିଆଲ୍ "ଏମ୍-ପରିବହନ' ୱେବସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ସଚେତନତା ରଥ ଭାବେ ସଜାଯାଇଥିବା ଏହି ବାଣିଜ୍ୟିକ ଗାଡ଼ି (ଗାଡ଼ି ନମ୍ବର: ଓଡ଼ି-୦୧ଏକ୍ସ-୪୧୭୯) ର ଫିଟନେସ ସାର୍ଟିଫିକେଟ୍ ଗତ ୧୦ ସେପ୍ଟେମ୍ବର ୨୦୨୨ ରୁ ଶେଷ ହୋଇସାରିଛି। ସେହିପରି ଗାଡ଼ିର ବୈଧ ଇନ୍ସୁରାନ୍ସ ମଧ୍ୟ ୦୭ ଅଗଷ୍ଟ ୨୦୨୩ ରୁ ସରିଯାଇଛି। ଦୀର୍ଘ ଚାରି ବର୍ଷ ହେବ ଫିଟନେସ ନଥିବା ଏବଂ ତିନି ବର୍ଷ ହେବ ଇନ୍ସୁରାନ୍ସ ନଥିବା ଏକ ଗାଡ଼ିକୁ ସ୍ୱାସ୍ଥ୍ୟ ବିଭାଗ କିପରି ସଚେତନତା କାର୍ଯ୍ୟକ୍ରମ ପାଇଁ ଭଡ଼ାରେ ନେଲା? ଏବଂ କିପରି ଜିଲ୍ଲାର ସମସ୍ତ ବ୍ଲକ ଓ ଗାଁ ଗାଁ ବୁଲିବା ପାଇଁ ଅନୁମତି ଦିଆଗଲା, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏ ନେଇ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ତଥା ଏଡ଼ସ ବିଭାଗର ନୋଡାଲ ଅଫିସର ଡା. ମନୋଜ ସାହୁ କହିଛନ୍ତି ଯେ, ଆମେ ଏଜେନ୍ସି ନିକଟରୁ ଗାଡ଼ି ଭଡ଼ାରେ ଆଣୁଛୁ, ଏଜେନ୍ସି ଯୋଗାଇ ଥିବା ଗାଡ଼ିର କାଗଜ ଠିକ ଥିବ ବୋଲି ଆମେ ଆଶା ରଖିଥିଲୁ , ମୁଁ ବର୍ତ୍ତମାନ ଏ ବିଷୟରେ ଜାଣିବାକୁ ପାଇଲି, ମୁଁ ଏ ବିଷୟରେ ବୁଝିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ଜିଲ୍ଲା ଏଡସ ପ୍ରତିଷେଧ ଓ ନିୟନ୍ତ୍ରଣ ୟୁନିଟର ଅଧିକାରିଣୀ ରଶ୍ମିତା ମହାନ୍ତି ସମୟ ଅଭାବରୁ ଆମେ ଦେଖି ନାହୁଁ, ଏହା ଆମର ଭୁଲ ହୋଇଛି, ଆଉ ଭବିଷ୍ୟତରେ ଏଭଳି ହେବନାହିଁ କହି ସଫେଇ ଦେଇଛନ୍ତି।

## ବର୍ଷାଜନିତ କ୍ଷୟକ୍ଷତିର ସମୀକ୍ଷା ବୈଠକ

**ଜଳେଶ୍ୱର, ୧୪।୮ (ସମିସ):** ଲଗାଣ ବର୍ଷା ଜନିତ କ୍ଷୟକ୍ଷତି, କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟ ଓ ଥଇଥାନ, ତଥା ସାମ୍ଭାବ୍ୟ ବନ୍ୟାର ପୂର୍ବ ପ୍ରସ୍ତୁତିକୁ ନେଇ ବାଲେଶ୍ୱର ସାଂସଦଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଡିଓ ଗୌରଙ୍ଗ ଚରଣ ଘୋଷ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ତହସିଲଦାର ସତ୍ୟଜିତ ମହାନ୍ତି, ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସନ୍ଧ୍ୟାରାଣି ପାତ୍ର, ବିଜେପି ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ଜଳେଶ୍ୱର ବିଜେପି ନେତା ବ୍ରଜମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ଲଗାଣ ବର୍ଷାରେ ବିଭିନ୍ନ ଗ୍ରାମାଂଚଳରେ ଉପୁଜିଥିବା ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଦୁଇଦିନ ଧରି ଲଗାତାର ଲଗାଣ ବର୍ଷାରେ ଜଳେଶ୍ୱର ବ୍ଲକର ବହୁ ଗ୍ରାମପଂଚାୟତର ତଳିଆ ଅଂଚଳ ଜଳମଗ୍ନ ହେବା ସହିତ ବାହ୍ୟଜଗତରୁ ଏବେ ବି ବିଛିନ୍ନ ହୋଇ ରହିଛି। ଫଳରେ ବହୁ ଲୋକ ସ୍ଥାନାନ୍ତର ହୋଇଛନ୍ତି।

# ଜଳ ପ୍ରଳୟ; ବ୍ୟାପକ କ୍ଷୟକ୍ଷତି, ଜନଜୀବନ ଠପ୍





ତେଲକୋଇ, ୧୪।୮ (ସମିସ)

ଲଗାଣ ବାଦଲ ଫଟା ବର୍ଷା ଯୋଗୁଁ ତେଲକୋଇ ଅଞ୍ଚଳରେ ଜଳ ପ୍ରଳୟ ଦେଖାଦେଇଛି। ଗୁରୁବାର ମଧ୍ୟରାତ୍ରୀରୁ ଶୁକ୍ରବାର ସକାଳ ଯାଏଁ ୧୨୯.୮ ମିଲିମିଟର ବର୍ଷା ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ମଧ୍ୟାହ୍ନ ପରେ ପୋଡାଙ୍ଗ, କରମଙ୍ଗୀ, ବିମଳା ଆଦି ଅଞ୍ଚଳରେ ବାଦଲ ଫଟା ବର୍ଷା ହୋଇଛି। ଗୁରୁବାର ଭୋରୁ ସମୟରୁ ସନ୍ଧ୍ୟା ଯାଏଁ ତେଲକୋଇ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ଷୟକ୍ଷତି ହୋଇଛି। ନଦୀ ନାଳ ଫୁଲି ଉଠି ବନ୍ୟାଜଳରେ ଗମନାଗମନ ବାଧାପ୍ରାପ୍ତ ହେବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଛାମୁଣ୍ଡା, ଭିମକାଣ୍ଡ, ଦେଉଳଡିହା ଆଦି ପଞ୍ଚାୟତର ୧୩ଟି ଘର ଭାଙ୍ଗିଥିବା ସୂଚନା ରହିଛି। ସକାଳ ୬ ଯାଏଁ ସମାକୋଇ ନଦୀର ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇ ତେଲକୋଇ ମୁଖ୍ୟରାସ୍ତା ବିଚ୍ଛିନ୍ନ ହୋଇପଡ଼ିଥିଲା। ସେହିପରି ହନୁମନ୍ତିଆ ନାଳ ପାଣି ଜଗମୋହନପୁର୍‌କୁ ବିଚ୍ଛିନ୍ନ ରଖିଥିଲା। ବିମଳା, କରମଙ୍ଗୀ ଅଞ୍ଚଳବାସୀ ଜଳବନ୍ଦିରେ ଥିବା ଜଣାପଡିଛି। କରମଙ୍ଗୀ ପଞ୍ଚାୟତ ପଡିଆପଶି ଗ୍ରାମର ବୀରବର ନାୟକଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଅଗଣାରେ ଥିବା ସ୍କୁଟି ଭସେଇ ନେଇଥିବା ଅଭିଯୋଗ ହୋଇଛି। ଅନେକ ସ୍ଥାନରେ ରାସ୍ତା ଧୋଇ ହେବା ସହିତ ରାସ୍ତାରେ ଘାଇ ସୃଷ୍ଟି ହୋଇଛି। କୁଡବିଲ ରାଣିବଡା ରାସ୍ତାର କାଉ ବଶା ନାଳ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହୋଇଛି। ଟାଙ୍ଗିରୀ ଗ୍ରାମ ମୁଣ୍ଡ ଦଣ୍ଡପୁର ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ପୋଲର ଉଭୟ ପାର୍ଶ୍ୱ ଧୋଇବା ସହ ରାସ୍ତାରେ ୧୦ ଫୁଟରୁ ଅଧିକ ଘାଇ ସୃଷ୍ଟି ହୋଇଛି। ଅନେକ ପଥଚାରୀ ଫସି ରହିଥିଲେ। ଟାଙ୍ଗିରୀ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ପଡ଼ିଛି। କାନ୍ତଲ ସୁଆଁ ବଲାଙ୍ଗୀସାହି ରାସ୍ତାରେ ବିରାଟ ଘାଇ ସୃଷ୍ଟି ହୋଇଛି। ରାସ୍ତା ଅପର ପାର୍ଶ୍ୱରେ ଥିବା ବଲାଙ୍ଗୀ ସାହି ପ୍ରାଥମିକ ବିଦ୍ୟାଳୟର ୨୭ ଜଣ ଛାତ୍ରଛାତ୍ରୀ ଓ ୨ ଜଣ ଶିକ୍ଷକ, ଜଣେ ପାଚିକା ଉକ୍ତ ସ୍ଥାନରେ ଫସି ରହିଥିଲେ। ଗ୍ରାମବାସୀଙ୍କ ଦ୍ୱାରା ସମସ୍ତେ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି। କାନ୍ତଲ ସୁଆଁ ମଧ ଇଂରାଜୀ ବିଦ୍ୟାଳୟ ମଧ ଜଳ ଘେରରେ ରହିଛି। ତେବେ ସନ୍ଧ୍ୟା ହୋଇ ଯାଇଥିବା ବେଳେ ଲୋକେ ସେମିତି ବିଭିନ୍ନ ସ୍ଥାନରେ ଫସି ରହିଥିବା ଅଭିଯୋଗ ହୋଇଛି। ପ୍ରଶାସନ ପକ୍ଷରୁ କୌଣସି ସହାୟତା ପ୍ରଦାନ କରା ଯାଇ ନଥିବା ଅଭିଯୋଗ ହୋଇଛି। ବିମଳାଠାରୁ କାଳିଆ ହତା ଓ ପୋଡାଙ୍ଗଠାରୁ କରମଙ୍ଗୀ ଦେଇ ପୁରୁଜୁଡ଼ା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଘାଇ ସୃଷ୍ଟି ହୋଇଥିବାରୁ ଉକ୍ତ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

## ବୈତରଣୀ ବନ୍ୟାରେ ରିଙ୍ଗ ରୋଡ ଘାଇ ସ୍ଥିତି ଅସମ୍ଭାଳ

ଆନନ୍ଦପୁର, ୧୪।୮ (ସମିସ): ଉପରମୁଣ୍ଡରେ ଲଗାତାର ବର୍ଷା ଯୋଗୁଁ ବୈତରଣୀ ନଦୀ ଜଳସ୍ତର ଆଜି ଦ୍ୱିତୀୟ ଦିନରେ ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଗତ ଜୁଲାଇ ବନ୍ୟାରେ ଆନନ୍ଦପୁର ରିଙ୍ଗ ରୋଡ ଘାଇ ମରାମତି ହୋଇ ପାରି ନଥିବାରୁ ଦ୍ୱିତୀୟ ବନ୍ୟାଜଳ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଆନନ୍ଦପୁରଠାରେ ରାତି ୮ଟା ସୁଦ୍ଧା ବୈତରଣୀ ନଦୀର ଜଳ ବିପଦସଂକେତ ଉପରେ ୩୯.୭୦୦ ମିଟରରେ ରହିଛି। ଏଠାରେ ସତର୍କ ସୂଚନା ୩୭.୪୪ ମିଟର ରହିଥିବାବେଳେ ବିପଦସଂକେତ ୩୮.୩୬୦ ମିଟର। ପାଟଣାରେ ବୈତରଣୀ ନଦୀର ଜଳସ୍ତର ସନ୍ଧ୍ୟା ୫ଟାରେ ୩୧.୨୩୦ ମିଟରରେ ପ୍ରବାହିତ ହେଉଥିଲା। ଏଠାରେ ବିପଦସଂକେତ ୩୧.୧୧୦ ମିଟର ରହିଛି।



## ଧୋଇଗଲା ରାଜନଗର-ସାହାରପଡ଼ା ରାସ୍ତା

ତୁରୁମୁଙ୍ଗା, ୧୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ସାହାରପଡା ରାସ୍ତାର ବୈତରଣୀ ପୋଲ ନିକଟରେ ରାସ୍ତା ଧୋଇ ନେଇଯିବାରୁ ଉକ୍ତ ରାସ୍ତାରେ ଗାଡି ଚଳାଚଳ ବ୍ୟାହତ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ରାଜନଗର ପୋଲଠାରୁ ପ୍ରାୟ ୮୦୦ ମିଟର ରାସ୍ତା ଜମି ବିବାଦ ଯୋଗୁଁ ହୋଇ ପାରିନାହିଁ। ଏବେ ଲଗାଣ ବର୍ଷାରେ ବିରାଟ ଘାଇ ଯୋଗୁଁ ଯିବା ଆସିବାରେ ବଡ଼ ସମସ୍ୟା ଦେଖାଦେଇଛି। ତୁରନ୍ତ ଉକ୍ତ ରାସ୍ତାର ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



## ସଂଗଠକ-ସମାଜସେବୀ ଈଶ୍ୱରଚନ୍ଦ୍ର ଦାଶଙ୍କ ପରଲୋକ

ତୁରୁମୁଙ୍ଗା, ୧୪।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଶିବନାରାୟଣପୁର ଗ୍ରାମର ବରିଷ୍ଠ ସାମାଜିକକର୍ମୀ, ପୂର୍ବତନ ପାଟଣା ଲ୍ୟାମ୍ପସ ସଭାପତି ତଥା ପୂର୍ବତନ ପାଟଣା ବଣିକ ସଂଘ ସଭାପତି ଈଶ୍ୱରଚନ୍ଦ୍ର ଦାଶ (୮୭)ଙ୍କ ଶୁକ୍ରବାର ସକାଳୁ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ବିଦ୍ୟାଧର ଦାଶ, ବଡପୁଅ ରଜତ, ସୁବ୍ରତ, ପୁତୁରା ବିବେକା, ଅରବିନ୍ଦ, ବୋହୂ, ଝିଅଙ୍କ ସହ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ବାସଭବନ ଲୋକାରଣ୍ୟ ହୋଇଥିଲା। ପାଟଣା ବାଜାରକୁ ବନ୍ଦ କରାଯାଇଥିଲା। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ସମାଜିକ କର୍ମୀ ଅଜୟ କୁମାର ଦାଶ, ମଦନ ମୋହନ ଦ୍ୱିବେଦୀ, ଶିକ୍ଷକ ନେତା କମଳାକାନ୍ତ ପତି, ପାଟଣା ସୁରକ୍ଷା ସମିତି ଆବାହକ ବିଜୟରତ୍ନ ପତି, କଂଗ୍ରେସ ନେତା ଇଂ ବିନୋଦ ନାଏକ, କଂଗ୍ରେସ୍ ନେତା ଲକ୍ଷ୍ମଣ ଦାଶ, କୈଳାସଚନ୍ଦ୍ର ବାରିକ, ବୁଲୁ ଭଞ୍ଜ, ସାମାଜିକ କର୍ମୀ ସନାତନ ଦାଶ, ଅଜିତ ଦାଶ, କୃଷ୍ଣଚନ୍ଦ୍ର ଦାଶ, ପର୍ଶୁରାମ ପଣ୍ଡା, ଶିବନାରାୟଣ ମିଶ୍ର, ପ୍ରମୋଦ ଭଞ୍ଜ, ବଳଭଦ୍ର କର, ବିଦ୍ୟାଧର ମହାନ୍ତ, ରାହାସ ବିହାରୀ ପୃଷ୍ଟି, ଦିନବନ୍ଧୁ ମିଶ୍ର, ଦୁର୍ଗାଚରଣ ନାୟକ, ଯୁଗୋଳ କିଶୋର ଦାଶ ଶୋକ ପ୍ରକାଶ କରିଛନ୍ତି। ପାଟଣା ବୈତରଣୀ କୂଳରେ ଶେଷକୃତ୍ୟ ସଂପନ୍ନ ହୋଇଛି। ବଡ଼ପୁଅ ରଜତ ଦାଶ ମୁଖାଗ୍ନି ଦେଇଥିଲେ।



## ବନ୍ୟା ବିପନ୍ନଙ୍କୁ ସହାୟତା

ଯୋଡ଼ା, ୧୪।୮ (ସମିସ): ବୁଧବାର ମଧ୍ୟରାତ୍ରିରୁ ଗୁରୁବାର ପ୍ରାୟ ୧ଟା ପର୍ଯ୍ୟନ୍ତ ଯୋଡ଼ା ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ସହରର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ୧୪ଟି ୱାର୍ଡ ବିଶିଷ୍ଟ ଯୋଡ଼ା ସହରର ଅନେକ ତଳିଆ ଅଞ୍ଚଳରେ ବର୍ଷାଜଳ ପଶିବାରୁ ଲୋକେ ଜଳବନ୍ଦି ଅବସ୍ଥାରେ ରହିଛନ୍ତି। ଏଭଳି ସମୟରେ ବନ୍ୟା ବିପନ୍ନଙ୍କ ପାଖରେ ପହଞ୍ଚିଛନ୍ତି ଚମ୍ପୁଆ ବିଧାୟକଙ୍କ ସମର୍ଥକ ଚତୁର୍ଭୁଜ ପଲେଇ, ରବିନାରାୟଣ ଦାସ ଓ ତାଙ୍କ ଟିମ। ଜଳବନ୍ଦୀ ଅଞ୍ଚଳଗୁଡ଼ିକର ଅନୁଧ୍ୟାନ କରିବା ସହ ବିପନ୍ନ ପରିବାରଗୁଡ଼ିକୁ ଆବଶ୍ୟକ ସହାୟତା ପ୍ରଦାନ କରାଯାଇଛି। ବିଧାୟକଙ୍କ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ଚୁଡ଼ା, ଚିନି, ଚା'ପତି, ବିସ୍କୁଟ, ମହମବତି ଓ ମଶାଧୂପ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଛି। ଯେଉଁ ପରିବାରଗୁଡ଼ିକର ଘରେ ବର୍ଷାଜଳ ପଶିବାରୁ ଆଶ୍ରୟ ନେବାର ସମସ୍ୟା ଦେଖାଦେଇଛି, ସେମାନଙ୍କୁ ଆବଶ୍ୟକ ସ୍ଥଳେ ପାଲ ମଧ ଯୋଗାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚମ୍ପୁଆ ବିଧାନସଭା କ୍ଷେତ୍ର ମଧ୍ୟରେ ଯୋଡ଼ା ଅଞ୍ଚଳ ବର୍ଷା ଓ ବନ୍ୟାଜନିତ ସମସ୍ୟା ପ୍ରତି ନଜର ରଖାଯାଉଛି। ପ୍ରବଳ ବର୍ଷା ପରେ ସହରର ଜଳବନ୍ଦି ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ବିପନ୍ନ ପରିବାରଙ୍କୁ ଆବଶ୍ୟକ ସହଯୋଗ ଜାରି ରଖିବାକୁ ବିଧାୟକଙ୍କ ସମର୍ଥକମାନେ ଉଦ୍ୟମ କରୁଛନ୍ତି।

## ଲୁଟ୍ ଅଭିଯୋଗରେ ଯୁବକ ଗିରଫ

ଯୋଡ଼ା, ୧୪।୮ (ସମିସ): ଟଙ୍କା ଦେବାକୁ ମନା କରିବାରୁ ଧାରୁଆ କଟୁରି ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ନଗଦ ଟଙ୍କା ଲୁଟ୍ କରିଥିବା ଅଭିଯୋଗରେ ଯୋଡ଼ା ପୁଲିସ ନେପାଳୀ ହଟିଂ ଅଞ୍ଚଳର ରୂପେଶ ନାଏକ ଓରଫ ଟିପିଲି (୨୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯୋଡ଼ା ପିଡବ୍ଲ୍ୟୁଡି କାର୍ଯ୍ୟାଳୟ ନିକଟସ୍ଥ ନେପାଳୀ ହଟିଂ ଅଞ୍ଚଳରେ ବିକି ମହାକୁଡ଼ଙ୍କୁ ଟିପିଲି ଟଙ୍କା ମାଗିଥିଲା। ମନା କରିବାରୁ ଅଭିଯୁକ୍ତ ଧମକ ଦେବା ସହ ତାଙ୍କ ସର୍ଟର ଉପର ପକେଟରୁ ୧,୭୫୦ ଟଙ୍କା ନେଇଯାଇଥିବା ଅଭିଯୋଗକାରୀ ପୁଲିସ ନିକଟରେ ଜଣାଇଥିଲେ। ଯୋଡ଼ା ପୁଲିସ ମାମଲା ରୁଜୁକରି ତଦନ୍ତ ସମୟରେ ରୂପେଶଠାରୁ ୧,୦୦୦ ଟଙ୍କା ନଗଦ ଉଦ୍ଧାର କରିବା ସହ ଗୋଟିଏ ଧାରୁଆ ଲୁହା କଟୁରିକୁ ଜବତ କରିଛି।




## ରାସ୍ତା ପାଇଁ ସ୍ଥାନାନ୍ତର ହେଲା ଗଛ



ତୁରୁମୁଙ୍ଗା, ୧୪।୮ (ସମିସ): ଗଛ ନକାଟି ରାସ୍ତା ନିର୍ମାଣ କରିବାର ଏକ ଅଭିନବ ପ୍ରୟାସ ହୋଇଛି। କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା-ଚମ୍ପୁଆ କେଟି ରୋଡ୍‌ର ନେଉଳିପଶି ନାଳର ନୂତନ ପୋଲ ନିର୍ମାଣ ପରେ ରାସ୍ତା ସମ୍ପ୍ରସାରଣ ପାଇଁ ରାସ୍ତାକଡ଼ର ବଡ଼ ବଡ଼ ଗଛଗୁଡ଼ିକୁ କାଟିବା ପରିବର୍ତ୍ତେ ମୂଳ ସହ ଉପାଡ଼ି ଅନ୍ୟତ୍ର ପୁନଃରୋପଣ କରାଯାଇଛି। ବନ ବିଭାଗ ଓ ପୂର୍ତ୍ତ ବିଭାଗର ମିଳିତ ଉଦ୍ୟମରେ ପ୍ରାୟ ୭ ବର୍ଷର ୭ଟି ମହାଲିମ୍ବ ଓ ୩ଟି ଜାମୁ ଗଛକୁ ନୂତନ ସ୍ଥାନରେ ରୋପଣ କରାଯାଇଛି। ଏହି ପଦକ୍ଷେପ ଫଳରେ ଗଛ କଟାକୁ ରୋକାଯିବା ସହ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ମଧ ସମ୍ଭବ ହୋଇପାରିଛି। ବୃକ୍ଷ ପୁନଃରୋପଣ ସମୟରେ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପୂର୍ତ୍ତ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ବୁଦ୍ଧିଆ ମାରାଣ୍ଡି ଓ ସହକାରୀ ଯନ୍ତ୍ରୀ କ୍ଷିତୀଶ ମହାନ୍ତଙ୍କ ସମେତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

## ବିଭିନ୍ନ ସ୍ଥାନରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ

# ଦେଶପ୍ରେମର ଭାବରେ ମୁଖରିତ ହେଲା ସହର, ଗାଁ



କେନ୍ଦୁଝର,୧୪।୮ (ସମିସ)

ସ୍ୱାଧୀନତା ଦିବସ ପାଳନର ଅବ୍ୟବହିତ ପୂର୍ବରୁ କେନ୍ଦୁଝର ଜିଲ୍ଲାର ପୁରପଲ୍ଲୀ ଦେଶପ୍ରେମର ଭାବରେ ଉତ୍ସବମୁଖର ହୋଇଉଠିଛି। 'ହର ଘର ତ୍ରିରଙ୍ଗା' ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରାକୁ ଜିଲ୍ଲାପାଳ ବିଶାଳ ସିଂହ ଶୁଭାରମ୍ଭ କରିଥିଲେ। ଷ୍ଟାଡିୟମରୁ ବାହାରି ଏହି ଯାତ୍ରା ସହରର ପ୍ରମୁଖ ଛକ ପରିକ୍ରମା କରିବା ସହ ଜନସାଧାରଣଙ୍କ ମଧ୍ୟରେ ଜାତୀୟତାବୋଧ ଓ ଦେଶପ୍ରେମର ବାର୍ତ୍ତା ବାଣ୍ଟିଥିଲା। ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମନ୍ଦରଧର ମହାଳିକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ, ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବହୁସଂଖ୍ୟକ ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ଅଂଶଗ୍ରହଣ କରିଥିଲେ।

ସେହିପରି କେନ୍ଦୁଝରର ସଖୀ ୱାନ୍ ଷ୍ଟପ୍ ସେଣ୍ଟର କର୍ମଚାରୀଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ନର୍ସ ସମୂହ, ସ୍ଥାନୀୟ ମହିଳଙ୍କ ମୋଟ ୨୫ ଜଣ ଅଂଶଗ୍ରହଣକାରୀ କେନ୍ଦ୍ର ପରିଚାଳିକା ସୁଜାତା ପାଢ଼ୀଙ୍କ ନେତୃତ୍ୱରେ ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇଥିଲେ। କେନ୍ଦୁଝରର ସଖୀ ୱାନ୍ ଷ୍ଟପ୍ ସେଣ୍ଟରଠାରୁ ଆରମ୍ଭ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଆଡକୁ ଅଗ୍ରସର ହୋଇଥିଲା।

ଅନ୍ୟପକ୍ଷରେ, ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି କେନ୍ଦୁଝର ପକ୍ଷରୁ ଶୁକ୍ରବାର ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାକୁ କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ ଉଦଘାଟନ କରିଥିଲେ। ଏନ୍‌ଏସ୍ ପୁଲିସ୍ ହାଇସ୍କୁଲର ଏନ୍‌ସିସି ଅଫିସର୍ ବିଜୟ ବେହେରା ଏବଂ ପିଏମ୍‌ଶ୍ରୀ ଡିଏନ୍. ହାଇସ୍କୁଲ ଏନ୍‌ସିସି ଅଫିସର୍ ସୁରେନ୍ଦ୍ର ପଇଡାଙ୍କ ତତ୍ତ୍ୱାବଧାନରେ ଧରଣୀଧର ବିଶ୍ୱବିଦ୍ୟାଳୟ, ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପଦ୍ମପୁର, ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, ଏନ୍‌ଏସ୍ ପୁଲିସ୍ ହାଇସ୍କୁଲ, ପିଏମ୍‌ଶ୍ରୀ ଡିଏନ୍ ହାଇସ୍କୁଲ, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରାୟ ୨୦୦ କ୍ୟାଡେଟ୍ ହାତରେ ଜାତୀୟ ପତାକା ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଧରଣୀଧର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏକ ବିଶାଳ ସାଇକଲ ରାଲି ବଳଦେବଜୀଉ ମନ୍ଦିର ନିକଟରୁ ବାହାରି ଧରଣୀଧର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ହୋଇଥିଲା। ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି ପିଆଇ. ଷ୍ଟାଫ ସହଯୋଗ କରିଥିଲେ।

**ବଡ଼ବିଲ:** କେନ୍ଦୁଝର ଜିଲ୍ଲା ବଡବିଲ ପୌରାଞ୍ଚଳରେ ଏହି ଶୋଭାଯାତ୍ରା ବିକାଶମହଲଠାରୁ ବାହାରି ବସ୍ତିଛକ, ଭୋଲା ଗ୍ୟାରେଜ ଛକ ବାଟାଛକ ପରିକ୍ରମା କରିଥିଲା। ପୁଲିସ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଥାନାଧିକାରୀ ଅଶୋକ ନାୟକ, ପୌର କାର୍ଯ୍ୟନିର୍ବାହୀ ରମେଶଚନ୍ଦ୍ର ନାୟକ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, ବିଧାୟକ ପ୍ରତିନିଧି ମୋହନ ଗୁପ୍ତା, କାଉନସିଲର ଧର୍ମେନ୍ଦ୍ର ମହାନ୍ତ, ପାୟଲ ଦେବଗନ୍, ପରିଷଦର କର୍ମଚାରୀ ମୁଖ୍ୟ କିରାଣି ରାଜେନ୍ଦ୍ର ସିଂ, ଗୋଷ୍ଠୀ ସଂଯୋଜିକା ସୁପ୍ରଭା ପାଣିଗ୍ରାହୀ, ବିଜୟ ବେହୁରିଆ, ରାକେଶରଶ୍ମି ସାହୁ, ଆଶିଷ ମହାନ୍ତି, ରାଜେନ୍ଦ୍ର ଦାସ, ଅଭିଷେକ ନାୟକ, କୀର୍ତ୍ତନ ମହାକୁଡ଼, ତୁଷାର ନାଏକ, ହରିଶ୍ଚନ୍ଦ୍ର ସ୍ୱାଇଁ, ଦଲଜିତ୍ ସିଂ, ପର୍ବେଜ ଅଖତରଙ୍କ ସହିତ ଜାତୀୟ ଦିବସ ପାଳନ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱଚ୍ଛ ସାଥୀ ଓ ବିଭିନ୍ନ ଘରୋଇ କମ୍ପାନୀର କର୍ମକର୍ତ୍ତା, ସ୍ଥାନୀୟ ଅଞ୍ଚଳବାସୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ଥିଲେ।





**ତେଲକୋଇ:** ଚାରିଗଡ଼ ମହାବିଦ୍ୟାଳୟ ଆନୁକୂଲ୍ୟରେ ମହାବିଦ୍ୟାଳୟରେ ସ୍ୱାଧୀନତା ଦିବସ ଅବସରରେ ଘରେ ଘରେ ତ୍ରିରଙ୍ଗା ଅଭିଯାନ ଅନ୍ତର୍ଗତ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧିକାରୀ ପାର୍ବତୀ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକଅଧ୍ୟାପିକା ତଥା କର୍ମଚାରୀବୃନ୍ଦ ଦେଶପ୍ରୀତି, ମାତୃଭାଷା ସୁରକ୍ଷା ପାଇଁ ସଂକଳ୍ପ ବଦ୍ଧ ହୋଇଥିଲେ।

**ଆନନ୍ଦପୁର:** ବିଜେପି ଦେଓଗାଁ ମଣ୍ଡଳ ପକ୍ଷରୁ ଏକ ଭବ୍ୟ 'ତ୍ରିରଙ୍ଗା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବାଇଧର ଚିହ୍ନାଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରାରେ ଶତାଧିକ ମହିଳା, ଯୁବକ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ପଦଯାତ୍ରା ଶୁଭାରମ୍ଭ ହେବା ପୂର୍ବରୁ ଖଲଣା ଛକଠାରେ ଥିବା ବୀର ସହିଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ଅମର ବଳିଦାନକୁ ସ୍ମରଣ କରାଯାଇଥିଲା। ଏହାପରେ ଦଳୀୟ କାର୍ଯ୍ୟକର୍ତ୍ତାମାନେ ହାତରେ ଜାତୀୟ ପତାକା ତ୍ରିରଙ୍ଗା ଧରି ଖଲଣା ଛକରୁ ସାଇଁକୁଳ ବଜାର ପର୍ଯ୍ୟନ୍ତ ଏକ ଶୃଙ୍ଖଳିତ ଶୋଭାଯାତ୍ରାରେ ବାହାରିଥିଲେ। ଜିଲ୍ଲା ସମ୍ପାଦିକା ଯଶସ୍ୱିନୀ ବଳ ଏବଂ ସମ୍ପାଦକ ଦୀପକ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମଣ୍ଡଳ ସଧାରଣ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ଓ ପ୍ରମୋଦ ପରିଡ଼ା ସହଯୋଗ କରିଥିଲେ। ସେହିପରି ମଣ୍ଡଳ ମହିଳା ମୋର୍ଚ୍ଚା ସଭାପତି ସନ୍ଧ୍ୟାରାଣୀ ଦାସ ଏବଂ ଯୁବମୋର୍ଚ୍ଚା ନେତା ଲିଟୁ ସାହୁଙ୍କ ସମେତ ବହୁ ସଂଖ୍ୟାରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

**ତୁରୁମୁଙ୍ଗା:** ତୁରୁମୁଙ୍ଗା ଶକ୍ତିକେନ୍ଦ୍ର ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ପଦଯାତ୍ରା ଓ ବାଇକ୍ ରାଲି ଆୟୋଜିତ ହୋଇଥିଲା। ହାତରେ ତ୍ରିରଙ୍ଗା ଧରି ବହୁ ସଂଖ୍ୟାରେ କାର୍ଯ୍ୟକର୍ତ୍ତା ପଦଯାତ୍ରାରେ ସାମିଲ ହୋଇ ଦେଶଭକ୍ତିର ବାର୍ତ୍ତା ଦେଇଥିଲେ। ସରପଞ୍ଚ ସୁଲେଖା ନାଏକ, ଶକ୍ତି କେନ୍ଦ୍ର ପ୍ରମୁଖ ନାଗେଶ୍ୱର ମହାରଣା, ସହ ପ୍ରମୁଖ ବରୁଣ ସାହୁ, କେନ୍ଦେଇପଶି ମଣ୍ଡଳର ସାଧାରଣ ସମ୍ପାଦକ ତପନ ସାହୁଙ୍କ ସମେତ ସଲିଲ ସାହୁ, ହୃଷୀକେଶ ସାହୁ, ଇନ୍ଦ୍ରଜିତ୍ ସାହୁ ଓ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ପରେ କାର୍ଯ୍ୟକର୍ତ୍ତାମାନେ ବାଇକ୍ ରାଲିରେ ମଧ ସାମିଲ ହୋଇଥିଲେ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ବାର୍ଦ୍ଧିଦିନର ସମସ୍ୟା ସମାଧାନ ହେବ।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାମଲାମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାମୁକ୍ତ ରହିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝିଙ୍କାଓଟରା ଦେଖା ଦେବ।

**ମକର:** ଆଣୁଚାରି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ ହେବ।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୭୨- ମହାନ୍ ଦାର୍ଶନିକ ଶ୍ରୀ ଅରବିନ୍ଦଙ୍କ ଜନ୍ମ।
- ୧୯୪୨- ଭାରତର ମହାନ୍ କ୍ରାନ୍ତିକାରୀ ମହାଦେବ ଦେଶାଇଙ୍କ ପରଲୋକ।
- ୧୯୪୭- ବ୍ରିଟିଶ୍ ଶାସନରୁ ଭାରତ ସ୍ୱାଧୀନ ହେଲା।
- ୧୯୭୨- ଭାରତୀୟ ଡାକ ବିଭାଗ ପକ୍ଷରୁ ପିନ୍‌କୋଡ୍ ଲାଗୁ କରାଗଲା।
- ୧୯୭୯- ଫରିଦାବାଦ ହରିଆନାର ୧୨ତମ ଜିଲ୍ଲା ହେଲା।
- ୨୦୦୭- ପେରୁରେ ଆସିଥିବା ଶକ୍ତିଶାଳୀ ଭୂମିକମ୍ପ ଯୋଗୁ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପ୍ରାଣହାନି।



# ୧୭ ବର୍ଷ ପରେ ପୁଣି ଏକାଠି ଅକ୍ଷୟ-ବିପୁଲ

ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବେ ପୁଣି ଥରେ ତାଙ୍କର ଏକ ଫିଲ୍ମକୁ ନେଇ ଚର୍ଚ୍ଚାକୁ ଆସିଛନ୍ତି। ଅକ୍ଷୟ ତାଙ୍କର ଆଗାମୀ ଫିଲ୍ମ 'ଅମ୍ବକ' ପାଇଁ ଏବେ ଚର୍ଚ୍ଚାରେ। ଏଲିଅନ୍ ପୃଷ୍ଠଭୂମିରେ ନିର୍ମିତ ଏହି ଫିଲ୍ମର ସୁଟିଂ ଅଗଷ୍ଟ ୨୩ରୁ ଲଣ୍ଡନରେ ଆରମ୍ଭ ହେବାକୁ ଯାଉଛି। ପ୍ରଯୋଜକ ବିପୁଲ ଅମୃତଲାଲ ଶାହା ଏବଂ ଅକ୍ଷୟ କୁମାର ଏହି ଫିଲ୍ମ ମାଧ୍ୟମରେ ପ୍ରାୟ ୧୭ ବର୍ଷ ପରେ ପୁଣି ଏକାଠି କାମ କରୁଛନ୍ତି। ବିପୁଲ ପୂର୍ବରୁ ମଧ୍ୟ ଅକ୍ଷୟଙ୍କ ସହ 'ଆଁଖେ', 'ନମସ୍ତେ ଲଣ୍ଡନ', 'ସିଂ ଇଜ୍ କିଙ୍ଗ' ଏବଂ 'ଆକ୍ସନ୍ ରିପ୍ଲେ' ଫିଲ୍ମରେ କାମ କରିଛନ୍ତି। ଏହି ନୂଆ ଫିଲ୍ମରେ ଅକ୍ଷୟ ଏଭଳି ଏକ ଚରିତ୍ରରେ ନଜର ଆସିବେ, ଯାହା ଭାରତୀୟ ସିନେମାରେ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଫିଲ୍ମର କାହାଣୀ ଜଣେ ସାଧାରଣ ମଣିଷକୁ ନେଇ ଗତିଶୀଳ ହେବ। ସେ ହଠାତ୍ ଏଭଳି ଏକ ପରିସ୍ଥିତିରେ ଫସିଯାଉଛନ୍ତି, ଯେଉଁଠି ତାଙ୍କର ସାମ୍ନା ଏକ ଅଜଣା ଗ୍ରହର ଜୀବ ସହିତ ହେଉଛି। ଏହି ଫିଲ୍ମରେ ଏଲିଅନ୍‌କୁ ଅତ୍ୟନ୍ତ ହିଂସ୍ର ଓ ମାରାତ୍ମକ ଜୀବ ଭାବେ ଦେଖାଯିବ। ସେହି ଅଦୃଶ୍ୟ ବିପଦ କବଳରୁ ନିଜକୁ ଏବଂ ନିଜର ଆପଣାର ଲୋକଙ୍କୁ ବଞ୍ଚାଇବା ପାଇଁ ଅକ୍ଷୟ କିଭଳି ସଂଘର୍ଷ କରୁଛନ୍ତି, ତାହା ହିଁ ଏହାର ମୂଳ କାହାଣୀ। ଫିଲ୍ମର ସୁଟିଂର ପ୍ରାୟ ୯୦ ପ୍ରତିଶତ ଭାଗ ଲଣ୍ଡନରେ ହେବ। ବାକି ଅଂଶର ସୁଟିଂ ମୁମ୍ବାଇରେ କରାଯିବ। ଏହାର ନିର୍ଦ୍ଦେଶନା ଦେଉଛନ୍ତି କନିଷ୍କ ବର୍ମା। ଏହି ପ୍ରୋଜେକ୍ଟରେ ଆନ୍ତର୍ଜାତୀୟ ବୈଷୟିକ ବିଶେଷଜ୍ଞଙ୍କ ଏକ ଟିମ୍‌କୁ ମଧ୍ୟ ସାମିଲ କରାଯାଇଛି। ଏଲିଅନ୍ ଚରିତ୍ର ଡିଜାଇନ୍ ପାଇଁ ଓସ୍କାର ନୋମିନେଟେଡ୍ ଏଜେନ୍ସି ଗିଲିସ୍ ଏବଂ ଆକ୍ସନ୍ ପାଇଁ ହଲିଉଡ୍‌ର ଷ୍ଟଣ୍ଟ କୋଅର୍ଡିନେଟର ଲୁକ୍ ଟେମ୍ପ୍ଲକୁ ସାମିଲ କରାଯାଇଛି। ଏହି ଫିଲ୍ମ କେବଳ ଅକ୍ଷୟଙ୍କ ପାଇଁ ଏକ ନୂଆ ଚ୍ୟାଲେଞ୍ଜ ନୁହେଁ, ବରଂ ଦର୍ଶକଙ୍କୁ ମଧ୍ୟ ଏକ ନୂଆ ଅନୁଭୂତି ପ୍ରଦାନ କରିବ। ଅକ୍ଷୟଙ୍କ କାମ କଥା କହିବାକୁ ଗଲେ ସେ ଆର୍. ଡି. ବର୍ମନଙ୍କ ବାୟୋପିକ୍ ଫିଲ୍ମ ଏବଂ 'ଗୋଲମାଲ ୫'ରେ ନଜର ଆସିବେ। ଏହା ବ୍ୟତୀତ, ତାଙ୍କ ଫିଲ୍ମ 'ହୈୱାନ୍' ସେପ୍ଟେମ୍ବର ୧୧ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବାକୁ ଯାଉଛି, ଯେଉଁଥିରେ ସେ ଏକ ନକାରାତ୍ମକ ଚରିତ୍ରରେ ନଜର ଆସିବେ।




# ଅବସାଦ ପାଇଁ ୨୫୮ କୋଟି ଟଙ୍କାର ସପିଙ୍ଗ୍

ମାନସିକ ଚାପ ବା ଅବସାଦକୁ ଦୂରେଇ ଦେବା ପାଇଁ କିଏ ଯୋଗ, ପ୍ରାଣାୟମ ଆଦି କରେ ତ ପୁଣି କିଏ ପୁଣି ପ୍ରକୃତିର କୋଳରେ ବା ଗଛଲତାଙ୍କ ସହ ରହି ମନକୁ ଶାନ୍ତ ରଖିବାକୁ ଚେଷ୍ଟା କରେ। ହେଲେ ଜାପାନର ଜଣେ ମହିଳା ଅବସାଦ କମ୍ କରିବା ପାଇଁ ୨୫୮ କୋଟି ଟଙ୍କାର ଅନଲାଇନ୍ ଅର୍ଡର କରି ସଭିଙ୍କୁ ଚକିତ କରିଛନ୍ତି। ମାୟୁ ୟୋଶିଦା ନାମ୍ନୀ ଏହି ୩୨ ବର୍ଷୀୟା ମହିଳା ଜଣକ ଏକ ରେଷ୍ଟୋରାଁରେ କାର୍ଯ୍ୟ କରନ୍ତି। ସେ ଅନ୍‌ଲାଇନ୍‌ରେ ଜିନିଷ ଅର୍ଡର କରିବା ସତ୍ତ୍ୱେ ଏହାକୁ କେବେ ଗ୍ରହଣ କରୁ ନ ଥିଲେ। ମାୟୁ ଏଥିପାଇଁ ଜାପାନର ପ୍ରସିଦ୍ଧ ପବ୍ଲିସିଂ ହାଉସ୍ 'ଶୁଏସା'ର ଅନ୍‌ଲାଇନ୍ ଷ୍ଟୋର୍ 'ଜମ୍ପ୍ କ୍ୟାରେକ୍ଟର୍ସ ଷ୍ଟୋର୍'କୁ ଟାର୍ଗେଟ୍ କରିଥିଲେ। ସେ ସେଠାରୁ ବହୁ ପରିମାଣର ଖେଳନା, ଚିତ୍ର ଏବଂ ପ୍ରସିଦ୍ଧ ଆନିମେ ସିରିଜ୍‌ର ସାମଗ୍ରୀ ଅର୍ଡର କରୁଥିଲେ। ସେ ପ୍ରାୟ ଦୁଇ ବର୍ଷ ମଧ୍ୟରେ ୨,୦୦୦ ରୁ ଅଧିକ ଥର ଅର୍ଡର କରିଥିଲେ। ଏହି ସବୁ ଅର୍ଡରର ମୋଟ ମୂଲ୍ୟ ପ୍ରାୟ ୨୫୮ କୋଟି ଟଙ୍କା ଥିଲା। କମ୍ପାନି ଯେମିତି ତାଙ୍କୁ ଚିହ୍ନି ନ ପାରିବ, ସେଥିପାଇଁ ସେ ୨୩୮ ଟି ନକଲି ଆକାଉଣ୍ଟ ଏବଂ ନକଲି ନାଁ ବ୍ୟବହାର କରିଥିଲେ। ସେ ସାମଗ୍ରୀ ଅର୍ଡର କରିବାବେଳେ କ୍ୟାଶ ଅନ୍ ଡେଲିଭରି ବିକଳ୍ପ ବାଛୁଥିଲେ। ଯେତେବେଳେ ଡେଲିଭରି ବୟ ସାମଗ୍ରୀ ନେଇ ତାଙ୍କ ଘରକୁ ଆସୁଥିଲା, ସେ ପାର୍ସଲ ଗ୍ରହଣ କରିବାକୁ ଏବଂ ଟଙ୍କା ଦେବାକୁ ସିଧା ମନା କରିଦେଉଥିଲେ। କିଛି ଅର୍ଡରରେ ସେ ଦୋକାନରେ ଯାଇ ପଇସା ଦେବାର ବିକଳ୍ପ ବାଛୁଥିଲେ, କିନ୍ତୁ ସମୟ ସୀମା ମଧ୍ୟରେ ଟଙ୍କା ଜମା କରୁନଥିଲେ, ଯାହାଫଳରେ ଅର୍ଡରଗୁଡ଼ିକ ଆପେ ଆପେ ରଦ୍ଦ ହୋଇଯାଉଥିଲା। ଏହାପରେ କମ୍ପାନି ପକ୍ଷରୁ ମହିଳାଙ୍କ ନାଁରେ ଥାନାରେ ଏତଲା ଦିଆଯାଇଥିଲା। ଯଦିଓ ମହିଳା ଜଣକ କୌଣସି ଜିନିଷ ଚୋରି କରିନାହାନ୍ତି, ତଥାପି ଏତେ ବଡ଼ ପରିମାଣର ପାର୍ସଲ ପଠାଇବା ଏବଂ ସେଗୁଡ଼ିକ ଫେରିବା ଯୋଗୁଁ କମ୍ପାନିର ପ୍ୟାକେଜିଂ ଏବଂ ଡେଲିଭରି ବାବଦରେ କମ୍ପାନିର ପ୍ରାୟ ୪୦ ଲକ୍ଷରୁ ଅଧିକ ଟଙ୍କା ନଷ୍ଟ ହୋଇଛି। ଅପରପକ୍ଷରେ ପୋଲିସ ଜେରା ବେଳେ ମହିଳା ଜଣକ କହିଛନ୍ତି ଯେ, ଦୈନନ୍ଦିନ ଜୀବନର ମାନସିକ ଚାପ ଓ ଅବସାଦରୁ ମୁକ୍ତି ପାଇବା ପାଇଁ ସେ ଏପରି କରୁଥିଲେ। କେବଳ ଅନ୍‌ଲାଇନ୍ କାର୍ଟରେ ଜିନିଷ ରଖି ଅର୍ଡର ହେବାର ଦେଖିଲେ ତାଙ୍କ ମନକୁ ଶାନ୍ତି ଓ ସନ୍ତୋଷ ମିଳୁଥିଲା ବୋଲି ମାୟୁ କହିଛନ୍ତି।

# କେଶର ଲମ୍ବ ଆଠଫୁଟ ଦଶ ଇଞ୍ଚ

ଉତ୍ତରାଖଣ୍ଡର ହଲଦ୍ୱାନୀ ବାସିନ୍ଦା ରେଣୁ ଧରିୟାଲଙ୍କ କେଶର ଲମ୍ବ ୮ ଫୁଟ ୧୦ ଇଞ୍ଚ। ଏବେ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସବୁଠାରୁ ଲମ୍ବା କେଶ ଥିବା ଜୀବିତ ମହିଳା ଭାବେ ସ୍ଥାନ ପାଇଛନ୍ତି। ସେ ୟୁକ୍ରେନର ଆଲିଆ ନାସିରୋଭାଙ୍କ ପୂର୍ବ ରେକର୍ଡକୁ ଭାଙ୍ଗି ଏହି ସଫଳତା ହାସଲ କରିଛନ୍ତି। ଆଲିଆଙ୍କ କେଶର ଲମ୍ବ ୮ ଫୁଟ ୫ ଇଞ୍ଚ ଥିଲା। ଭାରତୀୟ ସଂସ୍କୃତି ଓ ପରମ୍ପରାରୁ ପ୍ରେରିତ ହୋଇ ରେଣୁ ୨୦୧୫ ମସିହା ପରଠାରୁ କେବେବି ନିଜ କେଶ କାଟିନାହାନ୍ତି। ସେ ଚାଲିବା ସମୟରେ ତାଙ୍କ କେଶ ମାଟିକୁ ଛୁଇଁଥାଏ ଏବଂ ଏହାକୁ ସମ୍ଭାଳିବା ପାଇଁ ସେ ବଡ଼ ବେଣୀ କରନ୍ତି। ରେଣୁ ତାଙ୍କ କେଶର ଯତ୍ନ ନେବା ପାଇଁ କୌଣସି ଦାମୀ ପାର୍ଲରର ଟ୍ରିଟମେଣ୍ଟ ବା କେମିକାଲ୍ ଯୁକ୍ତ ପ୍ରଡକ୍ଟ ବ୍ୟବହାର କରନ୍ତି ନାହିଁ। ସେ ସମ୍ପୂର୍ଣ୍ଣ ରୂପେ ପାରମ୍ପରିକ ଏବଂ ପ୍ରାକୃତିକ ଉପାୟ ଆପଣାନ୍ତି। ସେ କେବଳ ନିଜ ହାତରେ ପ୍ରସ୍ତୁତ କରିଥିବା କେମିକାଲ୍-ମୁକ୍ତ ଘରୋଇ ହେୟାର୍ ଅଏଲ୍ ଏବଂ ସାମ୍ପୁ ବ୍ୟବହାର କରନ୍ତି। ଏତେ ଲମ୍ବା କେଶକୁ ଧୋଇବା, ଶୁଖାଇବା ଏବଂ ଜଟ ଛଡ଼ାଇବା ପାଇଁ ତାଙ୍କୁ ପ୍ରତିଥର ଘଣ୍ଟା ଘଣ୍ଟା ସମୟ ଲାଗିଥାଏ। ରେଣୁ ଜଣେ ୟୁଟ୍ୟୁବର୍ ଏବଂ କଣ୍ଟେଣ୍ଟ କ୍ରିଏଟର୍ ମଧ୍ୟ। ସେ ନିଜ ସୋସିଆଲ୍ ମିଡିଆ ଓ ୟୁଟ୍ୟୁବ୍ ଚ୍ୟାନେଲ୍ ମାଧ୍ୟମରେ ଘରୋଇ ଉପାୟରେ ସାମ୍ପୁ ଓ ତେଲ ତିଆରି କରିବାର କୌଶଳ ଶିଖାଇଥାନ୍ତି।





# ସପନ କରିବି ସତ


ନଗେନ୍ଦ୍ରନାଥ ପଟ୍ଟନାୟକ

ଦିଅ ମା' ମତେ ତିରଙ୍ଗା ପତାକା
ଉଡ଼େଇବି ଫର୍ ଫର୍
ଭାରତମାତାର ଗରିମା ଗରବ
ବଢ଼ାଇବି ନିରନ୍ତର ॥
ବାଛି ସତପଥ, ବରଜି କୁପଥ
ରଖିବି ଦେଶର ଟେକ
ଶ୍ରମ-ସାହସରେ କାମ କରୁଥିବି
ସାଜି କୁନି ସଇନିକ ॥
ପଢ଼ାଲେଖା ଶିଖି ବୀରଯୋଦ୍ଧା ବନି
ସପନ କରିବି ସତ
ମା' ତୋର ଏଇ ଧରଣୀ କୋଳରେ
ସଚା, ଲଢ଼ୁଆ ସୁତ ॥
ଅନନ୍ତ ସୁନୀଳ ଆକାଶ ଛାତିରେ
ଉଡ଼ିବ ତିରଙ୍ଗା ଯେବେ
ଭାରତବାସୀଙ୍କ ମନରେ ଜାଗିବ
ଦେଶଭକ୍ତି ଭାବ ସେବେ ॥
ଫିରଙ୍ଗୀ କବଳୁ ଦେଶ ସିନା ମୁକ୍ତ
ହାତରେ ଶାସନ ଡୋରି
ଆଗେଇ ନେବିଟି ଡିଜିଟାଲ ଭାରତ
ସଠିକ୍ ମାର୍ଗକୁ ଧରି ॥
ଦେଶହିତ କାମେ ଲଗାଇବି ମୁଁ ଇଣ୍ଟରନେଟକୁ ବାଗେ
ଦେବିନିଟି କେବେ ଖରାପ ଖବର
ପ୍ରସାର ହେବାକୁ ଆଗେ ॥

ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ଼
ଭୁବନେଶ୍ୱର

# ସ୍ମୃତିର ଦିନ


ପ୍ରଶାନ୍ତ କୁମାର ସାହୁ

ଅଗଷ୍ଟ ମାସର ପନ୍ଦର ତାରିଖ
ସ୍ମୃତି ଦିନ ଭାରତର,
କେତେ କଷ୍ଟ ସହି ଫିରିଙ୍ଗି କବଳୁ
ପାଇଲା ମୁକତି ତା'ର।
ବାଜା ତାଳେ ତାଳେ ନାଚ ଗୀତ ସୁରେ
ପାଳିଲା ସ୍ମୃତିର ଦିନ,
ପଲ୍ଲୀ ଠାରୁ ଦିଲ୍ଲୀ ଦିଲ୍ଲୀ ଠାରୁ ପଲ୍ଲୀ
ଖୁସିରେ ମଜ୍ଜିଲେ ଜନ।
ବିଦ୍ୟାଳୟ ଠାରୁ ପାର୍ଲାମେଣ୍ଟ ଯାଏ
ଉଡ଼ିଲା ତ୍ରିରଙ୍ଗା କେତ,
କାଶ୍ମୀର ଠାରୁ ସେ କୁମାରୀକା ଯାଏ
ଦେଲା ବିଜୟ ସଙ୍କେତ।
ଜାତି ଧର୍ମ ଭୁଲି ତ୍ରିରଙ୍ଗାର ତଳେ
ହେଲେ ସର୍ବେ କୋଳାକୋଳି,
ଜାତିର ଉନ୍ନତି ଦେଶ ଅଗ୍ରଗତି
ଏଇ କଥା ମନେ ଭାଳି।
କରିଲେ ଶପଥ ଦେଶର ମହତ
ରଖିବେ ଜୀବନ ଦେଇ,
ପରସ୍ପର ମଧ୍ୟେ ମିଷ୍ଟାନ୍ନ ଭୋଜନେ
ଦିନଟି ଦେଲେ ବିତାଇ।

ଇନ୍ଦିପୁର, ଚନ୍ଦନମଣ୍ଡପ ସାହି,
ଢେଙ୍କାନାଳ

# ସେଇ ମୋ ଭାରତ ଭୂଇଁ


ସୁହଂସ ଭୋଇ

ବଙ୍ଗୋପସାଗର ଛୁଇଁଛି ପୟର
ପୁଣ୍ୟ ଗଙ୍ଗା ବହେ ଯହିଁ
ଶୋଭା ପାଏ ଯା'ର ଶିରେ ଗିରିବର
ସେଇ ମୋ ଭାରତ ଭୂଇଁ
ତରୁଲତା ଭରା ସବୁଜ ବନାନୀ
ମଧୁର ଝରଣା ପାଣି
ମୃଦୁ ମୃଦୁ ତା'ର ଶୀତଳ ପବନ
ସୁଆଦିଆ ଲାଗେ ପୁଣି
ଜନମିଲେ କେତେ ଏଇ ମୋର ଦେଶେ
ସାଧୁ ସନ୍ଥ ଯୋଗୀ ମୁନି
ବିଚାର ଆଚର ରହିଛି ଅମର
ତାଙ୍କର ମହତ ବାଣୀ
ଗାନ୍ଧୀ ଗୋପବନ୍ଧୁ ଜନମ ଯେଉଁଠି
ସେ'ତ ଏ ପବିତ୍ର ମାଟି
ସାହସୀ ସୁଭାଷ ବୀର ସୁରେନ୍ଦ୍ରର୍
ଯଶ ରଖିଗଲେ ଏଠି
କଥା କହେ ତାର କଳା କାରିଗରୀ
କୋଣାର୍କ ଯା'ର ସାକ୍ଷୀ
ତାଜମହଲର ଚାରୁ ଚିତ୍ରପଟ
ଦେଖି ଆଖି ଯାଏ ଲାଖି
ଜାତି ଧର୍ମ ଭୁଲି ଏକାଠି ରଖିଛି
ଭେଦଭାବ ଜମା ନାହିଁ
ଏ ପୁଣ୍ୟ ମାଟିରେ ଜନମ ଲଭିଛି
ବଡ଼ ଭାଗ୍ୟବାନ ମୁହିଁ

ପହଣ୍ଡି, ବିଜେପୁର, ବରଗଡ଼









# ତ୍ରିରଙ୍ଗା ମୋ ଗର୍ବ


ସୁବ୍ରତ କୁମାର ଦାସ

ସକାଳୁ ସକାଳୁ ମିଟୁର ଆଖି ଖୋଲିଗଲା। ଝରକା ପାଖକୁ ଯାଇ ଦେଖିଲା, ଆକାଶଟା ନୀଳ ନୀଳ ଦିଶୁଛି। ଗାଁ ଦାଣ୍ଡରେ କିଛି ପିଲା ହାତରେ ଛୋଟ ଛୋଟ ତ୍ରିରଙ୍ଗା ଧରି ଦୌଡ଼ୁଛନ୍ତି। ମାଆ, ମାଆ! ଆଜି କ'ଣ ହେବ? ମିଟୁ ଉତ୍ସାହରେ ପଚାରିଲା। ମାଆ ହସି କହିଲେ, ଆଉ ଦୁଇଦିନ ପରେ ସ୍ୱାଧୀନତା ଦିବସ। ତୋ ସ୍କୁଲରେ ମଧ୍ୟ କାର୍ଯ୍ୟକ୍ରମ ହେବ ନା! ମିଟୁ ଖୁସିରେ ଡେଇଁ ପଡ଼ିଲା। ତା'ର ମନରେ ଗୋଟିଏ ପ୍ରଶ୍ନ ଘୁରି ବୁଲୁଥିଲା- ତ୍ରିରଙ୍ଗାକୁ ସମସ୍ତେ ଏତେ ଭଲ କାହିଁକି ପାଆନ୍ତି? ସନ୍ଧ୍ୟାରେ ମିଟୁ ଜେଜେବାପାଙ୍କ ପାଖରେ ବସିଲା। ଜେଜେବାପା ବାରଣ୍ଡାରେ ବସି ଖବରକାଗଜ ପଢ଼ୁଥିଲେ। ମିଟୁ ପଚାରିଲା, ଜେଜେବାପା, ଆମ ଜାତୀୟ ପତାକାକୁ ତ୍ରିରଙ୍ଗା କାହିଁକି କୁହାଯାଏ? ଜେଜେବାପା ଖବରକାଗଜଟିକୁ ତଳେ ରଖି ହସିଲେ। କାରଣ ଏଥିରେ ତିନୋଟି ରଙ୍ଗ ଅଛି - ନାରଙ୍ଗୀ, ଧଳା ଓ ସବୁଜ। ଆଉ ମଝିରେ ଅଛି ନୀଳ ରଙ୍ଗର ଅଶୋକ ଚକ୍ର। ମିଟୁ ଆଶ୍ଚର୍ଯ୍ୟରେ ପଚାରିଲା, ଏହି ରଙ୍ଗଗୁଡ଼ିକ କ'ଣ କହନ୍ତି? ଜେଜେବାପା କହିଲେ, ନାରଙ୍ଗୀ ରଙ୍ଗ ଆମକୁ ସାହସ ଓ ତ୍ୟାଗର କଥା ମନେ ପକାଏ। ଧଳା ଆମକୁ ଶାନ୍ତି ଓ ସତ୍ୟର ବାଟ ଦେଖାଏ। ସବୁଜ ଆମକୁ ପ୍ରକୃତି, ଉନ୍ନତି ଓ ସମୃଦ୍ଧିର ସ୍ୱପ୍ନ ଦେଖାଏ। ଆଉ ଅଶୋକ ଚକ୍ର କହେ- ଜୀବନର ଚକ ଯେମିତି ସବୁବେଳେ ଘୂରେ, ଆମେ ମଧ୍ୟ ସବୁବେଳେ ଆଗକୁ ବଢ଼ିବା। ମିଟୁ ଚୁପ୍‌ଚାପ୍ ତ୍ରିରଙ୍ଗାକୁ ଚାହିଁ ରହିଲା। ପୁଣି ପଚାରିଲା, ଜେଜେବାପା, ତ୍ରିରଙ୍ଗା ତଳେ ଆମେ କ'ଣ ଶପଥ ନେବା? ଜେଜେବାପା ତା'ର ମୁଣ୍ଡରେ ହାତ ରଖି କହିଲେ, ଭଲ ପାଠ ପଢ଼ିବା, ସତ କହିବା, ଅନ୍ୟକୁ ସାହାଯ୍ୟ କରିବା, ଦେଶକୁ ସଫା ରଖିବା, ଗଛ ଲଗାଇବା ଓ ସମସ୍ତଙ୍କୁ ଭଲ ପାଇବା। ତୁମେ ଯେତେବେଳେ ଭଲ ମଣିଷ ହେବ, ସେତେବେଳେ ହିଁ ତ୍ରିରଙ୍ଗାର ସମ୍ମାନ ହେବ। ମିଟୁର ଆଖି ଚମକି ଉଠିଲା। ଅଗଷ୍ଟ ପନ୍ଦର ସକାଳ ହେଲା। ମିଟୁ ନୂଆ ପୋଷାକ ପିନ୍ଧି ସ୍କୁଲକୁ ଗଲା। ସ୍କୁଲ ପରିସର ରଙ୍ଗବେରଙ୍ଗ ବେଲୁନ୍ ଓ ଫୁଲରେ ସଜାଯାଇଥିଲା। ପତାକା ଉତ୍ତୋଳନର ସମୟ ହେଲା। ପ୍ରଧାନଶିକ୍ଷକ ଦଉଡ଼ି ଟାଣିଲେ। ଆକାଶ ତଳେ ତ୍ରିରଙ୍ଗା ଫରଫର ହୋଇ ଉଡ଼ିଲା। ସମସ୍ତ ପିଲା ଏକାଠି ହୋଇ ଜାତୀୟ ସଙ୍ଗୀତ ଗାନ କଲେ। ମିଟୁର ଛାତିଟା ଗର୍ବରେ ଫୁଲି ଉଠିଲା। କିଛି ସମୟ ପରେ ଶିକ୍ଷକ ପଚାରିଲେ, ପିଲାମାନେ, କୁହ ତ! ଆମ ତ୍ରିରଙ୍ଗା ଆମକୁ କ'ଣ ଶିଖାଏ? ସମସ୍ତେ ଚୁପ୍ ହୋଇଗଲେ। ହେଲେ ମିଟୁ ଧୀରେ ଧୀରେ ହାତ ଉଠାଇଲା। ସାର୍, ମୁଁ କହିବି? ଶିକ୍ଷକ କହିଲେ, ହଁ ମିଟୁ, କୁହ। ମିଟୁ କହିଲା, ସାର୍! ତ୍ରିରଙ୍ଗା ଆମକୁ ସାହସୀ ହେବାକୁ, ଶାନ୍ତିରେ ରହିବାକୁ ଓ ଦେଶକୁ ଆଗକୁ ନେବାକୁ ଶିଖାଏ। ଏହା ଆମ ପାଇଁ କେବଳ ଗୋଟିଏ ପତାକା ନୁହେଁ। ଏହା ଆମ ଦେଶର ଗର୍ବ। ଏହାକୁ ଦେଖିଲେ ମୋତେ ମୋ ଦେଶ ପାଇଁ କିଛି ଭଲ କାମ କରିବାକୁ ଇଚ୍ଛା ହୁଏ। ଶିକ୍ଷକ ଖୁସି ହୋଇ ମିଟୁକୁ ପାଖକୁ ଡାକି ତା'ର ପିଠିକୁ ଥାପୁଡେଇ ଦେଲେ। କହିଲେ, ବାଃ! ଆଜି ତୁମେ ଖୁବ୍ ସୁନ୍ଦର କଥା କହିଲ। ମିଟୁ ଆକାଶରେ ଉଡ଼ୁଥିବା ତ୍ରିରଙ୍ଗାକୁ ଚାହିଁ ମନେ ମନେ ଗର୍ବ ଅନୁଭବ କରୁଥାଏ। ସେଦିନ ଘରକୁ ଫେରିବା ବେଳେ ମିଟୁ ତା'ର ଛୋଟ ତ୍ରିରଙ୍ଗାଟିକୁ ହାତରେ ଜାବୁଡ଼ି ଧରିଥିଲା। ତା'ର ମୁହଁରେ ଥିଲା ହସ, ଆଖିରେ ଥିଲା ସ୍ୱପ୍ନ ଏବଂ ହୃଦୟରେ ଥିଲା ଗୋଟିଏ ଗର୍ବର କଥା- ତ୍ରିରଙ୍ଗା ମୋ ଗର୍ବ, ଭାରତ ମୋର ଗର୍ବ।

ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## କୁନି ହାତରେ ତୂଳୀ






ଶୁଭମ୍ ମହାନ୍ତି
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର, ମୟୂରଭଞ୍ଜ




ଶୁଭଶକ୍ତି ହାଁସଦା
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ
ମୟୂରଭଞ୍ଜ





ଇପ୍‌ସିତା ଜେନା
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





ଶ୍ରୀୟାଦିତା ରାୟ
ପଞ୍ଚମ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା, ପୁରୀ




ଦମୟନ୍ତୀ ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ

## ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ଆଜି ଆରମ୍ଭ

# ଗରମ, କୁକାବୁରା ଭାରତର ବଡ଼ ପ୍ରତିଦ୍ୱନ୍ଦ୍ୱୀ

**ଗଲ,୧୪।୮ (ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲି ବା ଶନିବାରରୁ ଏଠାରେ ଆରମ୍ଭ ହେବ। ମ୍ୟାଚ୍ ଖେଳାଯିବାକୁ ଥିବା ଗଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ପିଚ୍ ଭାରତୀୟ ଉପମହାଦେଶର ପିଚ୍ ହୋଇଥିବାରୁ ଭାରତକୁ ଏଠାରେ ଖେଳିବା ଲାଗି ବିଶେଷ କଷ୍ଟ ହେବା କଥା ନୁହେଁ। କିନ୍ତୁ ପିଚ୍ କିମ୍ବା ଘରୋଇ ଖେଳାଳି ନୁହଁନ୍ତି, ଏଠାରେ ଭାରତର ବଡ଼ ପ୍ରତିଦ୍ୱନ୍ଦ୍ୱୀ ହେଉଛି ଅସହ୍ୟ ଗରମ ଓ ଆଦ୍ରତା। ବର୍ଷା ହେବା ପରେ ଅସହ୍ୟ ଗରମ ହେଉଛି। ଏହା ସହ କୁକାବୁରା ବଲ୍‌ରେ ଖେଳିବା ମଧ୍ୟ କଷ୍ଟକର। ଶ୍ରୀଲଙ୍କାର ଖେଳାଳି ଯେତିକି ଅସୁବିଧା ସୃଷ୍ଟି ନ କରିବେ ଏହି ଦୁଇଟି କାରଣ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ ପ୍ରତିବନ୍ଧକ ସୃଷ୍ଟି କରିଛି।

ବୋଲିଂ କୋଚ୍ ମୋର୍ଣ୍ଣ ମୋର୍କେଲଙ୍କ କହିବା କଥା ହେଲା ଡ୍ୟୁକ୍ ବଲ ଭଳି କୁକାବୁରା ବଲ ୨୦ରୁ ୨୫ ଓଭରପରେ ଢ଼ିଲା ହୋଇଯାଉଛି। ଏହି ସମୟରେ କିପରି ବୋଲିଂ କରିବାକୁ ହେବ ତାହା ଚିନ୍ତାର କାରଣ ହୋଇଛି। ବଲ ଢ଼ିଲା ହୋଇଗଲେ ସ୍ପିନର ପ୍ରଭାବଶାଳୀ ହୋଇ ପାରିବେ ନାହିଁ। ରିଭର୍ସ ସୁଇଂ ଓ ସଟ୍ ବଲ ହିଁ ଭରସା। ପିଚ୍ ମନ୍ଥର ହୋଇଗଲେ ଏହା ସମ୍ଭବ ହେବ ନାହିଁ।



**ସମ୍ଭାବ୍ୟ ଭାରତୀୟ ଦଳ** : ଲୋକେଶ ରାହୁଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପାଡିକଲ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ (ୱିକେଟରକ୍ଷକ), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ମାନବ ସୂତାର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା। **ରିଜର୍ଭ** - ଗୁରନୁର ବ୍ରାର, ସର୍ଫରାଜ ଖାନ, ସାରାଂଶ ଜୈନ, ଆକ୍ୱିବ ନବି।

**ଶ୍ରୀଲଙ୍କା ଦଳ** : ଲାହିରୁ ଉଦାରା, ନିଶାନ ମଦୁସ୍କା, ଦିନେଶ ଚାଣ୍ଡିମଲ, କାମିନ୍ଦୁ ମେଣ୍ଡିସ୍ (ଉପଅଧିନାୟକ), ଧନଞ୍ଜୟ ଡି ସିଲ୍‌ଭା (ଅଧିନାୟକ), ନିରୋସନ ଡିକ୍‌ୱେଲା (ୱିକେଟ ରକ୍ଷକ), ସୋନାଲ ଦିନୁଶା, ରମେଶ ମେଣ୍ଡିସ୍, ପ୍ରବାତ ଜୟସୁରିଆ, ଅସିଥା ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା।

**ରିଜର୍ଭ**- କେଶରା ନୁୱାନ୍ଥା, ମିଲନ ରତନାୟକେ, ବିଶ୍ୱ ଫର୍ଣ୍ଣାଣ୍ଡୋ, ଦିଲସାନ ମଦୁଶଙ୍କା, ପାସିନ୍ଦୁ ସୁରିଆବାନ୍ଦରା।

**ଖେଳ ଆରମ୍ଭ- ପୂର୍ବାହ୍ନ ୧୦ଟା**
**ଟିଭି ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ - ସୋନି ଲାଇଭ୍**

## ଓସିଏ କର୍ମକର୍ତ୍ତା ନିର୍ବାଚନ

# ବିସିସିଆଇକୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

**କଟକ,୧୪।୮ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର କର୍ମକର୍ତ୍ତା ନିର୍ବାଚନ ପ୍ରସଂଗ ନେଇ ଦାୟର ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ପ୍ରସଂଗରେ ବୋର୍ଡ ଅଫ୍ କଣ୍ଟ୍ରୋଲ ଫର କ୍ରିକେଟ ଇନ୍ ଇଣ୍ଡିଆ (ବିସିସିଆଇ)କୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ସନରାଇଜ କ୍ଲବ ତରଫରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସାବିତ୍ରୀ ରଥ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟ ପ୍ରତିପକ୍ଷମାନେ ମଧ୍ୟ ପରବର୍ତ୍ତୀ ଶୁଣାଣି ପୂର୍ବରୁ ସତ୍ୟପାଠ ଦାଖଲ କରିପାରିବେ। ଅଗଷ୍ଟ ୨୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। କାର୍ଯ୍ୟକାଳ ଶେଷ ହୋଇଥିବା ଓସିଏର ବିଭିନ୍ନ ପଦପଦବୀ ପାଇଁ ନିୟମ ଅନୁସାରେ ନିର୍ବାଚନ ଘୋଷଣା କରାଯାଉ ଏବଂ ବିଭିନ୍ନ କର୍ମକର୍ତ୍ତା ନିର୍ବାଚିତ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ବିସିସିଆଇ, ଓସିଏ, ଓସିଏ ସଭାପତି, ଉପସଭାପତି, ଯୁଗ୍ମସଚିବ, କୋଷାଧ୍ୟକ୍ଷ ଓ କଟକ ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ଜେଏଫ୍‌ସିକୁ ୧୦୦ ଟଙ୍କାରେ ବିକିଦେଲା ଟାଟା ଷ୍ଟିଲ

**ରାଞ୍ଚି,୧୪।୮ (ଏଜେନ୍ସି):** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଟିମ୍ ଜାମ୍‌ସେଦପୁର ଫୁଟବଲ କ୍ଲବ୍ (ଜେଏଫ୍‌ସି)କୁ ମାତ୍ର ୧୦୦ ଟଙ୍କାରେ ଏହାର ଫ୍ରାଞ୍ଚାଇଜ୍ ମାଲିକ ଟାଟା ଷ୍ଟିଲ ଗୋଆର ଚର୍ଚ୍ଚିଲ ବ୍ରଦର୍ସକୁ ବିକ୍ରି କରିଦେଇଛି। ଏହା ଫଳରେ ଟାଟା ଷ୍ଟିଲ୍‌ର ଆଇଏସ୍‌ଏଲ୍‌ରେ ପ୍ରତିନିଧିତ୍ୱ ଶେଷ ହୋଇଛି। ସେପ୍ଟେମ୍ବର ମାସରୁ ଚର୍ଚ୍ଚିଲ ବ୍ରଦର୍ସ ଜେଏଫ୍‌ସିର ସମସ୍ତ ଦାୟିତ୍ୱ ନେବ। ଜେଏଫ୍‌ସିର ସମସ୍ତ ଅଂଶଧନକୁ ମଧ୍ୟ ଚର୍ଚ୍ଚିଲ ବ୍ରଦର୍ସକୁ ଟାଟା ଷ୍ଟିଲ ହସ୍ତାନ୍ତର କରିଛି। ଏହା ସହ କ୍ଲବର ୧୨ଜଣ ଖେଳାଳି ଓ ୨ ଜଣ କୋଚ୍‌ଙ୍କ ଦାୟିତ୍ୱ ଗ୍ରହଣ କରିବ।

## ଏସିଆ କପ୍ ଓ ଏସିଆଡ୍‌ରୁ ବାଦ୍ ପଡ଼ିଲେ ଜେମିମା

**ମୁମ୍ବଇ,୧୪।୮ (ଏଜେନ୍ସି):** ଭାରତୀୟ ମହିଳା କ୍ରିକେଟ ଦଳର ଅନ୍ୟତମ ନିର୍ଭରଯୋଗ୍ୟ ବ୍ୟାଟର ଜେମିମା ରୋଡ୍ରିଗ୍ସ ଆଘାତ ଜନିତ କାରଣରୁ ଏସିଆ କପ୍ ଓ ଏସିଆନ ଗେମ୍ସରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ପ୍ରତୀକା ରାୱଲଙ୍କୁ ଦଳରେ ସାମିଲ କରାଯାଇଛି। ୟୁଏଇରେ ଏସିଆ କପ୍ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୩ଯାଏ, ଏସିଆନ ଗେମ୍ସ ସେପ୍ଟେମ୍ବର ୧୭ରୁ ୨୨ଯାଏ ଖେଳାଯିବ।

## ତାନ୍‌ଜିଦ୍‌ଙ୍କ ପ୍ରଥମ ଶତକ

**ଡାରୱିନ୍,୧୪।୮ (ଏଜେନ୍ସି):** ତାନଜିଦ ହାସନଙ୍କ ପ୍ରଥମ ଟେଷ୍ଟ ଶତକ (୧୦୧ରନ୍) ଓ ଅଧିନାୟକ ନାଜମୁଲ ହୋସେନ ସାଣ୍ଟୋ (୮୪ରନ୍)ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଅଷ୍ଟ୍ରେଲିଆ ସହ ଚାଲିଥିବା ପ୍ରଥମ ଟେଷ୍ଟ ବାଂଲାଦେଶ ୧୫୩ ରନ୍‌ରେ ଆଗୁଆ ରହିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୯୮ ରନ୍ କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ବାଂଲାଦେଶ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୫୧ ରନ୍ ସଂଗ୍ରହ କରିନେଇଛି।

## ଏଫ୍‌ଆଇଏଚ୍ ପୁରୁଷ ବିଶ୍ୱକପ୍ ହକି ଆଜିଠାରୁ

# ଭାରତ-ୱେଲ୍ସ ଉଦ୍‌ଘାଟନୀ ମୁକାବିଲା

**ଆମଷ୍ଟଲଭିନ୍,୧୪।୮ (ଏଜେନ୍ସି)**

ଭାରତ ଓ ୱେଲ୍ସ ମୁକାବିଲା ସହ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକକ କ୍ରୀଡ଼ା ପ୍ରତିଯୋଗିତା ଏଫ୍‌ଆଇଏଚ୍ ବିଶ୍ୱକପ୍ ହକିର ୧୬ତମ ସଂସ୍କରଣ ଆସନ୍ତାକାଲିଠାରୁ ନେଦରଲ୍ୟାଣ୍ଡସ ଓ ବେଲଜିୟମରେ ଆରମ୍ଭ ହେବ। ଅଗଷ୍ଟ ୩୦ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଦୁଇଟି ଭେନ୍ୟୁ ଯଥା ଆମଷ୍ଟଲଭିନ ଓ ୱାଭରେରେ ଖେଳାଯିବ। ଏଥିରେ ଅଂଶଗ୍ରହଣ କରିଥିବା ୧୬ଟି ଦଳକୁ ୪ଟି ପୁଲ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ପୁଲ୍-ଏ ଓ ପୁଲ୍-ଡି'ର ମ୍ୟାଚ୍‌ଗୁଡିକ ଅମଷ୍ଟଲଭିନ୍‌ରେ ଓ ପୁଏ-ବି ଓ ସି'ର ମ୍ୟାଚ୍ ବେଲଜିୟମର ୱାଭରେ ସହରରେ ଖେଳାଯିବ। ଆସନ୍ତାକାଲି ପୁଲ-ଡି'ରେ ଭାରତ ଓ ୱେଲ୍ସ ମୁକାବିଲାରୁ ଏହି ବିଶ୍ୱକପ୍ ଆରମ୍ଭ ହେବ। ଗୋଟିଏ ଦିନ ପରେ ମହିଳା ଦଳ ଚୀନ୍ ସହ ଖେଳି ଅଭିଯାନ ଆରମ୍ଭ କରିବ। ପୁରୁଷ ଦଳ ଭଳି ମହିଳା ଟିମ୍ ମଧ୍ୟ ପୁଲ-ଡି'ରେ ସ୍ଥାନ ପାଇଛି।




**ଭାରତ- ୱେଲ୍ସ ମ୍ୟାଚ୍: ଅପରାହ୍ନ ୪.୩୦**
**ଟିଭି ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ**
**ଲାଇଭ୍ ଷ୍ଟ୍ରିମିଂ- ଜିଓହଟ୍‌ଷ୍ଟାର**

ଏହି ପ୍ରତିଯୋଗିତାରେ ହରମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଭାରତ ଖେଳିବାକୁ ଯାଉଛି। ଦଳରେ ହରମନପ୍ରୀତ୍, ମନ୍‌ପ୍ରୀତ ସିଂହ, ମନଦୀପ ସିଂହ ଓ ଅମିତ ରୋହିଦାସ ମିଳିତ ଭାବେ ଦଳର ମୋଟ ୪୧ଶତକଡ଼ା ମ୍ୟାଚ୍ ଖେଳିଛନ୍ତି। ଅନ୍ୟମାନେ ନବାଗତ ଓ ଏତେଟା ଅଭିଜ୍ଞ ନୁହଁନ୍ତି। ଅମିତଙ୍କ ପରେ ଶିଳାନନ୍ଦ ଲାକ୍ରା ଓଡ଼ିଶାରୁ ଦ୍ୱିତୀୟ ଖେଳାଳି ଭାବେ ସାମିଲ ହୋଇଛନ୍ତି। ପୁଲ୍-ଏ'ରେ ଇଂଲଣ୍ଡ ନିଃସନ୍ଦେହରେ ଏକ ଶକ୍ତିଶାଳୀ ଦଳ। ୱେଲ୍ସ ଓ ପାକିସ୍ତାନକୁ ହରାଇ ଭାରତକୁ ଦ୍ୱିତୀୟ ରାଉଣ୍ଡରେ ପ୍ରଥମେ ପ୍ରବେଶ କରିବାକୁ ହେବ। ଏହା ପର କଥା ପରେ ନିର୍ଣ୍ଣୟ କରାଯିବ। ମହିଳା ବିଭାଗରେ ସଲିମା ଟେଟେ ଦଳର ନେତୃତ୍ୱ ନେଉଛନ୍ତି। ଦଳ ପୁଲ୍-ଡି'ରେ ଚୀନ୍, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ଅଗଷ୍ଟ ୧୬ରେ ଚୀନ ସହ ପ୍ରଥମ, ୧୮ରେ ଇଂଲଣ୍ଡ ସହ ଦ୍ୱିତୀୟ ଓ ୨୦ରେ ଦକ୍ଷିଣ ଆଫ୍ରିକା ସହ ତୃତୀୟ ମ୍ୟାଚ୍ ଖେଳିବ।










PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS